# ଦେଶିଆ ଢଗ୍
# ଆରି ବାକ୍‌ନା



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ଦେଶିଆ ଢଗ୍ ଆରି ବାକ୍ନା

(ଦେଶିଆ ଢଗଢ଼ମାଳି ଓ ଧନ୍ଦା ବା ନାଁଦିଆ)


**ନିର୍ଦ୍ଦେଶକ**

ପ୍ରଫେସର (ଡ଼କ୍ଟର) ଅଖିଳ ବିହାରୀ ଓଟା

ସଦସ୍ୟ- ସଚିବ

**ସଂକଳକ**

ଡଃ. ରାଜେନ୍ଦ୍ର ପାଢ଼ୀ

**ସଂପାଦକ**

ଶ୍ରୀ ପ୍ରମୋଦ କୁମାର ପରିଡ଼ା : ଏମ.ଏ. ପି.ଏଚ.ଡ଼ି

ଅବସରପ୍ରାପ୍ତ ପ୍ରାଧାପକ, ଓଡ଼ିଆ ବିଭାଗ

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

ଭୁବନେଶ୍ୱର

# ଦେଶିଆ ଢଗ୍ ଆରି ବାକ୍ନା

ସଂକଳକ : ଡଃ. ରାଜେନ୍ଦ୍ର ପାଢ଼ୀ
ନିର୍ଦ୍ଦେଶକ : ପ୍ରଫେସର (ଡ଼କ୍ଟର) ଅଖିଳ ବିହାରୀ ଓତା
ସଂପାଦକ : ଶ୍ରୀ ପ୍ରମୋଦ କୁମାର ପରିଡ଼ା :

© ପ୍ରକାଶକ :
ସଦସ୍ୟ ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ,
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ
ୟୁନିଟ୍ -୧, ଭୁବନେଶ୍ୱର -୭୫୧୦୦୯
ପ୍ରଥମ ପ୍ରକାଶ : ଜାନୁୟାରୀ -୨୦୦୯

ମୁଦ୍ରଣ :
ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର-୧୦

# DESIA DHAG ARI BAKANA

Compilor : Dr. Rajendra Padhi
Director : Prof.(Dr.) A. B. Ota
Editor : Dr. Pramod Kumar Parida

© Published By:
Member Secretary,
Academy of Tribal Languages & Culture,
Advais Exhibition Ground,
Unit - 1, Bhubaneswar - 751009
1st Published : January,2009

Printed at:
Bholanath Press
1201/1601, Bomikhal, Bhubaneswar-10

# ଅଗ୍ରଲେଖ

ଦେଶିଆ ଭାଷା ଅବିଭକ୍ତ କୋରାପୁଟ୍ ଜିଲାର ଜୟପୁର, କୋରାପୁଟ୍, ନବରଙ୍ଗପୁର, ମାଲ୍‌କାନଗିରି ଉପଖଣ୍ଡରେ ବ୍ୟବହୃତ ଏକ ସାଧାରଣ ଭାଷା। ଓଡ଼ିଶାର କେବଳ ଏହି ଅଞ୍ଚଳରେ ଏହା ସୀମିତ ନୁହେଁ ବରଂ ପ୍ରତିବେଶୀ ଅଞ୍ଚଳର ଗାଁ ଗହଳି, ହାଟ, ବଜାର, ଘର ଦୁଆରେ, ଏ ଭାଷାପ୍ରୀତି ଏତେ ବ୍ୟାପକ ହେବାରେ ଲାଗିଛି ଯେ ଏଭାଷାରେ କ୍ୟାସେଟ୍, ଗୀତ ଇତ୍ୟାଦି ବୈଦ୍ୟୁତିକ ମାଧମର ସାହାଯ୍ୟରେ ଅତ୍ୟନ୍ତ ଲୋକପ୍ରିୟ ହେବାରେ ଦେଖିବାକୁ ମିଳୁଛି।

ସାଧାରଣ ଭାବେ ସାଂସ୍କୃତିକ ପ୍ରଭାବ ଓ ଆଦାନପ୍ରଦାନ କାଳରେ ଭାଷା ଆଉ ବାଧକ ହୋଇନାହିଁ ବରଂ ଭାବସାନ୍ଦ୍ରତା, ସଂଚରଣଶୀଳ ରସଚର୍ଚ୍ଚା, କ୍ରମଶଃ ପୃଥିବୀକୁ ସଂକୀର୍ଣ୍ଣ କରିବାରେ ଲାଗିଛି।

ଏହି ପରିପ୍ରେକ୍ଷୀରେ ଦେଶିଆ ଭାଷାରେ ପ୍ରଚଳିତ ଢଗଢମାଳି, ପ୍ରହେଳିକା, ଧନ୍ଦା, ନାଁ' ଦିଆ - ଇତ୍ୟାଦି ଲୋକୋକ୍ତି ଗୁଡ଼ିକର ଏକ ସଂକଳିତ ରୂପ ଯେ, ସହରୀ ସଭ୍ୟତାରେ ଆକ୍ରାନ୍ତ ହୋଇ ଆସୁଥିବା ମହାନ୍ ସାଂସ୍କୃତିକ ପରଂପରାକୁ ସୁରକ୍ଷା ଦେବା ଓ ଲୋକଲୋଚନକୁ ଆଣିବାର ଏକ ସଫଳତମ ଉଦ୍ୟମ - ଏହା ମୁଁ ସ୍ୱୀକାର କରୁଛି।

ଆଶା କରୁଛି, ପାଠକଙ୍କର ଆଗ୍ରହ ଓ ଶ୍ରଦ୍ଧା ସଂଗ୍ରାହକଙ୍କର ଏହି ପରିଶ୍ରମର ଯଥାର୍ଥ ମୂଲ୍ୟ ହେବ।

**ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ**
ମାନ୍ୟବର ମନ୍ତ୍ରୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ
ଭୁବନେଶ୍ୱର

# ଭୂମିକା

ଅବିଭକ୍ତ କୋରାପୁଟ ଜିଲ୍ଲାର ଜୟପୁର, କୋରାପୁଟ୍, ନବରଙ୍ଗପୁର, ମାଲକାନ୍‌ଗିରି ଉପଖଣ୍ଡର ଛୋଟବଡ଼ ଗାଁ-ସହର, ବୁଲିଲାବେଳେ, ସମୟ ହେଉ ଅସମୟ ହେଉ ଅନେକ ମଣିଷ ସଂସ୍ପର୍ଶରେ ମୁଁ ଆସିଛି। ସେମାନଙ୍କର ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଲା ନିଜକୁ ଭଲ ପାଇବା। ଯାହା ପାଇଛନ୍ତି ସେତିକିରେ ସନ୍ତୁଷ୍ଟ ରହିବା, ମନ ଭରି ଗୀତ ବୋଲି ନାଚିବା, ଟାହି ଟାପରା, ଶୁଦ୍ଧ ବ୍ୟଙ୍ଗ ବିଦ୍ରୁପ ସାହାଯ୍ୟରେ ପରିହାସ କରିବା- ପୁଣି ସବୁଥିରେ ପୂର୍ଣ୍ଣତଃ ନିଜକୁ ବୁଡ଼େଇ ରଖିବା। ନାଁ ଅତୀତ ପ୍ରତି ଅନୁଶୋଚନା, ନା ଭବିଷ୍ୟତ ପ୍ରତି ଏକ ଆଶଂକିତ ଭ୍ରୁକୁଟୀ – କିଛି ନାହିଁ ଖାଲି ବର୍ତ୍ତମାନ। ବର୍ତ୍ତମାନ। ସତକୁ ମୁହାଁମୁହିଁ ଦେଖିବା। ସେ ସତରେ ଆନନ୍ଦ ଭରପୁର, ସଂଗୀତରେ- ବାଦ୍ୟରେ -ନୃତ୍ୟରେ -ସବୁଠି ସତ୍ୟ ଓ ଆନନ୍ଦର ସଂଚରଣ। ତା'ରି ଭିତରେ ଜୀବନର ଭୋଗ-ଜୀବନର ପ୍ରକାଶ – ସବୁଠି ଏକ ନିଶଙ୍କ ଜୀବନ ଚର୍ଚ୍ଚା।

ଏହି ଜୀବନଧାରାର ବାହକ ହେଉଛନ୍ତି ମୁଖ୍ୟତଃ ମୁଖ ପ୍ରସାରିତ ଦ୍ୱି'ପଦୀ, ତିନିପଦୀ, ଚଉପଦୀ। ଅତି ଉଦ୍ଦେଶ୍ୟହୀନ ଭାବେ ଜଙ୍ଗଲୀ ଝରଣା ଭଳି କୂଳଥଳର ଆକଟ ନମାନି ବହିଯାଉଥିବା ଢ଼ଗଢମାଳି, ପ୍ରହଳିକା,ଧନ୍ଦା, ନାଁଦିଆ । ବୁଝିଲେ ମୁଗ୍ଧ କରେ – ନବୁଝିଲେ ବି ପରିବେଷଣ ଶୈଳୀ ଓ ବାତାବରଣ ମୁଗ୍ଧ କରେ। ଥରେ ଗୋଠରେ ପଶିଲେ ଆଉ ଯେପରି ପଘାର ଦରକାର ହୁଏ ନାହିଁ- ଆପେ ଆପେ ବାନ୍ଧି ହୋଇଯାଏ; ବେକ, ମନ,ମୁନ, ଚୈତନ୍ୟ, ସବୁ ବାନ୍ଧି ହୋଇଯାଏ ଏସବୁର ସରଳ ପରିବେଷଣ କୌଶଳରେ – ଭାବର ଗଭୀରତାରେ- ସୌନ୍ଦର୍ଯ୍ୟର ବ୍ୟାପ୍ତିରେ। ଉଲ୍ଲସିତ ହୋଇ ଉଠେ ପ୍ରାଣ।

ଏ ଯାଏ ଅଲିଖିତ ଏହିଭଳି ଗୋଟିଏ ଅଂଚଳର ବହୁଜନ କଥିତ ଦେଶିଆ ଭାଷାର ଏ ଅମୂଲ୍ୟ ସଂପଦ – ଢଗ ଓ ଧନ୍ଦା, ପଲ୍ଲୀ ଜୀବନର ଅବା ତଥାପି ଅଛୁଆଁ ଜୀବନର ଅମୃତ ପ୍ରକାଶ – ଅଭିଜ୍ଞତା, ରସିକତା ଓ ସାମାଜିକତାରେ ପରିପୂର୍ଣ୍ଣ ଜୀବନର ପ୍ରକାଶ। ତାକୁ ଧରି ରଖିଥିବାର ଏ ପ୍ରୟାସ ; ପରିବେଷଣ କରି ତା'ର ଚିରନ୍ତନତାକୁ କାଳବକ୍ଷରେ ସାଇତି ରଖିବାର ଉଦ୍ୟମ। ଜୀବନ ଲୋଭୀ ଜନଜାତିଠାରୁ ଜୀବନ ସାଉଁଟିବାର ଏକ ବିଷମ ପ୍ରୟାସ।

ପାଠକ କହିବେ – ଏ ସଂକଳନ ତା'ର ଦାୟିତ୍ୱ ସଂପାଦନରେ କେତେ ସଫଳ ହୋଇଛି। ପୁନଶ୍ଚ ଏ ସଂକଳନ କାର୍ଯ୍ୟରେ ସଂପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଆନ୍ତରିକ ଅବଦାନ ପାଇଁ ମୁଁ ସାଧୁବାଦ ଜଣାଉଛି।

**ଅଖିଳ ବିହାରୀ ଓଟା**
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ,
ଭୁବନେଶ୍ୱର

# କୃତଜ୍ଞତା

ମୋର ଦୀର୍ଘ କୋଡ଼ିଏ ବର୍ଷର ଲୋକୋକ୍ତି ସଂଗ୍ରହ କାଳରେ ଅବିଭକ୍ତ କୋରାପୁଟ୍ ଜିଲ୍ଲାର ଯେଉଁ ବାଳକ, ବାଳିକା, ପୁରୁଷ, ସ୍ତ୍ରୀ, ଗୀତକୁଡ଼ିଆ ଓ ଗୀତ କୁଡ଼ିଆଣୀମାନେ ମୋର କାର୍ଯ୍ୟକୁ ନିଶାରେ ପରିଣତ କରିଦେଇଥିଲେ, ମୁଁ ସେମାନଙ୍କ ନିକଟରେ କୃତଜ୍ଞ।

ଢଗଢ଼ମାଳି, ଧନ୍ଦା ବା ନାଁଦିଆ ସଂଗ୍ରହ କାଳରେ ସେମାନଙ୍କର ଅକୁଣ୍ଠ ସହଯୋଗ ମୋତେ ମୁଗ୍ଧ ବିସ୍ମିତ କରିଛି ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସଦସ୍ୟ-ସଚିବ, ପ୍ରଫେସର (ଡ଼ଃ) ଅଖିଳ ବିହାରୀ ଓତାଙ୍କର ସୁଦୂର ପ୍ରସାରୀ ଦୃଷ୍ଟି, ସଂସ୍କୃତି ପ୍ରୀତି ଓ ଅନ୍ତରଂଗତା ପାଇଁ ତାଙ୍କୁ କୃତଜ୍ଞତା ଜଣାଉଛି।

ବିଶିଷ୍ଟ ଗବେଷକ ଡ଼ଃ ମହେନ୍ଦ୍ର କୁମାର ମିଶ୍ର, ଡ଼ଃ ପରମାନନ୍ଦ ପଟେଲ, ବଂଧୁ ବିଜୟ ଉପାଧ୍ୟାୟଙ୍କୁ ତାଙ୍କର ପରାମର୍ଶ ଓ ପ୍ରେରଣା ପାଇଁ ମଧ କୃତଜ୍ଞତା ଜଣାଉଛି।

ମୋର ପତ୍ନୀ ଶ୍ରୀମତୀ ଇନ୍ଦିରା ପାଢ଼ୀଙ୍କର ଢ଼ଗ ଢମାଳି, ଧନ୍ଦା ପ୍ରୀତି ଓ ସଂଗ୍ରହ କାଳୀନ ସହଯୋଗ ପାଇଁ ତାଙ୍କୁ କୃତଜ୍ଞତା ଜଣାଉଛି।

ସର୍ବୋପରି ଜନଜାତି ଉନ୍ନୟନ, ସାଂସ୍କୃତିକ ଐଶ୍ୱର୍ଯ୍ୟ ସଂରକ୍ଷଣ ଏବଂ ଜନଜାତିର ଜୀବନଧାରାର ବୈଶିଷ୍ଟ୍ୟ ଓ ମହତ୍ୱର ସୁରକ୍ଷା ପାଇଁ ବଦ୍ଧପରିକର। ଓଡ଼ିଶା ସରକାର ଏବଂ ଏ ବିଭାଗର ସମସ୍ତ ବରିଷ୍ଠ କର୍ମକର୍ତ୍ତାଙ୍କ ନିକଟରେ ପୁସ୍ତକ ପ୍ରସ୍ତୁତି ନିମିତ୍ତ ସହନଶୀଳତା ପାଇଁ କୃତଜ୍ଞତା ଜଣାଉଛି।

ରାଜେନ୍ଦ୍ର ପାଢ଼ୀ

# ସୂଚୀପତ୍ର


| କ୍ର. ସଂ | ବିଷୟ | ପୃଷ୍ଠାଙ୍କ |
|---|---|---|
| ୧. | ମୁଖବନ୍ଧ | ୧ |
| ୨. | ଢ଼ଗ୍ (ଢ଼ଗଢ଼ମାଳି) | |
| | ସମସ୍ୟାମୂଳକ | ୧୯ |
| | ଲୋକବିଶ୍ୱାସମୂଳକ | ୨୦ |
| | ସାମାଜିକ ଓ ପାରିବାରିକ ଚଳଣିଭିତ୍ତିକ | ୨୧ |
| | ବ୍ୟଙ୍ଗ ବିଦ୍ରୂପମୂଳକ | ୨୫ |
| | ଅନୁଭବଭିତ୍ତିକ | ୩୦ |
| | କ୍ଷଣଭଙ୍ଗୁରବାଦ ଭିତ୍ତିକ | ୩୩ |
| | ଲୋକଚରିତ୍ର ଭିତ୍ତିକ | ୩୪ |
| | ଭାଗ୍ୟବାଦ ଭିତ୍ତିକ | ୩୮ |
| | ଜାତିଭିତ୍ତିକ | ୩୯ |
| | ଉପଦେଶାତ୍ମକ | ୪୨ |
| ୩. | ବାକ୍ନା (ନାଁଦିଆ) | |
| | ବୃକ୍ଷଲତା | ୪୬ |
| | ଫୁଲଫଳ | ୫୧ |
| | ପଶୁପକ୍ଷୀ ଓ କୀଟପତଙ୍ଗ | ୫୮ |
| | ମନୁଷ୍ୟର ଅଙ୍ଗପ୍ରତ୍ୟଙ୍ଗ | ୭୦ |
| | ପ୍ରକୃତି | ୭୩ |
| | ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ | ୭୬ |
| | ଅନ୍ୟାନ୍ୟ ବିଷୟକ | ୮୭ |

# ॥ ମୁଖବନ୍ଧ ॥

ଲୋକ ସଂସ୍କୃତି (Folklore) ର ପରିସର ଅତ୍ୟନ୍ତ ବ୍ୟାପକ। ମାନବ ଜୀବନର ସାମଗ୍ରିକ ଜୀବନଚର୍ଯ୍ୟା ଲୋକସଂସ୍କୃତିର ପରିସରଭୁକ୍ତ। ସଂସ୍କୃତିର ଆଧାର ହେଉଛି କଳା ଓ ଶିଳ୍ପ। ତେଣୁ କଳା ଓ ଶିଳ୍ପ ମାଧ୍ୟମରେ ଯୁଗ ଯୁଗର ମାନବ ସଭ୍ୟତାର ବିକାଶ ଓ ବୈଶିଷ୍ଟ୍ୟ ସହିତ କଳାତ୍ମକ ଅଭିରୁଚି ସୌନ୍ଦର୍ଯ୍ୟବିଳାସ, ସକଳ ଚିନ୍ତା ଚେତନା ହିଁ ପ୍ରକାଶ ପାଇଥାଏ, ଏବଂ ନିଜର କଥା କହିଥାଏ। ମାନବ ସମାଜର ଉଦ୍ଭବ - ସଭ୍ୟତାର ବିକାଶ ପର୍ଯ୍ୟାୟ ଏକ ନିର୍ଦ୍ଦିଷ୍ଟ କାଳ ଯାଏ ଅନ୍ଧକାରାଚ୍ଛନ୍ନ। ତେଣୁ ଅତୀତର ଏ ସଂପର୍କରେ କୌଣସି ଲିଖିତ ପ୍ରମାଣିକ ଦଲିଲର ଅଭାବସତ୍ତ୍ୱେ ପାରଂପରିକ ନିରକ୍ଷର ସମାଜରେ ଏମାନଙ୍କ ଆର୍ଥିକ, ସାମାଜିକ, ଧାର୍ମିକ ନୀତିନିୟମ ସହ ଲୋକଙ୍କ ଦ୍ୱାରା ସୃଷ୍ଟ ମୌଖିକ କଳା ମଧ୍ୟରେ ଏକ ଅଭେଦ୍ୟ ଯୋଗସୂତ୍ର ରହିଥାଏ। ଏହି ମୌଖିକ କଳାରେ ଲୋକଜୀବନର ଚଳିଚଳଣି, ହସକାନ୍ଦ, ପ୍ରେମବିରହ, ଘଟଣା ଦୁର୍ଘଟଣା, ରୀତିନୀତି ଓ ପ୍ରଥା ପରଂପରାର ବାସ୍ତବ ଚିତ୍ରର ପ୍ରତିଫଳନ ଘଟିଥାଏ। ମାନବବିଜ୍ଞାନୀ ଡ଼ଃ. ଆର.ଏସ୍.ଡରସନ୍ ଲୋକସଂସ୍କୃତିର ଶୃଙ୍ଖଳାକୁ-ଭୌତିକ ଲୋକସମାଜ, ସାମାଜିକ ଲୋକଚଳଣି, ପ୍ରଦର୍ଶନଶୀଳ ଲୋକକଳା ଓ ମୌଖିକ ସାହିତ୍ୟ, ଏହି ଚାରି ଭାଗରେ ବିଭକ୍ତ କରିଛନ୍ତି। ତନ୍ମଧ୍ୟରୁ ମୌଖିକ ସାହିତ୍ୟ ଲୋକସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ। ଲୋକସମାଜରେ ପରଂପରାକ୍ରମେ ଲୋକମୁଖରେ ପୁରୁଷାନୁକ୍ରମେ ଗଢ଼ି ଆସୁଥିବା ଅସଂଖ୍ୟ ଗୀତ, କାହାଣୀ, ମିଥ୍, ଢଗଢ଼ମାଳି, ପ୍ରବାଦ, ପ୍ରବଚନ, ପହେଳି ଓ ନାଁଦିଆ ଆଦିକୁ ନେଇ ମୌଖିକ ସାହିତ୍ୟ ଅତ୍ୟନ୍ତ ପରିପୁଷ୍ଟ ଓ ସମୃଦ୍ଧ। ବିଭିନ୍ନ ଜନଗୋଷ୍ଠୀଙ୍କ ସାମାଜିକ ଚଳଣି, ଲୋକବିଶ୍ୱାସ, ସଂସ୍କାର, ଧର୍ମଧାରଣାମାନ ଏମାନଙ୍କ ମୌଖିକ ସାହିତ୍ୟରେ ସ୍ୱତଃସ୍ଫୂର୍ତ୍ତ ଭାବରେ ରୂପାୟିତ ହୋଇଥାଏ।

ଅବିଭକ୍ତ କୋରାପୁଟ ଜିଲ୍ଲାର ମୋଟ ଲୋକସଂଖ୍ୟାର ଅର୍ଦ୍ଧାଧିକ ଅଧିବାସୀ ବିଭିନ୍ନ ଜନଜାତିର ଅନ୍ତର୍ଭୁକ୍ତ। ଆର୍ଯ୍ୟ, ଦ୍ରାବିଡ଼ ଓ ଅଷ୍ଟ୍ରିକ୍ ଏହି ତ୍ରିବିଧ ଜନଗୋଷ୍ଠୀର ଭାଷା ଓ ସଂସ୍କୃତିର ମହାମିଳନ ପୀଠ ହେଉଛି କୋରାପୁଟ ଭୂଖଣ୍ଡ। ଏହି ମାଟିରେ କନ୍ଧ, କୋୟା, ଗାଦବା, ଡ଼ିଡ଼ାୟୀ, ଦୁରୁଆ, ପରଜା, ପେଣ୍ଟିଆ, ବଣ୍ଡା, ଭତରା, ଭୂମିଆ, ସଉରା, ମାଟିଆଙ୍କ ସମେତ ରଣା, ପାଇକ, ଶୁଣ୍ଢି, ମାଳି, ଡମ, ଘାସି ଇତ୍ୟାଦି ବିଭିନ୍ନ ଜନଜାତିଙ୍କର ଭାଷା ଓ ସଂସ୍କୃତିରେ ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ ବିଦ୍ୟମାନ।

ସୁତରାଂ ଏଠିକାର ଭାଷା, ସଂସ୍କୃତି ଓ ସମାଜ ଆର୍ଯ୍ୟ, ଦ୍ରାବିଡ଼ ଓ ଅଷ୍ଟ୍ରିକ୍ ଏହି ତ୍ରିବିଧ ଗୋଷ୍ଠୀର ମିଶ୍ର ପରିଣତି। ଗୋଟିଏ ଜନବିରଳ ସୀମିତ କ୍ଷେତ୍ରରେ ଏତେ ଜାତି, ବର୍ଣ୍ଣ ଓ ଭାଷାର ଏପରି ସମାବେଶ କ୍ୱଚିତ୍ ପରିଦୃଷ୍ଟ ହୋଇଥାଏ। କେବଳ, ସଉରା ଭାଷାର ଲିପି (ସୋରାଙ୍ ସାମ୍ପେଙ୍) ବ୍ୟତୀତ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବାସ କରୁଥିବା ଅନ୍ୟାନ୍ୟ ଜନଜାତିମାନଙ୍କ ଭାଷାର ଲିପିର ପ୍ରଚଳନ ନାହିଁ। ଭାଷାର ଭିନ୍ନତା ସତ୍ତ୍ୱେ, ଏମାନଙ୍କ ମଧ୍ୟରେ ଏକ ମଧୁର ସମନ୍ୱୟ ପରିଲକ୍ଷିତ ହୁଏ। ଏହି ସମନ୍ୱୟର ସେତୁ ହେଉଛି 'ଦେଶିଆ ବୋଲି'। ଯାହାକି ବିଭିନ୍ନ କଷ୍ଟବୋଧ୍ୟ ଭାଷାଭାଷୀଙ୍କ ମଧ୍ୟରେ ଭାବବିନିମୟର ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ। ଅବିଭକ୍ତ କୋରାପୁଟ୍ ଜିଲ୍ଲାର ଜୟପୁର, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଉପଖଣ୍ଡରେ ବାସ କରୁଥିବା ବିଭିନ୍ନ ଜନଜାତି ପରସ୍ପର ଭାବବିନିମୟ ନିମନ୍ତେ ଏହି ସଂଯୋଜକ ଦେଶିଆ ଭାଷାରେ ନିଜକୁ ପ୍ରକାଶ କରିଥାନ୍ତି। ଏହି ଭାଷାରେ ରାଶି ରାଶି ଗୀତ, କାହାଣୀ, ମିଥ୍, ନାଟ, ଢଗଢ଼ମାଳି, ପ୍ରବାଦପ୍ରବଚନ, ଧନ୍ଦା ବା ନାଁଦିଆ ଆଦି ଲୋକମୁଖରେ ଶହ ଶହ ବର୍ଷ ଧରି ସଂଜୀବିତ। ଏସବୁର କୌଣସି ଲିଖିତ ରୂପ ନ ଥାଇ ବି କଣ୍ଠରୁ କଣ୍ଠକୁ, ହୃଦୟରୁ ହୃଦୟକୁ, ଗୋଟିଏ ପୀଢ଼ିରୁ ଅନ୍ୟ ଏକ ପୀଢ଼ିକୁ କେବଳ ପରଂପରାକ୍ରମେ ମୌଖିକ ରୂପେ ଗଡ଼ି ଆସିଅଛନ୍ତି। ଏହାରି ମୂଳରେ ସାମାଜିକ ଆବଶ୍ୟକତା ଓ ରସଆବେଦନ ହିଁ ଦାୟୀ ବୋଲି କହିବାକୁ ହେବ।

ମୌଖିକ ସାହିତ୍ୟର ଏକ ବଳିଷ୍ଠ ବିଭାଗ ହେଉଛି ଲୋକୋକ୍ତି। ଢଗଢ଼ମାଳି, ପ୍ରବାଦ ପ୍ରବଚନ, ପହଳି, ଧନ୍ଦା ବା ନାଁଦିଆ ଆଦି ଲୋକୋକ୍ତି ପର୍ଯ୍ୟାୟଭୁକ୍ତ। ଏହା ଲୋକ ସାହିତ୍ୟର ବହୁ ପୁରାତନ ଓ ଗୁରୁତ୍ୱପୂର୍ଣ୍ଣ ବିଭବ। ଭାଷାର ସୃଷ୍ଟି ସହ ଲୋକୋକ୍ତିର ସୃଷ୍ଟି। ଏଥିରେ ଜନଜୀବନର ସାମାଜିକ, ସାଂସ୍କୃତିକ, ଅର୍ଥନୀତିକ ତଥା ଧର୍ମୀୟ ଜୀବନର ମୂଳକଥା ଓ ଗାଥା ନିହିତ। ବିଶିଷ୍ଟ ସଂଗ୍ରାହକ ଚକ୍ରଧର ମହାପାତ୍ରଙ୍କ ମତରେ "ଏକଥା ଏକାନ୍ତ ସତ୍ୟ ଯେ, ବୀରମାନଙ୍କ ଅସ୍ଥି ମଧ୍ୟରେ ମୃତ ଅଟ୍ଟାଳିକାର ଅବଶେଷ ମଧ୍ୟରେ ଯେପରି ଏ ଜାତିର ଇତିହାସ ଲୁକ୍‌କାୟିତ ଅଛି, ତଦ୍ରୂପ ଏସବୁ ଢଗଢମାଳିର ପଦମାନ ହିଁ ଓଡ଼ିଆ ସାହିତ୍ୟର ଓ ଓଡ଼ିଆ ଭାଷାର ମୂଳପିଣ୍ଡ ଅଟନ୍ତି। ଓଡ଼ିଆ ଜାତିର ଶତ ଶତ ଇତିହାସ ମଧ ତା'ରି ଭିତରେ ଲୁଚି ରହିଛି।" ଲୋକଗୀତ ଓ କାହାଣୀ ଠାରୁ ଲୋକୋକ୍ତିର ରଚନା, ପ୍ରକାର୍ଯ୍ୟ ଓ ସ୍ୱରୂପରେ ସ୍ୱାତନ୍ତ୍ୟ ରହିଛି। କେତେକ ମନୀଷୀଙ୍କ ମତରେ ଢଗଢମାଳିରୁ ହିଁ ଲୋକସାହିତ୍ୟର ସୃଷ୍ଟି। ସିଦ୍ଧାଚାର୍ଯ୍ୟମାନଙ୍କ ଦ୍ୱାରା ରଚିତ ଚର୍ଯ୍ୟାଗୀତିକାକୁ ଓଡ଼ିଆ ସାହିତ୍ୟର ଆଦ୍ୟରଚନା

ଭାବେ ଗ୍ରହଣ କରାଯାଇଥାଏ। ଏହାପୂର୍ବରୁ କଥିତ ଭାଷାରେ ଲୋକଙ୍କ ଆବେଗ ଅନୁଭୂତି ଓ ଅଭିବ୍ୟକ୍ତି ଖଣ୍ଡପଦ୍ୟ ରୂପେ ଲୋକଙ୍କ ମଧ୍ୟରେ ଆଦୃତ ହୋଇଥିଲା। ଏହି ଖଣ୍ଡପଦ୍ୟ ହିଁ ଢଗଢ଼ମାଳିର ଆଦ୍ୟ ରୂପ ବୋଲି କୁହାଯାଇପାରେ। ଢଗ ସଂପର୍କରେ ଲୋକରତ୍ନ ଡ଼ଃ କୁଂଜବିହାରୀ ଦାଶ କହନ୍ତି "ଢଗ, ସଂକ୍ଷିପ୍ତତମ ପଦ୍ୟ, ରମଣୀୟ, ପ୍ରତିପାଦକ ଓ ରସାଳ ହେଲେ ଏହା କବିତା ସ୍ତରକୁ ଉନ୍ନୀତ ହୁଏ। ଢଗ ସାହିତ୍ୟ ଏକ ବଡ଼ଦାଣ୍ଡ। ସମସ୍ତଙ୍କ ଚଲାବୁଲା ଓ ଚଳଣି ପାଇଁ ସେଠି ଖୋଲା ମେଲା ଜାଗା ଅଛି। ବାଲ୍ମୀକୀ ଭୋଇଠାରୁ ବାଲ୍ମିକୀ, ବାସୁଆ ବେହେରାଠାରୁ ବ୍ୟାସଦେବ, ଅଇଁଠା ବାରିକଠାରୁ ଉପେନ୍ଦ୍ରଭଂଜଙ୍କ ପର୍ଯ୍ୟନ୍ତ। ଲିଖିତ ପଦ୍ୟ ବା ଗଦ୍ୟ ସାହିତ୍ୟ ପରି ଏହା କେବଳ ଶିକ୍ଷିତଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହିନାହିଁ, ବରଂ ସମୟ ଓ ସୀମା ଅତିକ୍ରମ କରି କେତେକ ମାନବିକ ଅନୁଭବ ଓ ଉପଲବ୍ଧି କିପରି ସାର୍ବଜନୀନ ଓ ସାର୍ବକାଳୀନ ହୋଇଯାଇଛି ଢଗଢ଼ମାଳି ତା'ର ଉଦାହରଣ।" ଢଗଢ଼ମାଳି ମଣିଷର ଉପଲବ୍ଧି ଓ ଉତ୍ତରଣ ସହ ସଂପୃକ୍ତ। ଏଣୁ ଲୋକରତ୍ନ କୁଂଜବିହାରୀ ଦାଶ ଢଗଢ଼ମାଳିକୁ 'ଲୋକବାଣୀ' ନାମରେ ଅଭିହିତ କରିଛନ୍ତି। ସେ କହନ୍ତି "ଢଗଢ଼ମାଳି ଆମ ମନରେ ବସା ବାନ୍ଧିଥିବା ସାହିତ୍ୟ, ଆମ ଜୀବନର ପ୍ରତ୍ୟକ୍ଷ, ପରୋକ୍ଷ ସମାଲୋଚନା, ଆମର ସବୁବେଳର ସାଥୀ। ଦୁଃଖରେ ଆଶ୍ୱାସନା ଦିଏ, ଦୋ ଘାଇରେ ପଡ଼ି ବିଋର ହରାଇଥିବା ବେଳେ ଏହା ପଥ ନିର୍ଦ୍ଦେଶ କରେ, ଅନ୍ଧକାରରେ ଆଲୋକ ଦେଖାଏ। ଏହା ଜାତିର ଅଲିଖିତ ସାଂସ୍କୃତିକ ଇତିହାସ, କୃଷି, ସଭ୍ୟତାର ସର୍ବାଙ୍ଗକୁ ସ୍ପର୍ଶ କରୁଥିବା ସାହିତ୍ୟ ଅଗଣିତ ଜନପଦ କବିଙ୍କ ହାସ୍ୟ, ବ୍ୟଙ୍ଗ ଓ କଟୁ କଷାୟ ରସରେ ଭରପୁର। ସେ ସବୁ କବିଙ୍କ ସ୍ଥାନ ଓ କାଳର ପରିଚୟ ବିଲୁପ୍ତ, କିନ୍ତୁ ସେମାନଙ୍କର ନାଡ଼ିର ସ୍ପନ୍ଦନ, ହୃଦୟର ଦୁକୁ ଦୁକି ରକ୍ତରେ ନୁହେଁ, ରସରେ ହିଁ ଋଲିଛି ଏହି ପହେଳି, ପ୍ରବାଦ ପ୍ରବଚନମାନଙ୍କରେ।"

ଢଗଢମାଳି ଜୀବନବୋଧର ମାର୍ମିକ ଆଲେଖ୍ୟ। ଏହାର ସାର୍ବଜନୀନ ମୂଲ୍ୟବୋଧ, ପ୍ରତ୍ୟେକ ଜାତି ବା ଗୋଷ୍ଠୀ ପାଇଁ ଗ୍ରହଣଯୋଗ୍ୟ। କବିତା ରଚନା କରିବାର ଶୃଙ୍ଖଳା ଏଥିରେ ହୁଏତ ନାହିଁ, ଶବ୍ଦ ସଂଯୋଜନାର ଋତୁର୍ଯ୍ୟ ଓ ମାଧୁର୍ଯ୍ୟ ପ୍ରତି ଏଥିରେ ବିଶେଷ ଧ୍ୟାନ ଦିଆଯାଏ ନାହିଁ; ବରଂ ଏହା କହିବା ଅଧିକ ଯୁକ୍ତି ସଂଗତ ହେବ ଯେ, ଅନୁଭବର ସାନ୍ଦ୍ରତା ଓ ଉପଲବ୍ଧିର ଗଭୀରତା ହିଁ ଏହାର ବିଶେଷତ୍ୱ। ଏହା ଲୋକମାନଙ୍କ ପ୍ରାଣ ସ୍ପନ୍ଦନରେ ଅନୁରଣିତ। ଏହାର ଭାଷା ଲୋକମୁଖର ଭାଷା। ଏହା ଜଣେ କିମ୍ବା ଏକାଧିକ ବ୍ୟକ୍ତିଙ୍କ ଅନୁଭୂତି ପ୍ରସୂତ ଏକ

ନିର୍ଦ୍ଦିଷ୍ଟ ଘଟଣା କିମ୍ବା ପରିବେଶରୁ ସୃଷ୍ଟ ଲୋକ ଅଭିବ୍ୟକ୍ତି ହେଲେ ହେଁ, ଏହା ହୋଇଥାଏ ଗୋଟିଏ ଜାତିର କୋଠ ସଂପତ୍ତି। ଏଣୁ କୁହାଯାଇଛି : "The wit of one man and wisdom of many."

ପଦ୍ୟ ରଚନାର ଅୟମାରମ୍ଭ ଢଗଢ଼ମାଳିରୁ ହୋଇଥିବା ଗବେଷକମାନେ ମତ ପୋଷଣ କରିଥାନ୍ତି। ଢଗଢ଼ମାଳିରୁ ଓଡ଼ିଆ ଛାନ୍ଦର ଉତ୍ପତ୍ତି ଓ କ୍ରମବିକାଶ ବୋଲି ଡ଼ଃ. କୁଞ୍ଜବିହାରୀ ଦାଶଙ୍କ ମତ। ପ୍ରାକୃତ ଭାଷାର ଛନ୍ଦ ସହିତ ଢଗଢମାଳିର ସାମଞ୍ଜସ୍ୟ ଥିବା ପ୍ରାବନ୍ଧିକ ଶ୍ୟାମସୁନ୍ଦର ରାଜଗୁରୁ ତାଙ୍କ ପ୍ରବନ୍ଧମାଳା ଗ୍ରନ୍ଥରେ ସୂଚନା ଦେଇଛନ୍ତି।

ଲୋକଗୀତ ଓ କାହାଣୀ ଅନୁରୂପ ଢଗଢ଼ମାଳିଗୁଡ଼ିକର ସ୍ରଷ୍ଟା ମଧ୍ୟ ଅଜ୍ଞାତ। ଏହା ବ୍ୟକ୍ତିଜୀବନର ମଧୁର, ତିକ୍ତ ଓ କଷାୟ ଅନୁଭୂତି, ସ୍ୱଭାବସିଦ୍ଧ କବିତ୍ୱ, ରସିକତା ଓ ପାଣ୍ଡିତ୍ୟରେ ପରିପୁଷ୍ଟ ଲୋକମାନସର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ। ତେଣୁ କୁହାଯାଇଛି "Wisemen makes proverbs fools use them." ଏହା କୋରାପୁଟର ଲୋକସମାଜରେ ଢଗ୍ ଓ ଢ଼େଗ୍ ନାମରେ କଥିତ। ଏହି ମାଟିର ଅଭିଜ୍ଞ, ବୟସ୍କ, ରସିକ, ଆଶୁକବି, ଗୀତକୁଡ଼ିଆ ଓ ଗୀତ୍ କୁଡ଼ିଆଣୀ (ଗାୟକ ଓ ଗାୟିକା) ମାନେ ଢଗଢ଼ମାଳି ଓ ନାଁ ଦିଆ ସବୁର ଧାରକ ଓ ବାହକ। ଏମାନେ ବିଭିନ୍ନ ଅବସରରେ ଗୀତ ଗାଉଲାବେଳେ, କାହାଣୀ ଶୁଣାଇଲାବେଳେ ତଥା ଆବାଳବୃଦ୍ଧବନିତା ପରସ୍ପର ଦୁଃଖ ସୁଖ ବାଣ୍ଟିଲା ବେଳେ, କଥା ପ୍ରସଙ୍ଗରେ ଢଗଢ଼ମାଳି ଓ ନାଁ ଦିଆମାନ ବୋଲିଥାନ୍ତି। ଏଥିରେ ଏମାନଙ୍କ ଲୋକଚରିତ୍ର, ଲୋକଜ୍ଞାନ, ସୌନ୍ଦର୍ଯ୍ୟବୋଧ, କଳ୍ପନା ବିଳାସ, ବ୍ୟଙ୍ଗ ବିଦ୍ରୂପ ଓ ଅନୁଭୂତିର ସାନ୍ଦ୍ରତା ପରିସ୍ଫୁଟିତ ହୋଇଥାଏ।

ଢଗଢମାଳିର ଭାଷା ସରଳ, ଓ ସାବଲୀଳ ଅଥଚ ଭାବଗର୍ଭିକ। ଏଥିରେ ବ୍ୟକ୍ତିଜୀବନର ଘଟଣା-ଦୁର୍ଘଟଣା, ଜୟ-ପରାଜୟ, ଉଚିତ୍-ଅନୁଚିତ ଓ ଜୀବନାଭୂତିର ଅତି ସଂକ୍ଷିପ୍ତ ଓ ଭାବାଶ୍ରୟୀ ପ୍ରକାଶ ସହ କଳାକୁଶଳତାର ପରିଚୟ ରହିଥାଏ। ସ୍ଥାନୀୟ ଲୋକମୁଖର ଭାଷା, ସରଳ ହୃଦୟର ଆବେଗ, କବିତ୍ୱ, କଳ୍ପନା ବିଳାସ, ଅନୁରାଗ, ବିରହ, ହାସ୍ୟ, ବ୍ୟଙ୍ଗ ଆଦିରସବୋଧ ତଥା ଉପଦେଶାତ୍ମକ ଅଭ୍ୟବ୍ୟକ୍ତିରେ ପରିପୂର୍ଣ୍ଣ ରହିଥାଏ ଢଗଢମାଳି ସମୂହ।

## ଗଠନଶୈଳୀ :

ଅଧିକାଂଶ ଢଗଢମାଳି ଦୁଇ ପାଦ (ଚରଣ) ବିଶିଷ୍ଟ। ଯଥା :

ଧନୀଗରକାତା ସୁକି ଦୁକିର କାତା ଫୁକି

ଅର୍ଥାତ୍ : ଧନୀ ଘର କଥା ବେଦର ଗାର, ଗରୀବର କଥା ସବୁ ଅସାର।

ଆଉ କେତେକ ଢଗଢମାଳି ଋରି ପାଦ ବିଶିଷ୍ଟ। ଏଭଳି ଢଗମାନଙ୍କର ସଂଖ୍ୟା ଦେଶିଆରେ ସ୍ୱଳ୍ପ। ଋରିପାଦ ବିଶିଷ୍ଟ ଢଗ; ଯଥା: .

ମାଲି ଗରର୍ ଚେଲି
କୁମ୍ଭାର ଗରର୍ ଗୋଡ଼ା
ତନ୍ତୀ ଗରର୍ ମାକଡ୍
ଏ ତିନି ଅଇସେ ଗର୍‌ବୁଡ଼ା।

ଅର୍ଥାତ୍ : ମାଳି ଘରେ ଛେଳି, କୁମ୍ଭାର ଘରେ ଘୋଡ଼ା ଓ ତନ୍ତୀ ଘରେ ମାଙ୍କଡ ରହିଲେ ସର୍ବନାଶ ହୋଇଯାଏ।

(୨) କେତେକ ତିନି ପାଦ ବିଶିଷ୍ଟ ଯେପରି :

ଫୁଲ୍ ବିତରେ ମଲି
ମାଚ୍ ବିତରେ ଫଲି
ମାଇଜି ବିତରେ ଶାଲୀ।

ଅର୍ଥାତ୍ : ଫୁଲମାନଙ୍କ ମଧ୍ୟରେ ମଲ୍ଲୀଫୁଲ, ମାଛ ମଧ୍ୟରେ ଫଳିମାଛ ଓ ସ୍ତ୍ରୀମାନେ ମଧ୍ୟରେ ଶାଳୀ ଶ୍ରେଷ୍ଠ। ଏହା ତୀକ୍ଷ୍ଣ ଅଭିଜ୍ଞତାପୂର୍ଣ୍ଣ ଅଭିବ୍ୟକ୍ତି, ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ, ସତ୍ୟନିଷ୍ଠ, ଶାଣିତ ରସପୂର୍ଣ୍ଣ ଏବଂ ଏହାର ଭାବ ଅତ୍ୟନ୍ତ ପ୍ରଭାବଶାଳୀ ଓ ଚିତ୍ର ଧର୍ମୀ। ଏଥିରେ ଲୋକମାନସର ଅନ୍ତର୍ଦୃଷ୍ଟି, ସୌନ୍ଦର୍ଯ୍ୟଚେତନା ଓ ସମାଜଚେତନାର ପରିପ୍ରକାଶ ଘଟିଥିବାର ଉପଲବ୍ଧି କରିହୁଏ। ଯେଉଁ ଲକ୍ଷ୍ୟ ନେଇ ଏହା ପ୍ରୟୋଗ କରାଯାଇଥାଏ, ତାହା, ସମାଜ ସଂସ୍କାର ଓ ଲୋକଶିକ୍ଷା ପ୍ରଦାନ କରିବା ମାଧ୍ୟମରେ ଲକ୍ଷ୍ୟ ସାଧନ କରିଥାଏ। ଏହା କେବଳ ମନୋରଂଜନର ମାଧ୍ୟମ ନୁହେଁ, ଏହା ମଧ୍ୟ ଶିକ୍ଷାପ୍ରଦ ଓ ପ୍ରତୀକଧର୍ମୀ। ବିନ୍ଦୁ ମଧ୍ୟରେ ସିନ୍ଧୁର ଉପଲବ୍ଧି ପରି ସଂକ୍ଷିପ୍ତ ବକ୍ତବ୍ୟ ମଧ୍ୟରେ ବ୍ୟାପ୍ତିର ସୂଚନା ପ୍ରଦାନ କରିଥାଏ। ଏ ସଂପର୍କରେ କୁହାଯାଇଛି: "A Proverb is a short sentence based on long experience." ଅର୍ଥାତ୍ ଦୀର୍ଘ ଅନୁଭୂତିକୁ ଆଧାର କରି ଏକ କ୍ଷୁଦ୍ର ବାକ୍ୟରେ ପରିପ୍ରକାଶ କରିଥାଏ ଢଗଢ଼ମାଳି।

ଏ ସବୁଥିରେ ଆରମ ବିରାମ ଚିହ୍ନ ଏବଂ ଯତିପାତର ପ୍ରୟୋଗ କଥକର ଉପସ୍ଥାପନା କୌଶଳ ଉପରେ ନିର୍ଭର କରିଥାଏ। ତେଣୁ ଶ୍ରୁତି ଆକର୍ଷଣକାରୀ ଭାବରେ ଏହାର ପରିବେଷଣ ହୋଇଥିବାର ମଧ୍ୟ ଦେଖିବାକୁ ମିଳେ। ପୁଣି ଉପସ୍ଥାପନାର ଦାୟିତ୍ୱ ଯେତେବେଳେ ପୁରୁଷ କିମ୍ବା ନାରୀଙ୍କ ଉପରେ ନ୍ୟସ୍ତ ଥାଏ ସେତେବେଳେ ଏହାର ପରିବେଷଣଗତ ସୌନ୍ଦର୍ଯ୍ୟ ଅଧିକ ଆକର୍ଷଣୀୟ ହୋଇଉଠେ।

## ବିଷୟ ପରିସର :

ଢଗଢମାଳିର ବିଷୟ ପରିସର ଅତ୍ୟନ୍ତ ବ୍ୟାପକ। ଏହା ମାଟିରୁ ଆକାଶ, କୀଟରୁ ବ୍ରହ୍ମ ଓ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ମଣିଷର ଦୈନନ୍ଦିନ ଜୀବନଚର୍ଯ୍ୟାର ପ୍ରତ୍ୟେକଟି ମୁହୂର୍ତ୍ତକୁ ନେଇ ଢଗଢ଼ମାଳି, ପ୍ରବାଦ ପ୍ରବଚନ ଓ ନାଁ ଦିଆ ମାନ ସୃଷ୍ଟି ହୋଇଥାଏ। କୋରାପୁଟର ଦେଶିଆ ଭାଷାରେ ସଂଗୃହିତ ଢଗଢମାଳି ସବୁକୁ ବିଷୟଗତ ଦୃଷ୍ଟିରୁ ଲୋକବିଶ୍ୱାସ ଭିତ୍ତିକ, ସମସ୍ୟାମୂଳକ, ସାମାଜିକ ଓ ପାରିବାରିକ ଚଳଣିଭିତ୍ତିକ, ବ୍ୟଙ୍ଗବିଦ୍ରୁପମୂଳକ, ଅନୁଭବ ଭିତ୍ତିକ, କ୍ଷଣଭଙ୍ଗୁରବାଦ ଭିତ୍ତିକ, ଧର୍ମଭିତ୍ତିକ, ଲୋକଚରିତ୍ର ଭିତ୍ତିକ, ଭାଗ୍ୟବାଦ ଭିତ୍ତିକ, ଜାତିଭିତ୍ତିକ, ସ୍ୱାସ୍ଥ୍ୟ ଭିତ୍ତିକ ଓ କୃଷି ଭିତ୍ତିକ ଭେଦରେ ବିଭାଗୀଗରଣ କରାଯାଇପାରେ। ଏହିସବୁରେ ମଣିଷର ଘରି ପାଖରେ ଥିବା ପରିବେଶ, ଆଚର ବ୍ୟବହାର ଓ ଦୀର୍ଘ ଦିନର ଅଭିଜ୍ଞତା ମାନ ବ୍ୟଙ୍ଗବିଦ୍ରୁପ କିମ୍ବା ରସାଳଭାବେ ପରିବେଷିତ ହୋଇଥାଏ। ଢଗଢ଼ମାଳି ସବୁର ଏକ ଉଦ୍ଦେଶ୍ୟ ହେଲା ମାନକ ଚରିତ୍ରର ଦୋଷ ଦୁର୍ବଳତା ବାଛି ଠିକ୍ ମାର୍ଗରେ ପରିଚାଳିତ କରିବା। ଅଧିକାଂଶ କ୍ଷେତ୍ରରେ ବ୍ୟକ୍ତି ଚରିତ୍ରର ଦୋଷତ୍ରୁଟି ପ୍ରତ୍ୟକ୍ଷଭାବେ ପ୍ରକାଶିତ ନ ହୋଇ ପରୋକ୍ଷ ଭାବେ ପ୍ରକାଶ କରିବା ପାଇଁ ଚେଷ୍ଟିତ ଥାଏ ଲୋକ କବି। ସମାଜରେ ଯେଉଁମାନଙ୍କ କାର୍ଯ୍ୟକଳାପରେ ଅନ୍ୟମାନେ ଅତିଷ୍ଠ ହୋଇଥାନ୍ତି, ସେମାନଙ୍କ ସଂପର୍କରେ ଢଗଢମାଳି ପ୍ରବାଦ ପ୍ରବଚନ ମାଧ୍ୟମରେ ଯଥାର୍ଥଭାବେ ପ୍ରକାଶ କରାଯାଇପାରିଥାଏ।

ଯେପରିକି :

ଧନିଗର କାତା ସୁକି
ଦୁକିର କାତା ଫୁକି ।

ଅର୍ଥାତ୍: ଧନୀର କଥା ବେଦର ଗାର। ଗରୀବର କଥା ସବୁ ଆସର। ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତି ସତକୁ ମିଛ କରି କହିଲେ ମଧ୍ୟ ତା'କଥା ସମସ୍ତେ ମାନନ୍ତି। କିନ୍ତୁ ଗରୀବ ଯେତେ ସତକଥା କହିଲେ ମଧ୍ୟ ତା'କଥାକୁ କେହି ଗୁରୁତ୍ୱ ଦେଇ ନଥାନ୍ତି। ଓଡ଼ିଆରେ "ସ୍ୱର୍ଗକୁ ନିଶୁଣି ନାହିଁ ବଡ଼ ଲୋକଙ୍କୁ ଉତ୍ତର ନାହିଁ।" ଅନୁରୂପ ଦେଶିଆରେ ବହୁ ଲୋକୋକ୍ତି ପ୍ରଚଳିତ।

## ଲୋକବିଶ୍ୱାସ ମୂଳକ:

ଜନଜାତି ସମାଜ ହେଉ କିମ୍ବା ସାଧାରଣ ସମାଜ ହେଉ ପ୍ରତ୍ୟେକ ସମାଜରେ କେତେକ ଲୋକବିଶ୍ୱାସ ମଣିଷର ଦୈନନ୍ଦିନ ଜୀବନକୁ ନିୟନ୍ତ୍ରଣ କରିଥାଏ। ମଣିଷ କୌଣସି କାର୍ଯ୍ୟ କରିବାବେଳେ ଏଇ ଲୋକବିଶ୍ୱାସ ଉପରେ ନିର୍ଭର କରିଥାଏ। ଏହି ଲୋକବିଶ୍ୱାସ ମୂଳରେ ସତ୍ୟତା କିମ୍ବା ଯୁକ୍ତିଯୁକ୍ତତା ଥାଉ ବା ନଥାଉ ପରଂପରା ତାକୁ କେତେକ ବିଶ୍ୱାସକୁ ମାନିବା ପାଇଁ ବାଧ୍ୟ କରିଥାଏ। ସାଧାରଣତଃ ଏପରି କେତେକ ଢଗଢ଼ମାଳି ତୀବ୍ର ବିଶ୍ୱାସ ବୋଧ ଉପରେ ଆଧାରିତ ହୋଇଥିଲେ ହେଁ ଅତୀତର କିଛି ଘଟଣାଦୁର୍ଘଟଣାକୁ ଦେଖି ଏସବୁକୁ ମାନି କାର୍ଯ୍ୟ କରିଥାନ୍ତି। କେତେକ ବ୍ୟକ୍ତି ଯଥା : -

ପୁନେଇଁର ମୁଖେ ଉଆଁସର ଶେଷେ
ନାଇଁ ଯିବାର ବିଦେଶେ।

ଅର୍ଥାତ୍ : ପୂର୍ଣ୍ଣମୀ ପୂର୍ବଦିନ ଓ ଅମାବାସ୍ୟ ଶେଷରେ ବିଦେଶଯାତ୍ରା କଲେ ଅମଙ୍ଗଳ ଘଟିଥାଏ। ଏହିଭଳି ଜୀବନ ବଂଚିବାର ଧାରାକୁ ଅଧିକ ନିରାପଦ ନିଷ୍କଣ୍ଟକ କରିବା ପାଇଁ ଅନେକ ସାମାଜିକ ଚଳଣି ସଂକ୍ରାନ୍ତୀୟ କଥାନି ବା ଢଗ ଢମାଳି ସମାଜରେ ପ୍ରଚଳିତ।

## ସମସ୍ୟାମୂଳକ:

ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ନାନା ସମସ୍ୟା ଦେଇ ଗତି କରିଥାଏ। ହସକାନ୍ଦ, ସୁଖଦୁଃଖ, ଐଶ୍ୱର୍ଯ୍ୟ, ଦାରିଦ୍ର୍ୟ, ଆପଦ ବିପଦ ଆଦିକୁ ନେଇ ମଣିଷ ଜୀବନ ଗଢ଼ା। ଏହି ସବୁର ବାସ୍ତବ ଚିତ୍ର ବିଭିନ୍ନ ଢଗଢ଼ମାଳିଗୁଡ଼ିକରେ ମାର୍ମିକ ଭାବେ ରୂପାୟିତ। କୋରାପୁଟିଆ ମଣିଷଟି ହାଡ଼ଭଙ୍ଗା ପରିଶ୍ରମ କରି ମଧ୍ୟ ନିଜ ପାଇଁ ଦାନାକନା ଟିକେ ଯୋଗାଡ଼୍ କରିପାରେନି। ସେ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ନିଜ ପରିବାରକୁ ଚଳାଇବା ତା'ପକ୍ଷେ କଷ୍ଟକର ହୋଇଯାଏ। ଏଭଳି ବ୍ୟକ୍ତିଙ୍କ ଦାରିଦ୍ର୍ୟ ସଂପର୍କରେ ଢଗରେ କୁହାଯାଇଥାଏ।

ରକତ ଏଲେ ଅକତ୍ ନାଇଁ
ଅକତ୍ ଏଲେ ରକତ୍ ନାଇଁ।

ଅର୍ଥାତ୍, ଯେତେ ଯାହା ପରିଶ୍ରମ କଲେ ବି କେଉଁ ଆଡ଼କୁ ନ ଅଣ୍ଟିବା।

## ସାମାଜିକ ଓ ପାରିବାରିକ ଚଳଣି ଭିତ୍ତିକ :

ଲୋକ ସମାଜରେ ସାମାଜିକ ଓ ପାରିବାରିକ ରୀତିନୀତି ଓ ପ୍ରଥା ପରଂପରାମାନ ଲୋକୋକ୍ତି ମାଧ୍ୟମରେ ପ୍ରକାଶ ପାଇଥାଏ। କୋରାପୁଟର ଆଦିବାସୀ ସମାଜରେ ମାମୁଁ ଝିଅକୁ ବିବାହ କରିବା ପ୍ରଥା ପ୍ରଚଳିତ। ମାମୁଁ ଝିଅ ଉପରେ ଭଣଜାର ବିବାହ

ନିମନ୍ତେ ପୂର୍ଣ୍ଣ ଅଧିକାର ରହିଥାଏ। ଏଥିପାଇଁ କଥିତ ଅଛି :

ମାମା ଝି ଗୁଡ଼୍ ଘି :
ଅର୍ଥାତ୍ ମାମୁଁ ଝିଅ ଗୁଡ଼ ଘିଅ ପରି ଭଲ।

ଆଦିବାସୀ ଘରେ ଗାଈଗୋରୁ ଥିଲେ ଦିଆଲି ପରବ୍ (ଗୋ-ପୂଜା) ପାଳନ କରାଯାଇଥାଏ। ସେହିପରି ପୁଅଟିଏ ଥିଲେ ବୋହୂଟିଏ ନିଶ୍ଚୟ ଆଣିବାକୁ ହୋଇଥାଏ। ଏ ସଂପର୍କ ପ୍ରଚଳିତ ଢଗଟି ହେଲା :

ଗୋରୁ ରଏଲେସରି ଦିଆଲି
ବେଟା ଉଇଲେସରି ବୁଆରି ।

## ବ୍ୟଙ୍ଗ ବିଦ୍ରୁପମୂଳକ :

ଢଗଢମାଳିର ଅନ୍ୟତମ ପ୍ରଧାନ ଧର୍ମ ହେଲା ବ୍ୟଙ୍ଗବିଦ୍ରୁପ ମାଧ୍ୟମରେ ଲୋକସମାଜକୁ ସଚେତନ କରିଦେବା। ଏହି ବ୍ୟଙ୍ଗବିଦ୍ରୁପ ଅତ୍ୟନ୍ତ ଶାଣିତ ଓ ତୀକ୍ଷ୍ଣ ହୋଇଥାଏ। ଏଥିରେ ବ୍ୟକ୍ତିଜୀବନର ଦୋଷ ଦୁର୍ବଳତା, ଅନ୍ୟାୟ, ପାପାଚାର ଓ ବ୍ୟଭିଚାର ପ୍ରଭୃତି ଅପକର୍ମରୁ ଦୂରେଇ ଏକ ଆଦର୍ଶ ମଣିଷ ଭାବେ ବଞ୍ଚିବା ପାଇଁ ବାର୍ତ୍ତା ରହିଥାଏ। ଯେଉଁ ଖଳ ବ୍ୟକ୍ତିମାନେ ଅନ୍ୟାୟ ଅତ୍ୟାଚାରରେ ଲିପ୍ତ ରହି ଅତି ଉତ୍ପାତ କରନ୍ତି, ଧରାକୁ ସରା ମନେକରନ୍ତି, ସେମାନଙ୍କୁ ସଜାଗ କରିବା ପାଇଁ ବିଭିନ୍ନ ପ୍ରତୀକାତ୍ମକ ଭାବେ କେତେକ ଢଗର ସୃଷ୍ଟି ହୋଇଥାଏ । ଯଥା:

ଅଦିକ୍ ଉତ୍ପାତ୍ ନଏରେ କରଡ଼ି
ବଡ଼୍ଲେ ଏବୁ ବାଉଁଶ୍
ଫୁଲ୍ଲେ ଏବେ ଡାଲା ଚଙ୍ଗଡ଼ା
ପଡ଼୍ଲେ ଏବେ ପାଉଁଶ୍ ।

ଅର୍ଥାତ୍ : ହେ କରଡ଼ି (ବାଉଁଶ ଗଜା) ଅତି ଉତ୍ପାତ ହୁଅ ନାହିଁ। ତୁ ବଢ଼ିଲେ ବାଉଁଶ ହୋଇ ଘର କାମରେ ଲାଗିବୁ। ତୋତେ ପାଣିରେ ଭିଜାଇ କାଟି ଡାଲା ଚୋକେଇ ତିଆରି କରିବେ। ତୋତେ ପୋଡ଼ି ଦେଲେ ପାଉଁଶ ହୋଇଯିବୁ।" ଉକ୍ତ ଢଗରେ ବାଉଁଶକୁ ଗର୍ବୀ, ଅତ୍ୟାଚାରୀ ଓ ଉତ୍ପାତ କରୁଥିବା ବ୍ୟକ୍ତିଙ୍କ ପ୍ରତୀକ ଭାବେ ନିଆଯାଇଛି। ଓଡ଼ିଆରେ ପ୍ରଚଳିତ "ଆବେ ପର୍ଶୁ, ଯାବେ ପର୍ଶୁ, ବାବୁ ପର୍ଶୁରାମ, ପଇସା କ୍ୟା ନ କରେ କାମ୍" ଏଇ ଲୋକୋକ୍ତିର ଅନୁରୂପ "ଡାବୁରଇଲେ ବାବୁ, ଡାବୁ ସର୍ଲେ ଆବୁଆବୁ" ଦେଶିଆରେ ପ୍ରଚଳିତ।

## ଅନୁଭବ-ଭିତ୍ତିକ:

ମଣିଷର ଦୈନନ୍ଦିନ ଜୀବନର ତିକ୍ତ ଓ ମଧୁର ଅନୁଭବ ମର୍ମସ୍ପର୍ଶୀ ଭାବେ ବିଭିନ୍ନ ଲୋକୋକ୍ତି ମାଧ୍ୟମରେ ପ୍ରକାଶ ପାଇଥାଏ। ଏହି ଅନୁଭବ ଭିତ୍ତିକ ଢଗଢ଼ମାଳିର ସଂଖ୍ୟା ଅସଂଖ୍ୟ। ମଣିଷର ନିଜସ୍ୱ ଅନୁଭବକୁ ସେ ପ୍ରକାଶ କରି କହିଥାଏ:

ମନର ବିତିରେ ଶଏ ଗଡ଼ିଶା
କେନ୍ ଜାନେ ସାଇ ପଡ଼ିଶା।

ଅର୍ଥାତ୍ : ବନ ପୋଡ଼ିଗଲେ ସଭିଏଁ ଜାଣନ୍ତି, ମନ ପୋଡ଼ିଗଲେ, କେହି ନ ଜାଣେ।

ଅନ୍ତରର ଦୁଃଖକୁ କେବଳ ଅନୁଭବୀ ମଣିଷ ହିଁ ହୃଦୟଙ୍ଗମ କରିଥାଏ। ଅନ୍ୟ ମାନେ ଦୁଃଖରେ ସମବେଦନା ଦେବା ତ ଦୂରର କଥା, ତାଚ୍ଛଲ୍ୟ କରିଥାନ୍ତି। ଏ ସଂପର୍କିତ ଏକ ଢ଼ଗ ପ୍ରଚଳିତ ଯାହାକି,

ଘଇତା ମଲା କେବେ, କାନ୍ଦି ବସିରେଲୁ ଏବେ

ଅର୍ଥାତ୍: ପୁରୁଣା ଦୁଃଖକୁ ମନେ ପକାଇ ବାହୁନି ହେବା।

## କ୍ଷଣଭଙ୍ଗୁରବାଦ ଭିତ୍ତିକ:

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ଏହି କ୍ଷଣଭଙ୍ଗୁର ସଂସାରରେ କୌଣସିଟି ସ୍ଥାୟୀ ନୁହେଁ। ଜନ୍ମ-ମୃତ୍ୟୁ ଉତ୍‌ଥାନ ପତନ, ସୁଖ-ଦୁଃଖକୁ ନେଇ ଏଇ ଜୀବନ। "ଚକ୍ରବତ୍ ପରିବର୍ତ୍ତେତେ ଦୁଃଖାନିଚ ସୁଖାନିଚ୍"। ଦୁଃଖ ସୁଖ ଚକ୍ର ପରି ଘୁରୁଥାଏ। ଏ ସଂପର୍କରେ ବେଶ୍ ସଚେତନ ଲୋକ କବି। ସଂସାର ଅଳିକ। ଜୀବନଟା ଯମର କାକୁଡ଼ିବାଡ଼ି। କେଉଁ ମୁହୂର୍ତ୍ତରେ ଝଡ଼ିପଡ଼ିବ ତା'ର କିଛି ଠିକ୍ ଠିକଣା ନାହିଁ। ଏଇ କ୍ଷଣ ଭଙ୍ଗୁରବାଦ ସଂପର୍କରେ ବହୁ ଢଗଢ଼ମାଳି ଦେଶିଆରେ ପ୍ରଚଳିତ। ଯଥା :

ତ୍ରିଦେବ କାନ୍ଦାଲ ମାୟା ମଣ୍ଡଲ, ମଞ୍ଚପୁରେ ଖେଡ଼ଘର
ଯମର କାକୁଡ଼ିବାଡ଼
ଯମର ଜୀବନ ଯମ ବାନ୍ଧି ନେଲେ
ମଶାନେ ପଡ଼ିସି ହାଡ଼।

ଅର୍ଥାତ୍ : ଏଇ କ୍ଷଣଭଙ୍ଗୁର ସଂସାରଟା ଗୋଟିଏ ଖେଳଘର ଓ ମାୟାମଣ୍ଡଳ। ଜୀବନଟା ଯମର କାକୁଡ଼ିବାଡ଼। ଯମର ଏଇ ଜୀବନ ଯମ ବାନ୍ଧି ନେଇଗଲେ ମଶାଣୀରେ କେବଳ କିଛି ଖଣ୍ଡ ହାଡ଼ ପଡ଼ିରହିବ। ଏଠାରେ ମଣିଷକୁ ଢଗ ମାଧ୍ୟମରେ ଉପଦେଶ ଦିଆଯାଇଛି ଯେ, ଅଳିକ ଦୁନିଆରେ କାହିଁକି ମନଦୁଃଖ କରିବା। ଏଣୁ ଯେତେଦିନ ବଞ୍ଚିଥିବା ଆନନ୍ଦରେ ରହିବା। ଉକ୍ତ ଲୋକୋକ୍ତିରେ ଜୀବନକୁ କାକୁଡ଼ିବାଡ଼ ସହ ତୁଳନା କରାଯାଇଛି।

ମଣିଷ ଏଇ ପୃଥିବୀକୁ ଖାଲି ହାତରେ ଆସିଥାଏ, ପୁଣି ଖାଲି ହାତରେ ଚାଲିଯାଏ। ମୃତ୍ୟୁ ପରେ ତା ସାଙ୍ଗରେ କିଛି ବି ନିଏ ନାହିଁ। ଏଇ ମର୍ମରେ କୁହାଯାଇଛି:

ଆସେ ନାଙ୍ଗା ଯାଏ ନାଙ୍ଗା
ବାଟେ ସାଙ୍ଗା ଫୁଟା ଟାଙ୍ଗା।

ଅର୍ଥାତ୍ : ମଣିଷ ଜନ୍ମ ହୁଏ ଖାଲି ହାତରେ, ମରେ ଖାଲି ହାତରେ

"ମର୍ତ୍ତ୍ୟମଣ୍ଡଳେ ଦେହ ବହି ଦେବତା ହେଲେ ହେଁ ମରଇ।" ଭାଗବତର ଏହି ଧ୍ରୁବବାଣୀ ଅନୁରୂପ ଦେଶିଆ ଭାଷାରେ ରହିଛି:

ମରତ୍ ମଣ୍ଡଲେ ଜନମ୍ କରଇ
ଦେବ୍ତା ହେଲେ ସଗି ମରଇ।

## ଧର୍ମଭିତ୍ତିକ :

ଓଡ଼ିଶାର ଲୋକ ଜୀବନ ମୁଖ୍ୟତଃ ଧର୍ମଭିତ୍ତିକ। ବିଶେଷତଃ ଆଦିବାସୀ ମଣିଷ ଅତ୍ୟନ୍ତ ଧର୍ମବିଶ୍ୱାସୀ। ସେ ଜାଣେ ନିଜ କର୍ମ ଅନୁସାରେ ଫଳ ମିଳିଥାଏ। ଭଲ କାମ କଲେ ଭଲ ଫଳ ଓ ମନ୍ଦ କାମ କଲେ ମନ୍ଦ ଫଳ ମିଳିଥାଏ। ସତ୍ୟ ଓ ନ୍ୟାୟରେ ଚାଲିଲେ ପୁଣ୍ୟ ଅର୍ଜନ କରେ, ଅସତ୍ୟ ଓ ଅନ୍ୟାୟ କାର୍ଯ୍ୟ କଲେ ପାପ ଲାଗିଥାଏ ବୋଲି ଆଦିବାସୀର ଦୃଢ଼ ବିଶ୍ୱାସ। ଧର୍ମକୁ କେନ୍ଦ୍ର କରି କେତେକ ଲୋକୋକ୍ତି କୋରାପୁଟ ଭୂଖଣ୍ଡର ଲୋକସମାଜରେ ପ୍ରଚଳିତ। ଯଥା : ଯା'ର ପାପ୍ ତାର୍ ମା' ବାପ୍ ଅର୍ଥାତ୍ ପାପ କେବେ ଲୁଚିରହେ ନାହିଁ। ଧାର୍ମିକ ସବୁବେଳେ / ସବୁଠାରେ ଆଦର ପାଇଥାଏ ଓ ପାପୀ ସବୁଠାରେ ନିନ୍ଦିତ ହୋଇଥାଏ। ଏଇ କଥାଟି ଦେଶିଆ ବୋଲିରେ ଅତି ମନଛୁଆଁ ଭାବେ ପ୍ରକଟିତ ଯଥା:

ଦରମ୍ କେ ରାଇଜ୍ ନାଇଁ
ପାପୀ କେ ମରନ୍ ନାଇଁ।

ଓଡ଼ିଆରେ ପ୍ରଚଳିତ : "ମାନିଲେ ଦେବତା ନ ମାନିଲେ ପଥର" ଅନୁରୂପ ଦେଶିଆ ଢଗରେ ରହିଛି: ଜାନିଲେ ଶରୀର ଅଚେ, ନା ଜାନିଲେ କାଇଟା ନାଇଁ।"

## ଲୋକଚରିତ୍ର ଭିତ୍ତିକ :

ଆମ ସମାଜରେ ବହୁ ବୈଚିତ୍ର୍ୟ, ବିଭିନ୍ନତା, ନାନା ବିଧ ଆଚରଣର ଚରିତ୍ରମାନେ ଆତଯାତ ହୋଇଥାନ୍ତି। ମଣିଷର ଆଚାର ବିଚାର, ଦୋଷଗୁଣ, ଗୁଣ ସ୍ୱଭାବକୁ ନେଇ ପ୍ରତ୍ୟକ୍ଷ ଅଭିଜ୍ଞତା ଓ ଦୃଷ୍ଟିଭଙ୍ଗୀରେ ସୃଷ୍ଟି ହୋଇଥାଏ ଅନେକ ଲୋକୋକ୍ତି। ଯେଉଁ ବ୍ୟକ୍ତିର ଚାରିତ୍ରିକ ଦୁର୍ବଳତା ଓ ଦୋଷଗୁଣ ରହିଥାଏ, ଏମାନଙ୍କ ଲକ୍ଷଣମାନ, ଢଗଢ଼ମାଳି ମାଧ୍ୟମରେ ଚିହ୍ନାଇ ଦିଆଯାଇଥାଏ। ଏହି ସମାଲୋଚନା ମାଧ୍ୟମରେ ମଣିଷର

ମାନବିକତାବୋଧର ବିକାଶ ନିମନ୍ତେ ପ୍ରଯତ୍ନ କରାଯାଇଥାଏ। ସମାଜରେ କେତେକଙ୍କ ସ୍ୱଭାବ, ଅନ୍ୟକୁ ଠକି କଳେବଳେ କୌଶଳେ ତା'ର ସଂପତ୍ତି ଦଖଲ କରିବା ଏବଂ ନାମକୁମାତ୍ର ସୁବିଧା ଦେଇ ପ୍ରଭୂତ ଲାଭ ଆହରଣ କରିବା। କେରାଣ୍ଡି ଫିଙ୍ଗି ଶେଉଳ ଟାଣିବା ଲୋକଙ୍କ ସଂପର୍କରେ କୁହାଯାଇଛି:

ନନାର ବୁଆ ନିକ ଜାନେ
କଣ୍ଡା ଦେଇ ଚଉଲ୍ ଆନେ।

ଯେଉଁ ବ୍ୟକ୍ତି ଜାଣିଶୁଣି ବିପଦକୁ ନିମନ୍ତ୍ରଣ କରିଥାନ୍ତି ସେମାନଙ୍କ ସଂପର୍କରେ ପ୍ରଚଳିତ ଢଗଟି ହେଲା :

ଆରେ ଗରୁ ଉପରେ ପଡୁ
ଅର୍ଥାତ୍ : ଆ ବଳଦ ମୋତେ ବିନ୍ଧି ।

କେତେକ କଳିହୁଡ଼ି ସ୍ତ୍ରୀ ପରିବାରରେ ଶାନ୍ତିରେ ରହିପାରନ୍ତି ନାହିଁ। ଏମାନଙ୍କ ସ୍ୱଭାବ ସଂପର୍କରେ କୁହାଯାଇଛି "ଡଙ୍ଗର୍ ପାନି ଡିଙ୍ଗର୍ ମାଇଜି।"

ଅର୍ଥାତ୍ : ଡଙ୍ଗରର ପାଣି ଯେପରି ସ୍ଥିର ହୋଇ ରହିପାରେ ନାହିଁ, ସେହିପରି କଳିହୁଡ଼ି ସ୍ତ୍ରୀ ଲୋକ ଶାନ୍ତିରେ ନ ରହି କଣ୍ଢାବାଡ଼ରେ ଲୁଗା ପକାଇ କଳହ କରିଥାନ୍ତି।

## ଭାଗ୍ୟବାଦ ଭିତ୍ତିକ:

ମଣିଷ ଅଦୃଷ୍ଟ ହାତରେ କ୍ରିଡ଼ନକ ବୋଲି ମନେ କରିଥାଏ। ସେଥିପାଇଁ କୁହାଯାଇଛି "ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଟାଣିଲେ ତେଣିକି ଯାଇ।" ଭାଗ୍ୟଚକ୍ରର ଘୂର୍ଣ୍ଣନରେ ମଣିଷର କାହାର ଉତ୍‌ଥାନ ତ ଆଉ କାହାରି ପତନ ଘଟିଥାଏ। ଦେଶିଆ ସମାଜରେ ଏଇ ଭାଗ୍ୟବାଦକୁ ନେଇ ବହୁ ଲୋକୋକ୍ତିର ସୃଷ୍ଟି। ଓଡ଼ିଆରେ ପ୍ରଚଳିତ "ଯୁଆଡ଼େ ଯାଉଛୁ ଯା' କର୍ମ ଧରି ଯା।' ଏହିପରି ଦେଶିଆ ବୋଲି ରେ ପ୍ରଚଳିତ । 'ଯେନେ ଯା' ତେନେ ଯା', କରମ୍ ଦରି ଯା'। ଯେଉଁ ବ୍ୟକ୍ତିର ଭାଗ୍ୟ ଅନୁକୂଳ ନୁହେଁ, ତା'ର ଭାଗ୍ୟ ସଳଖ ନୁହେଁ, ତେନ୍ତୁଳି ପରି ଅଙ୍କାବଙ୍କା, ସେ ସୁନାକୁ ଛୁଇଁଲେ ମାଟି ହୋଇଯାଏ ବୋଲି ଲୋକବିଶ୍ୱାସ ରହିଛି। ଏ ସଂପର୍କରେ ଦେଶିଆ ଢଗଢ଼ମାଳିରେ ବାସ୍ତବ ଧର୍ମୀ ଚିତ୍ର ରହିଛି । ଯଥା:-

ତେତ୍‌ଲି ଫଲ୍‌ଲା କଇଁଚି କଇଁଚି
ମାକଡ଼୍ ଖାଇଲା ଆଣ୍ଡି
କାଇ ହିନିମାନ ଅଦୃଷ୍ଟ ଗୋଟି
ସୁନାକେ ଚୁଇଁଲେ ମାଟି।

ଭାଗ୍ୟବାନ ସବୁକିଛି ପାଇଥାଏ। ଅଭାଗା ହଟହଟା ହୋଇଥାଏ ବୋଲି ଅନ୍ୟ ଏକ ଢଗରେ କୁହାଯାଇଛି। ଯଥା:-

କରମେ ତିଲେ କରମଙ୍ଗା
କରମେ ନତିଲେ ବଙ୍ଗ ବଙ୍ଗା।
ଏହାର ଏକ ସମାର୍ଥବୋଧକ ବଙ୍ଗଳା ଢଗ ହେଲା:
"ଅଭାଗା ଲଙ୍କେଗେଲ ଭାଗ୍ୟ ଗେଲ ସାଥେ
କିଲେ ସୁନାକୁ କିଲେ ଘଉଲ୍ ସକଲଇ ଗେଲ ଭାତେ।"

## ଜାତିଭିତ୍ତିକ :

ସମାଜରେ ବିଭିନ୍ନ ଜାତି, ସଂପ୍ରଦାୟଙ୍କ ଚାଲିଚଳଣି, ଆଚାର ବ୍ୟବହାର ଓ ଜୀବନଜୀବିକାକୁ ନେଇ ବହୁ ଲୋକୋକ୍ତିର ସୃଷ୍ଟି ହୋଇଛି। ଏହିସବୁରେ ବିଭିନ୍ନ ଜାତିର ଉତ୍ଥାନ ପତନ, ଚାରିତ୍ରିକ ଲକ୍ଷଣ, ଉଚିତ ଓ ଅନୁଚିତ ଆଦି ପ୍ରକାଶ ପାଇଥାଏ। କୋରାପୁଟର କନ୍ଧ ଜନଜାତି ଅତ୍ୟନ୍ତ ସରଳ ଓ ଅମାୟିକ। ଏମାନେ ଛନ୍ଦକପଟ କିଛି ଜାଣନ୍ତି ନାହିଁ। ଏପରିକି ଏମାନେ ଭଲମନ୍ଦ କ'ଣ କିଛି ଜାଣନ୍ତି ନାହିଁ। ଏହି ଜାତିର ସ୍ୱଭାବ ସଂପର୍କରେ ପ୍ରଚଳିତ ରହିଛି :

କନ୍ଦ୍ ନଜାନେ ଭଲମନ୍ଦ୍
ଅର୍ଥାତ୍, କନ୍ଧ ଭଲ ମନ୍ଦ କିଛି ଜାଣେ ନାହିଁ।

କୋରାପୁଟର ଦେଶିଆ ଲୋକେ ଯେତେ ଟଙ୍କା ରୋଜଗାର କରନ୍ତି, ଅଧିକାଂଶ ମଦ ପିଇ ସାରିଦିଅନ୍ତି। ବ୍ରାହ୍ମଣମାନଙ୍କ ଧନ ମଧ୍ୟ ବାଦବିବାଦରେ ଖର୍ଚ୍ଚ ହୋଇଥାଏ। ଏଇ ମର୍ମରେ ଏକ ଢଗ ରହିଛି। ଯଥା :-

ଦେଶିଆର ଦନ୍ ମଦ୍‌କେ
ବାମୁନ୍‌ର ଦନ୍ ବାଦ୍‌କେ।

ଅତୀତରେ ଗଣ୍ଡ ଜନଜାତି ରାଜ୍ୟ ଶାସନ କରୁଥିବାର ବିଶ୍ୱାସ ପ୍ରଚଳିତ। ଏମାନଙ୍କର ପତନ ଘଟିବାରୁ ଏବେ ଦାରିଦ୍ର୍ୟରେ କାଳାତିପାତ କରିଥାନ୍ତି। ଏମାନଙ୍କ ଜାତିର ଉତ୍ଥାନ ପତନ ସଂପର୍କରେ କୁହାଯାଇଛି।

ଉଠ୍‌ଲେ ଗଣ୍ଡ ଛତର ଟେକେ
ବସ୍‌ଲେ ଗଣ୍ଡ୍ ପତର୍ ବିକେ।

## ସ୍ୱାସ୍ଥ୍ୟ ବିଷୟକ :

ସ୍ୱାସ୍ଥ୍ୟ ସଂପର୍କିତ ସଚେତନତାମୂଳକ ଢଗଢ଼ମାଳିମାନ ଦେଶିଆ ଭାଷାରେ ଉପଲବ୍ଧ। ଏଥିରେ ବିଭିନ୍ନ ରୋଗର ଭୟାବହତା, ରୋଗ ସଂପର୍କରେ ସଚେତନତା, ମଦ୍ୟପାନର କୁପରିଣାମ ଆଦି ସ୍ୱାସ୍ଥ୍ୟ ରକ୍ଷା ବିଷୟରେ ଚେତାବନୀ ରହିଥାଏ। ଯକ୍ଷ୍ମା ଏକ ମାରାତ୍ମକ ରୋଗ। ଏହି ରୋଗ ପ୍ରତି ସତର୍କତା ଅବଲମ୍ବନ କରିବା ପାଇଁ କୁହାଯାଇଛି:

ରଗର୍ ବିତରେ ଖାସି

ଜାତିର୍ ବିତରେ ଘାସି।

ଅର୍ଥାତ୍ : ରୋଗ ମଧ୍ୟରେ ଯକ୍ଷ୍ମା ଯେପରି ଭୟଙ୍କର, ସେହିପରି ଜାତିମାନଙ୍କ ମଧ୍ୟରେ ଘାସି ଜାତି ମଧ୍ୟ ଭୟଙ୍କର।

ମଦ୍ୟପାନର କୁପରିଣାମ ସଂପର୍କରେ ମଦ୍ୟପମାନଙ୍କୁ ଚେତାବନୀ ଦେଇ କୁହାଯାଇଛି।

ନିଶା ଖାଇଲେ ଦିଶା।

ଅର୍ଥାତ୍ : ନିଶାସକ୍ତ ବ୍ୟକ୍ତି ହିତାହିତ ଜ୍ଞାନ ହରାଇ ଥାଏ। ଯାହାଫଳରେ ସେ ବିପଦକୁ ଡାକି ଆଣି ଥାଏ।

ମଦ ପାନ କରିବା ଫଳରେ ଆର୍ଥିକ କ୍ଷତି ଅପେକ୍ଷା ସ୍ୱାସ୍ଥ୍ୟହାନୀ ଘଟେ। ପାରିବାରିକ ଓ ସାମାଜିକ ଶାନ୍ତି ବ୍ୟାହତ ହୋଇଥାଏ। ଏଣୁ କୁହାଯାଇଛି:

ମଦ୍ ଖାଇଲେ ଦନ୍ଦ୍।

ଅର୍ଥାତ୍ : ମଦ୍ୟପାନ କଲେ ବଡ଼ ବିଷମ ପରିସ୍ଥିତି ସୃଷ୍ଟି ହୁଏ।

## କୃଷିଭିତ୍ତିକ :

ଓଡ଼ିଶାର ସଂସ୍କୃତି କୃଷିଭିତ୍ତିକ। ସୁତରାଂ ଢଗଢ଼ମାଳି, ପ୍ରବାଦ ପ୍ରବଚନ, ନାଁ ଦିଆରେ କୃଷି ଓ ଏହାର ଆନୁସଙ୍ଗିକ ପ୍ରସଙ୍ଗର ଆଲେଖ୍ୟ ବହୁଳଭାବେ ପରିଲକ୍ଷିତ ହୁଏ। କୃଷକର ସର୍ବସ୍ୱ ହେଉଛି କୃଷି। କୃଷି ତା'ର ଜୀବନ ଜୀବିକା ଓ ତା'ର ସାହା ଭରସା।

ଋଷ ସଂପର୍କିତ କେତେକ ଲୋକ ଅନୁଭୂତିମୂଳକ ଲୋକୋକ୍ତି ପ୍ରଚଳିତ। ଯେପରିକି ବୁଣାଋଷ ଅପେକ୍ଷା ରୁଆଋଷରେ ଅଧିକ ଫସଲ ଅମଳ ହୋଇଥାଏ। ଏ ସଂପର୍କରେ କୁହାଯାଇଛି : ଯା'ର ପଲ୍ଲା ତା'ର ଖଳା।

ଅର୍ଥାତ୍ : ରୁଆଋଷ ଯାହାର, ଖଳା ଭର୍ତ୍ତି ତାହାର।

କୃଷି ସଂପର୍କିତ ଲୋକୋକ୍ତିଗୁଡ଼ିକ ପାଣିପାଗ, ଋଷ ଅନୁକୂଳ, ଫସଲ ଅମଳ, ଉତ୍ତମ ଗୋ-ସଂପଦ ଚୟନ, କୃଷିର ନୀତିନିୟମ ଆଦି ସଂପର୍କରେ ଅତି ଉପାଦେୟ ସୂଚନା ଓ ପରାମର୍ଶ ଦେଇଥାଏ।

ଦେଶୀଆ ଢଗଢମାଳି ଏହି ଅଞ୍ଚଳର ଜନଜୀବନ ସହ ଓତଃପ୍ରୋତ ଭାବେ ଜଡ଼ିତ। ଏଥିରେ ଜୀବନର ଗଭୀର ଅନୁଭୂତି, ଅନ୍ତର୍ଦୃଷ୍ଟି, ସତ୍ୟତା, ସୌନ୍ଦର୍ଯ୍ୟଚେତନା ଓ ବ୍ୟଙ୍ଗବିଦ୍ରୂପ ନିହିତ। ଏହା ଲୋକଶିକ୍ଷାର ବଳିଷ୍ଠ ମାଧ୍ୟମ ଭାବେ କାର୍ଯ୍ୟ କରିବା ସହ ଲୋକଙ୍କ ଚିତ୍ତବିନୋଦ କରିବାରେ ବିଶେଷ ସହାୟକ ହୋଇଥାଏ। ଆକାରରେ ଛୋଟ ହେଲେ ହେଁ ଏହା ଅତ୍ୟନ୍ତ ଭାବାଶ୍ରୟୀ ଓ ଚିତ୍ରଧର୍ମୀ। ଦେଶିଆ ଢଗଢ଼ମାଳି ସବୁର ସାମାଜିକ ଆବଶ୍ୟକତା, ରସବୋଧ ଓ ସାହିତ୍ୟିକ ମର୍ଯ୍ୟାଦା ବିଋର କଲେ ଏହା ଅନ୍ୟାନ୍ୟ ଲୋକସାହିତ୍ୟଠାରୁ କୌଣସି ଗୁଣରେ ନ୍ୟୂନ ବୋଲି ବିଋର୍ଯ୍ୟ ହୁଏ ନାହିଁ।

## ବାକ୍‌ନା : (ଧନ୍ଦା ବା ନାଁଦିଆ)

ଧନ୍ଦା ବା ନାଁଦିଆ ଲୋକସାହିତ୍ୟର ଏକ ବହୁ ପୁରାତନ ଓ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଏହା ପହଲି, ପହେଲି, ପ୍ରହେଳିକା, ଧନ୍ଦା, ବାକ୍‌ନା ବା ବାକେନା ନାମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପରିଚିତ। ଅବିଭକ୍ତ କୋରାପୁଟ ଜିଲ୍ଲାର ଦେଶିଆ ଭାଷାଭାଷୀ ଅଞ୍ଚଳରେ ନାଁଦିଆ ବାକ୍‌ନା, ବାକେନା, ବା ଧନ୍ଦା ନାମରେ ଜଣାଶୁଣା। ବିଭିନ୍ନ ଅଞ୍ଚଳରେ ଏହାର ନାମରେ ଭିନ୍ନତା ରହିଥିଲେ ହେଁ ବାକ୍‌ନାର ଉଦ୍ଦେଶ୍ୟ ଏକ। ବାକ୍‌ନା ମାଧ୍ୟମରେ ପ୍ରଶ୍ନକର୍ତ୍ତା ଯେଉଁ ଚିତ୍ରଟିର ଅବତାରଣା କରନ୍ତି, ତାହାକୁ ଉପସ୍ଥିତ ବୁଦ୍ଧି ଦ୍ୱାରା ଚିହ୍ନିତ କରି ଉତ୍ତର ପ୍ରଦାନ କରିବାକୁ ପଡ଼ିଥାଏ। ଗୋଟିଏ ଗୋଟିଏ ବାକ୍‌ନାର ଏକ ବା ଏକାଧିକ ଉତ୍ତର ରହିଥାଏ। ପୂର୍ବରୁ ଉତ୍ତର ଜାଣି ନଥିବା ବ୍ୟକ୍ତି ଏହାର ସଠିକ୍ ଉତ୍ତର ଦେବାରେ ସମର୍ଥ ହୋଇ ନଥାଏ। ନାଁ ଦିଆର ସ୍ୱରୂପ ହେଲା, ଏହା ଗୋଟିଏ ପ୍ରଶ୍ନ ଓ ଉତ୍ତର ପାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଯେଉଁ ନାଁଦିଆରେ ପ୍ରଶ୍ନ ନାହିଁ କିମ୍ବା ପଚରା ଯାଇଥିବା କୌଣସି ପ୍ରଶ୍ନର ଉତ୍ତର ଯଦି ନାହିଁ, ତାହା ନାଁଦିଆ ପଦବାଚ୍ୟ ନୁହେଁ। ଲୋକସଂସ୍କୃତିବିତ୍ ଦୁର୍ଗା ଭଗତ ନାଁଦିଆର ସ୍ୱରୂପ ସଂପର୍କରେ କହନ୍ତି 'The riddle encorporates a question primarily and an answer secondarily.' ନାଁ ଦିଆର ପ୍ରଥମ ପ୍ରଧାନ କାର୍ଯ୍ୟ ବୁଦ୍ଧିର କସରତ ଓ ମନୋରଂଜନ ପ୍ରଦାନ। ଏ ସଂପର୍କରେ ଆଲୋଚକ P.D. BEUCHAT ତାଙ୍କ RIDDLE IN BANTU ଗ୍ରନ୍ଥରେ କହିଛନ୍ତି "The main function of the riddle is an entertainment and recognised by all people. The riddle also acts as an exercise of intellectual skill and quickness of wit; it becomes a lest of memory with those riddles whose answers have to be learned by heart to be known." ଏହାର ଧାରକ ଓ ବାହକ ହେଉଛନ୍ତି ପ୍ରଶ୍ନକର୍ତ୍ତା ଓ ଉତ୍ତରଦାତା। ଏହି ଦୁଇ ଜଣଙ୍କ ସକ୍ରିୟ ଭୂମିକା ନାଁଦିଆକୁ ଗତିଶୀଳ କରିବାରେ ବିଶେଷ ସହାୟକ ହୋଇଥାନ୍ତି। ଏଥିରେ ପ୍ରଶ୍ନକର୍ତ୍ତା ପ୍ରଶ୍ନ ପଚାରିଲାବେଳେ ଉତ୍ତରଦାତା ମନଯୋଗ ସହକାରେ ଶୁଣିଥାଏ ଓ ନିଜ ବୁଦ୍ଧିକୁ ଖଟାଇ ଉତ୍ତର ଯୋଗାଡ଼ କରିଥାଏ। ମୋଟା ମୋଟି ଭାବେ କହିବାକୁ ଗଲେ ନାଁଦିଆ ବୁଦ୍ଧିର ପରିମାପକ, ହାସ୍ୟରସ ଉଦ୍ରେକକାରୀ ଓ ସ୍ମୃତି ମନ୍ଥନକାରୀ।

ନାଁଦିଆର ଚିତ୍ରଧର୍ମୀତା ହେତୁ ଏହା ଲୋକସାହିତ୍ୟର ବହୁ ପୁରାତନ ସୃଷ୍ଟି ବୋଲି କୁହାଯାଇପାରେ। ଏହାର ପ୍ରାଚୀନତା ସଂପର୍କରେ ଲୋକସଂସ୍କୃତିବିତ୍ ଶ୍ୟାମସୁନ୍ଦର ମହାପାତ୍ର କହନ୍ତି, "ବହୁ ପୁରାତନ କାଳରୁ ନାଁଦିଆ ଲୋକ ମନରେ ପ୍ରଭାବ ବିସ୍ତାର କରିଆସିଛି। ମିଶରର ସ୍ଫିଂସ ଓ ମହାଭାରତର ଯୁଧିଷ୍ଠିରଙ୍କୁ ଯକ୍ଷଙ୍କ ପ୍ରଶ୍ନ ଏହାର ପ୍ରକୃଷ୍ଟ

ଉଦାହରଣ। ନାଁଦିଆ ଚାତୁର୍ଯ୍ୟ ଓ ବୁଦ୍ଧିର ପରିମାପକ। ସାଦୃଶ୍ୟ, ରୂପକାତ୍ମକତା ଓ ଲକ୍ଷଣା ଏହାର ଭିତ୍ତି।"

ଲୋକଗୀତ ଓ ଢଗଢ଼ମାଳି ଅନୁରୂପ ନାଁଦିଆର ସୃଷ୍ଟି ନିମନ୍ତେ ବ୍ୟକ୍ତିର ପାଣ୍ଡିତ୍ୟ, ରସିକତା, ଅଭିଜ୍ଞତା ନିତାନ୍ତ ଦରକାର। ଜଣେ କେହି ଏହାର ସ୍ରଷ୍ଟା ବୋଲି ଗ୍ରହଣ କରାଯାଇ ନପାରେ। ସମାଜରେ ଜଣେ ଅନ୍ୟ କାହାଠାରୁ ନାଁ ଦିଆଟିଏ ଶୁଣି ଏହାକୁ ମନେରଖି ଅବସର ସମୟରେ ତାହା କହିଥାଏ। ନିଜ ଅଭିଜ୍ଞତା ଓ ସ୍ମୃତିଶକ୍ତି ବଳରେ ବ୍ୟକ୍ତି ନାଁଦିଆମାନ ଜଣକ ଠାରୁ ଅନ୍ୟ ଜଣକ ପାଖକୁ ସଂଚରିତ ହୋଇଥାଏ। ଏଣୁ ଏହାର ସୃଷ୍ଟି ଓ ସଂଚରଣ କ୍ଷେତ୍ର ହେଉଛି ଲୋକମାନସ।

ନାଁଦିଆର ଭାଷା ଲୋକମୁଖର ସରଳ ସାବଲୀଳ ଭାଷା। ଏହା ଚିତ୍ରଧର୍ମୀ ଓ ପ୍ରତୀକଧର୍ମୀ। ଏହା ଅତ୍ୟନ୍ତ କୌତୂହଳ ଓ ଜ୍ଞାନବର୍ଦ୍ଧକ ହୋଇଥିବାରୁ ଆବାଲବୃଦ୍ଧବନିତାଙ୍କ ଶିକ୍ଷାର ଶ୍ରେଷ୍ଠ ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ। ଢଗଢ଼ମାଳିର ସଂଗ୍ରାହକ, ବିନୋଦବିହାରୀ ଦାସଙ୍କ ମତରେ "ସାଧାରଣ ପଲ୍ଲୀବାସୀ ନିଜର ସନ୍ତାନସନ୍ତତିଙ୍କ ଜ୍ଞାନାର୍ଜନ ପାଇଁ ଦୈନନ୍ଦିନ ଅର୍ଜିତ ଅଭିଜ୍ଞତାକୁ ପ୍ରହେଳିକା ମାଧ୍ୟମରେ ନାନା ପ୍ରଶ୍ନ ଆକାରରେ ଲିପିବଦ୍ଧ କରିଯାଇଛନ୍ତି। ତେଣୁ ପ୍ରହେଳିକାକୁ ସାଧାରଣ ପଲ୍ଲୀବାସୀଦାଙ୍କ ଶିକ୍ଷାର ଏକ ଉପାଦାନ ବୋଲି କୁହାଯାଏ। ପୁଣି ଏହା ଅଗଣିତ ଜନସାଧାରଣଙ୍କ ଜୀବନ ଓ ଜଗତକୁ ଜାଣିବାରେ କୌତୂହଳ ସୃଷ୍ଟି କରିଥାଏ। ନାଁ ଦିଆଁର ପ୍ରତୀକ ଧର୍ମୀତା, ହାସ୍ୟରସ ଓ ବୁଦ୍ଧିର ଅନୁଶୀଳନ ହେତୁ ଏହା ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥାଏ।

ନାଁଦିଆଁ ସାଧାରଣତଃ ଗଦ୍ୟ, ପଦ୍ୟ, କିମ୍ବା ଗଦ୍ୟପଦ୍ୟ ମିଶ୍ରିତ ରୂପରେ ପ୍ରକାଶ ପାଇଥାଏ। ଏହା ଖଣ୍ଡ ବାକ୍ୟ କିମ୍ବା ଗୋଟିଏ ବାକ୍ୟ ମଧ୍ୟ ହୋଇପାରେ। ଗଦ୍ୟଧର୍ମୀ ନାଁଦିଆମାନ ଚାରିଶବ୍ଦରୁ ଆରମ୍ଭ କରି ଆଠ / ଦଶ ଶବ୍ଦ ବିଶିଷ୍ଟ ହୋଇଥାଏ।

ଯଥା : "ଚୂନ୍ ଗର୍‌କେ ବାଟ୍ ନାଇଁ"। (ଉତ୍ତର : ଅଣ୍ଡା)

ପଦ୍ୟ ଧର୍ମୀ ନାଁଦିଆ ଦୁଇରୁ ଚାରିଚରଣ (ପଦ) ବିଶିଷ୍ଟ ହୋଇଥାଏ। ଏହି ଚରଣର ଅକ୍ଷର ସଂଖ୍ୟା ସମାନ ନ ହୋଇପାରେ କିନ୍ତୁ ଯତିପାତ ଥାଏ। କେତେକ ନାଁଦିଆରେ ଦୁଇପଦର ଅକ୍ଷର ସଂଖ୍ୟା ସମାନ ରହି ଯତିପାତ ହୋଇଥିବା ବେଳେ ଅନ୍ୟ କେତେକ ଦୁଇପଦର ଅକ୍ଷର ସଂଖ୍ୟା ଅସମାନ ରହିଥିଲେ ବି ଯତିପାତ ହୋଇଥାଏ। ଯଥା:-

"ରାଜାଘର୍ ମାନ କାନେ ଦରି ଝିକି ଆନ।" (କବାଟ)

ପୁଣି

"ଦିନ୍ ବେଲେ ଜିଉସି ରାତ୍ ହେଲେ ମର୍‌ସି।" (ସୂର୍ଯ୍ୟ)

ଏହାର କଳେବର ଯାହାହେଉନା କାହିଁକି ଏହି ସଂକ୍ଷିପ୍ତ ଚିତ୍ରଧର୍ମୀ ପ୍ରଶ୍ନ ଶ୍ରୋତାମନରେ ଗଭୀର ଭାବେ ଆଲୋଡ଼ନ ସୃଷ୍ଟି କରିଥାଏ।

ନାଁଦିଆର ବିଷୟବସ୍ତୁ ମଧ୍ୟରେ ମାଟିରୁ ଆକାଶ ପର୍ଯ୍ୟନ୍ତ ରହିଥିବା ଯାବତୀୟ ବସ୍ତୁ ସ୍ଥାନ ପାଇଥାଏ। ଯେଉଁ ବସ୍ତୁଟିର ଚିତ୍ରକୁ ଶବ୍ଦ ମାଧ୍ୟମରେ ପ୍ରକାଶ କରିବା ପାଇଁ ସମର୍ଥ ହୋଇପାରେ ଓ ଏକ ନାଁ ପାଇଁ ପ୍ରଶ୍ନ ସୃଷ୍ଟି କରାଯାଇପାରେ, ତାହା ହୋଇଯାଏ ନାଁଦିଆ। ଏହା ଗୋଲକଧନ୍ଦା ସୃଷ୍ଟି କରି ମନକୁ ଆନ୍ଦୋଳିତ କରୁଥିବାରୁ ଏହାକୁ ଧନ୍ଦା, ପହେଳି, ପ୍ରହେଳିକା ଆଦି ନାମରେ ଅଭିହିତ କରାଯାଇଛି। ନାଁଦିଆ ମୁଖ୍ୟତଃ ବୃକ୍ଷଲତା, ଫୁଲଫଳ, ପଶୁପକ୍ଷୀ, କୀଟପତଙ୍ଗ, ମନୁଷ୍ୟର ଅଙ୍ଗପ୍ରତ୍ୟଙ୍ଗ, ସାମାଜିକ ଚଳଣି, ନିତ୍ୟବ୍ୟବହାର୍ଯ୍ୟ ବସ୍ତୁ, କୃଷି ଓ କୃଷକ, ଗାଣିତିକ ସଂଖ୍ୟା, ବିଳାସ ସାମଗ୍ରୀ, ବାଦ୍ୟଯନ୍ତ୍ର ଇତ୍ୟାଦିକୁ ନେଇ ସୃଷ୍ଟି ହୋଇଥାଏ। ବିଭିନ୍ନ ବସ୍ତୁକୁ ନେଇ ଯେଉଁ ପ୍ରଶ୍ନ ପଚରାଯାଏ, ଏଥିରେ ରହିଥାଏ ପ୍ରଚ୍ଛନ୍ନ ଭାବ, ଇଙ୍ଗିତ ଓ ରସୋଚ୍ଛଳ ଚିତ୍ର। ଯାହାକି ପିଲାଠାରୁ ବୁଢ଼ାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଜିଜ୍ଞାସା ଜାତ କରିବା ସହ ଆଲୋଡ଼ନ ମଧ୍ୟ ସୃଷ୍ଟି କରିଥାଏ।

ଦେଶିଆ ଭାଷାର ବାକ୍‌ନା ମାନ ଏହି ସମାଜର ଲୌକିକ ଆଚାର, ଉପାବାନୁଷ୍ଠାନ, ସଂସ୍କାର, ଐତିହ୍ୟ, ନୃତାତ୍ତ୍ୱିକ ଓ ନାନ୍ଦନିକ ରସବୋଧ ମାଧ୍ୟମରେ ସମସ୍ତଙ୍କ ମନକୁ ଆନ୍ଦୋଳିତ କରିବା ସଂଗେ ସଂଗେ ହୃଦୟଗ୍ରାହୀ ହୋଇଥାଏ। ଗ୍ରାମର ଅଭିଜ୍ଞ, ବୟସ୍କ, ରସିକିଆ ବ୍ୟକ୍ତି କିମ୍ବା ଗୀତ୍ କୁଡ଼ିଆ ଗୀତକୁଡ଼ିଆଣୀମାନେ ଅବସର ବିନୋଦନ ସମୟରେ ବାକ୍‌ନାମାନ ପଚାରିଥାନ୍ତି। ଉପସ୍ଥିତ ଥିବା ଲୋକେ ଏହାର ଉତ୍ତର ଦେବାକୁ ଚେଷ୍ଟା କରିଥାନ୍ତି। ଯଦି ଉତ୍ତରଟି ସଠିକ୍ ନ ଆସେ ତେବେ ପ୍ରଶ୍ନକର୍ତ୍ତା, ଉତ୍ତରଟିକୁ ବୁଝାଇ କହିଦିଏ। କୋରାପୁଟର ଦୁର୍ଗମ ଆଦିବାସୀ ଅଞ୍ଚଳରେ ଆଧୁନିକ ଗଣମାଧ୍ୟମ ସବୁ ଅପହଞ୍ଚ ହୋଇଥିବା ହେତୁ ଏମାନଙ୍କ ମନୋରଂଜନର ମାଧ୍ୟମ ଭାବେ ଗୀତ, କାହାଣୀ , ଢ଼ଗ ଓ ବାକ୍‌ନା ସବୁ ବିଶେଷ ଭୂମିକା ଗ୍ରହଣ କରିଥାଏ। ସଂପ୍ରତି ପାରମ୍ପରିକ ଶିକ୍ଷାଦାନକୁ ଅଧିକ ଆକର୍ଷଣୀୟ ମନୋରଂଜନ ଧର୍ମୀ କରିବା ଉଦ୍ଦେଶ୍ୟରେ ଯେଉଁ ପରୀକ୍ଷା ନିରୀକ୍ଷା କରାଯାଉଛି, ଆଲୋଚକ ଓ ଗବେଷକ ମାନେ ସେଥିରେ ଏହି ଢଗ ବା ବାକ୍‌ନାକୁ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଗ୍ରହଣ କରିନେଲେଣି। ଏହା ଅତ୍ୟନ୍ତ ସଂକ୍ଷିପ୍ତ ସାବଲୀଳ ଓ କୌତୂହଳପ୍ରଦ ହୋଇଥିବାରୁ ପିଲାଙ୍କ ମନରେ ଆଗ୍ରହ ଓ ଉତ୍କଣ୍ଠା ସଂଜାତ କରିଥାଏ।

## କୋରାପୁଟିଆ ଲୋକସମାଜରେ ଲୋକୋକ୍ତିର ମୂଲ୍ୟବୋଧ :

ଅତୀତରେ ଓଡ଼ିଶାର ଗ୍ରାମାଞ୍ଚଳରେ ଢଗଢ଼ମାଳି ପ୍ରବାଦ, ପ୍ରବଚନ ଓ ନାଁଦିଆମାନ ଦୈନନ୍ଦିନ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏସବୁ ଲୋକଙ୍କ ନିତିଦିନିଆ ଜୀବନରେ ପ୍ରତ୍ୟେକ ପର୍ଯ୍ୟାୟରେ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଆସିଥିଲା । ସଂପ୍ରତି ଆଧୁନିକ ଶିକ୍ଷା ଓ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଓଡ଼ିଆ ଜନଜୀବନରୁ ଏହି ମୂଲ୍ୟବାନ ଲୋକୋକ୍ତିମାନ କ୍ରମଶଃ ଅପସରି ଯିବାରେ ଲାଗିଛି । ଆଜି କେବଳ ଓଡ଼ିଶାର ଗ୍ରାମାଞ୍ଚଳରେ ବୁଢ଼ାବୁଢ଼ୀମାନେ ଲୋକୋକ୍ତିଗୁଡ଼ିକ ସେମାନଙ୍କ ପରିପକ୍ୱ ମନରେ ସାଇତି ରଖିଛନ୍ତି । ଏମାନଙ୍କ ଦୁଃଖସୁଖ, ଘଟଣା ଦୁର୍ଘଟଣା, ହସକାନ୍ଦ ଜୀବନରେ କଥାପ୍ରସଙ୍ଗରେ କାଁ ଭାଁ କେତେକ ଲୋକୋକ୍ତି ସ୍ୱତଃ ପ୍ରକାଶ ପାଇଥାଏ । ଆଜିର ଉଦାରୀକରଣ, ପଶ୍ଚିମୀ ସଭ୍ୟତାର ମୋହଗ୍ରସ୍ତ ବସ୍ତୁବାଦୀ ଜୀବନରେ ଅନୁଭୂତିର କଷଟି ପଥରେ ପରିକ୍ଷିତ ଓ ରସାଣିତ ମୂଲ୍ୟବୋଧ ଲୋକୋକ୍ତିକୁ ଶୁଣିବାରେ କାହାରି ବେଳ ନାହିଁକି ଆଗ୍ରହ ମଧ୍ୟ ନାହିଁ । ଏହି ଅମୂଲ୍ୟ ସୂକ୍ତଗୁଡ଼ିକୁ ସଂଗ୍ରହ ଓ ସଂକଳନ କରିବା ତ ଦୂରର କଥା । ଲୋକୋକ୍ତିମାନ ଜାତିର ପ୍ରାଣସ୍ପନ୍ଦନ ହୋଇଥିବାରୁ ଏଗୁଡ଼ିକର ବିଲୋପ ଫଳରେ ସେଇ ଜାତି ଦିଗହରା ଓ ଆତ୍ମପରିଚୟ ହରାଇ ବସିବ । ଆମର ଏଇ ବରିଷ୍ଠ ବ୍ୟକ୍ତିଙ୍କ ଅନୁଭୂତି ଓ ଦୂରଦୃଷ୍ଟିରେ ନିଃସୃତ ଆପ୍ତବାକ୍ୟମାନ ଏଇ ପୀଢ଼ିର ଅବସାନ ପରେ ଆଉ ଖୋଜିଲେ ବି ପାଇବା କଷ୍ଟସାଧ୍ୟ ।

ଅବିଭକ୍ତ କୋରାପୁଟ୍ ଜିଲ୍ଲାର ଦେଶିଆ ଲୋକସମାଜ ପାଇଁ ଏହି ଢଗଢମାଳି ବା ନାଁଦିଆ ଖାଦ୍ୟପାନୀୟ ପରି ଅତି ଆବଶ୍ୟକୀୟ ସାମଗ୍ରୀ ହୋଇରହିଛି । ଏମାନଙ୍କର କୃଷି ଭିତ୍ତିକ ସମାଜ ଆଧୁନିକତାର ପଙ୍କରେ ପଙ୍କିଳ ହୋଇନାହିଁ । ଅଦ୍ୟାବଧି କୋରାପୁଟର ସମାଜ ଓ ସଂସ୍କୃତିରେ ଲୋକୋକ୍ତିମାନ ପାରଂପରିକ ଲୋକଶିକ୍ଷାର ଆଲୋକ ବହନ କରିଆସିଛି । ଏହା ଲୋକଙ୍କ ଦୈନନ୍ଦିନ ଜୀବନରେ ରକ୍ଷାକବଚ ଭାବେ କାର୍ଯ୍ୟ କରିଆସିଛି । ଆଜି ବି ଅବସର ସମୟରେ ବାପା ପୁଅକୁ, ମାଆଝିଅକୁ, ବୟସ୍କମାନେ କନିଷ୍ଠ ମାନଙ୍କୁ ବସାଇ ଢଗଢ଼ମାଳି ଓ ନାଁ ଦିଆ ମାଧ୍ୟମରେ ଶିକ୍ଷା ପ୍ରଦାନ କରିଥାନ୍ତି । ଗୀତ୍‌କୁଡ଼ିଆ, ଗୀତକୁଡ଼ିଆଣୀମାନେ ଗୀତ ଗାଇବା ବେଳେ ଓ କଥାନୀ ଶୁଣାଇବା ବେଳେ ଢଗଢ଼ମାଳି ଓ ନାଁ ଦିଆର ପ୍ରୟୋଗ କରି ଲୋକଶିକ୍ଷା ଓ ମନୋରଂଜନ ଯୋଗାଇଥାନ୍ତି । ସଂପ୍ରତି ଉଦାରୀକରଣ ଓ ଶିଳ୍ପକରଣର ଋପରେ ଆଦିବାସୀ ଅଞ୍ଚଳରେ ନିଜ ଜଳ, ଜମି ଓ ଜଙ୍ଗଲ ପାଇଁ ଲୋକେ ସଂଗ୍ରାମ କରୁଥିବାବେଳେ ଏବଂ ନିଜ ଭିଟାମାଟି ହରାଇ ବିସ୍ଥାପିତ ହେଉଥିବାବେଳେ ଲୋକଗୀତ, ଢଗଢମାଳି, ନାଁ ଦିଆରେ ନିଜ ଅନ୍ତରର ଏହି ଦୁଃଖ ଓ

କ୍ଷୋଭ ମାର୍ମିକ ଭାବେ ଅନୁରଣିତ ହୋଇଥାଏ। କୋରାପୁଟର ଲୋକସମାଜରେ ଲୋକୋକ୍ତିଗୁଡ଼ିକର ପ୍ରାସଙ୍ଗିକତା ପୂର୍ବଭଳି ଅକ୍ଷୁର୍ଣ୍ଣ ରହିଛି।

କୋରାପୁଟର ଦେଶିଆ ଗୀତ, ଢଗଢ଼ମାଳି, ନାଁଦିଆ ଆଦିର ସଂଖ୍ୟା ଅକଳନ। ଏ ସଂପର୍କରେ ଗୀତ୍‌କୁଡ଼ିଆ, ଗୀତ ମରାମରି (ପ୍ରତିଯୋଗୀତା) ବେଳେ ଗୀତକୁଡ଼ିଆଣୀକୁ କହିଥାଏ : "ବର୍‌କୋଲି ପରି ଅଜାଡ଼ି ଦେବି କାଇ ତର ବାନାଲୁଗା ଓ ସା"। ଅର୍ଥାତ୍ ଗଛରେ ଫଳିଥିବା ବରକୋଳି ପରି ଅଜସ୍ର ଗୀତ ଅଜାଡ଼ି ଦେବି, ହେ ଗୀତକୁଡ଼ିଆଣୀ ତୋର ରଂଗବେରଙ୍ଗ ଲୁଗା ପ୍ରସାରିଦେ। ଏଥିରୁ କୋରାପୁଟ୍‌ରେ ପ୍ରଚଳିତ ଲୋକଗୀତର ସଂଖ୍ୟା କଳନା କରାଯାଇପାରେ। ଏଇ ସଂକଳନରେ ସ୍ଥାନିତ ଲୋକୋକ୍ତି ଦେଶିଆ ଭାଷାର ଅଗଣନ ଢଗଢ଼ମାଳି ଓ ଧନ୍ଦା ମଧ୍ୟରୁ ସ୍ୱଳ୍ପ କେତୋଟି ମାତ୍ର। ଅବିଭକ୍ତ କୋରାପୁଟର ବଣ ପାହାଡ଼ ଘେରା ଦୁର୍ଗମ ଅଞ୍ଚଳରେ ଲୋକମୁଖରେ ଆହୁରି କେତେ ଯେ, ଲୋକୋକ୍ତି ରହିଛି ତା'ର ହିସାବ ନାହିଁ। ଜନଜାତିଙ୍କର ଗୀତର ପ୍ରାଣସ୍ପର୍ଶୀ ଆବେଗ ପରି ଏହି ଢଗଢ଼ମାଳି, ପ୍ରବାଦ ପ୍ରଚଳନ ଓ ନାଁ ଦିଆ ସବୁର ସରଳ ଭାବାବେଗ ଓ ସାର୍ବଜନୀନ ମୂଲ୍ୟବୋଧ ଏହାର ଚିରନ୍ତନତାର କାରଣ।

ଓଡ଼ିଶାରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷଙ୍କ ଉଦ୍ୟମରେ ଲୋକସଂସ୍କୃତି ଉପରେ ଆଲୋଚନାଚକ୍ର, କର୍ମଶାଳା, ସେମିନାରମାନ ଅନୁଷ୍ଠିତ ହେଉଛି। ବହୁ ପ୍ରବୀଣ ଓ ତରୁଣ ଗବେଷକ ଲୋକୋକ୍ତି ବିଷୟରେ ଗବେଷଣାତ୍ମକ ଲେଖାମାନ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ କରି ଏହାର ଚର୍ଚ୍ଚା ଓ ଗବେଷଣାକୁ ଆଗେଇ ନେଉଛନ୍ତି। ଅଦ୍ୟାବଧି ଓଡ଼ିଆ ଢଗଢ଼ମାଳି, ପ୍ରବାଦ ପ୍ରବଚନ ଓ ନାଁଦିଆ ସବୁର ଯଥାର୍ଥ ମୂଲ୍ୟାୟନ ହୋଇପାରି ନାହିଁ। ବିଶେଷକରି ଅବିଭକ୍ତ କୋରାପୁଟର ଲକ୍ଷାଧିକ ଦେଶିଆ ଲୋକଙ୍କ ଜୀବନର ସ୍ୱର ଓ ସ୍ୱାକ୍ଷର ବହନ କରୁଥିବା ଢଗଢ଼ମାଳିମାନଙ୍କର ସଂକଳନ ଓ ଚର୍ଚ୍ଚା ହୋଇପାରି ନାହିଁ। ଆଧୁନିକତାର ପ୍ରବଳ ଚାପରେ ଏହି ସବୁ ଅଞ୍ଚଳର ଭାଷା, ସାହିତ୍ୟ ଓ ସଂସ୍କୃତି ଆଜି ପରିବର୍ତ୍ତନର ଦ୍ୱାରଦେଶରେ ଉପନୀତ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଲୋକଙ୍କ ପ୍ରାଣକୁ ରସସିକ୍ତ ଓ ଜୀବନକୁ ଠିକ୍‌ବାଟ ଦେଖାଇ ଆସିଥିବା ଏମାନଙ୍କ ମୌଖିକ ସାହିତ୍ୟର ସଂଗ୍ରହ ଓ ସଂକଳନ ଅତ୍ୟନ୍ତ ଜରୁରୀ ମନେ ହୁଏ।

□□□

## ॥ ଢଗ୍ ॥

## ସମସ୍ୟାମୂଳକ

୧. ମୂଷା ପୁଡେଇବାର
ଲାଂଜ ଖାଇବାର୍ ।

ଅର୍ଥାତ୍ : ବହୁତ ପରିଶ୍ରମ କରି ଅଳ୍ପ ପାଇବା ।

ଓଡିଆ : କେଉଟ ଧରେ ମାଛ, ଖାଏ କଙ୍କଡା

୨. ଟିବା ଲକ୍ ହାଁସ୍ ବକରା
ନଟିବା ଲକ୍ କନ୍ଦା ବୋବା

ଅର୍ଥାତ୍: ଥିବା ଲୋକର ହସଖୁସି
ଗରୀବ ଲୋକର କାନ୍ଦବୋବାଳି ।

୩. ବସିରଉ ଦାଦା ଆମେ ଆନିବୁ ଗାଦା
ବା
ବସି ରଉ ଦଦା ଆମେ ଏବୁ ଦାନ୍ଦା ପାନ୍ଦା ।

ଅର୍ଥାତ : ଅଳସୁଆ ଭାଇ ବସିରହିଥାଉ
ଆମେ ଆଣି ତା' ପାଖେ ଗଦା କରୁଥାଉ ।

୪. ଦାଏଁ ବାବୁ ଭୁକେ ମରୁ
ନଦାଏଁ ବାବୁ ସୁଖେ ରହୁ ।

ଅର୍ଥାତ: ପରିଶ୍ରମ କରିବା ଲୋକ ଭୋକରେ ରହେ
ଅଳସୁଆ ଲୋକ ସୁଖରେ ରହେ ।

୫. ବାର ଘୋଡ଼ାକେ କେ ଘାସ୍ ଦେଇସି ?

ଅର୍ଥାତ: ଏତେ ଲୋକଙ୍କୁ ଅଯଥାରେ କିଏ ପୋଷିବ ?

୬.  ତୁଣ୍ଡ ଫାଡିଲେ ସରି କାଲିଜା ଦିଶ୍‌ସି ।

ଅର୍ଥାତ:  ଅତ୍ୟନ୍ତ ଦରିଦ୍ର ।

ଓଡିଆ: ଆଁ କଲେ କଲିଜା ଦିଶେ ।

୭.  ଫାଟ୍‌ଲା କୁଡିଆ ଭଲଗୀ ବେଶୀ
ଯେନ୍ତି କର୍‌ଲେ ସେନ୍‌ତି ଏସି ।

ଅର୍ଥାତ:  ଯେନ ତେନ ପ୍ରକାରେଣ ।

୮.  ଧନିଗର୍ କାତା ସୁକି
ଦୁକିର କତା ଫୁକି ।

ଅର୍ଥାତ:  ଧନୀଘର କଥା ବେଦର ଗାର
ଗରୀବର କଥା ସବୁ ଅସାର ।

୯.  ରକତ୍ ଏଲେ ଅକତ୍ ନାଇଁ
ଅକତ୍ ଏଲେ ରକତ୍ ନାଇଁ ।

ଅର୍ଥାତ:  କେଉଁ ଆଡ଼କୁ ନ ଅଣ୍ଟିବା ।

୧୦.  କୁସ୍ ମୁସିଆ ଶେଇ୍ ଟାରା ଫୁଲିଆ ଗର୍
ବୁଇଁ ରାଂଗା ଚୁଲି ପିଟଲ୍ ଟାଲିରେ
ଦିନ୍‌କେ ଖାଏ ଦିନ୍‌କେ ଫିଙ୍ଗେ ।

ଅର୍ଥାତ: ଅତ୍ୟନ୍ତ ଗରୀବ /ଅତି ଦୈନ୍ୟ ଅବସ୍ଥା ।

(ନଡ଼ା ଶେଇରେ ଶୁଏ, ଟାରା ଦେଖାଯାଉଥିବା ଜୀର୍ଣ୍ଣ ଘଳଘରେ ରହେ, ବର୍ଷା ହେଲେ ଚୁଲି ଘୁଞ୍ଚାଉଥାଏ, ଦୈନିକ ପତ୍ର ଥାଳିରେ ଖାଇ ଫୋପାଡୁଥାଏ, ଏପରି ଅବସ୍ଥା ।)

## ଲୋକବିଶ୍ୱାସ ମୂଳକ:

୧୧.  ଖଇରି ମେସିଆ ମନୁଷ୍
ପାଣ୍ଡ୍‌ରି ମେଘର ପାନି
ଏମନ୍‌କେ କେ ନପାରି ଜାନି ।

ଅର୍ଥାତ: ତମ୍ବାଳିଆ ନିଶୁଆ ପୁରୁଷ ଓ ଧୂସର ମେଘର ବର୍ଷାକୁ କେହି ଜାଣି ପାରିନଥାନ୍ତି । ଏମାନଙ୍କୁ ଭରସା ନାହିଁ ବୋଲି ଲୋକ ବିଶ୍ୱାସ ରହିଛି ।

୧୨.　ଲମ୍ ଧାନର ଖେଉ୍

ପାଣ୍ଡରି ମେଘର ପାନି

ଝଡ଼୍‌ଲା ମାଇଜିର ଖୋସା

କେବେ ନାଇଁରେ ଭରସା ।

ଅର୍ଥାତ: ଅଧିକ ବଢ଼ିଯାଇଥିବା ଧାନଗଛର କେଣ୍ଡା, ଧୂସର ମେଘର ବର୍ଷା ଓ ଛାଡ଼ପତ୍ର ଦେଇଥିବା ସ୍ତ୍ରୀର ବେଶଭୂଷାକୁ ଭରସା ନାହିଁ ।

୧୩.　ଆଙ୍କ ପଡ୍ ବଇଦ ଲଉ୍ ।

ଅର୍ଥାତ୍: ପ୍ରଥମେ ନିଆଁଚେଙ୍କ ପରେ ବୈଦ୍ୟ ଦେଖାଇବା ।

(କୋରାପୁଟ ଜିଲ୍ଲାରେ କେହି ରୋଗରେ ପଡ଼ିଲେ ଲାଚ୍ (ନିଆଚେଙ୍କ) ଦେଲେ ରୋଗ ଭଲ ହୋଇଯାଏ ବୋଲି ଲୋକବିଶ୍ୱାସ ରହିଛି । ଏଣୁ ରୋଗୀକୁ ପ୍ରଥମେ ନିଆଁଚେଙ୍କ ଦେଇଥାନ୍ତି । ରୋଗ ଭଲ ନହେଲେ ଡାକ୍ତରଙ୍କୁ ଖୋଜିଥାନ୍ତି )

୧୪.　ପୁନେଇଁର ମୁଖେ ଉଆଁଶ ଶେଷେ

ନାଇଁ ଯିବାର ବିଦେଶେ ।

ଅର୍ଥାତ୍: ପୂର୍ଣ୍ଣମୀ ମୁହଁରେ ଓ ଅମାବାସ୍ୟା ଶେଷରେ ବିଦେଶ ଯାତ୍ରା ନିଷେଧ । ଏହା କଲେ ଅମଙ୍ଗଳ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି ।

## ସାମାଜିକ ଓ ପାରିବାରିକ ଚଲଣିଭିତ୍ତିକ:

୧୫.　ବାପ୍ ପୋ ଦେଉଲେ ପଶେ

ଯା'ର ଦେବୀ ସିଏ ମନାସେ ।

ଅର୍ଥାତ: ଯା'ର ପାଇଁ ଯିଏ ବ୍ୟସ୍ତ ।

୧୬.　ଉଚ୍‌ଲା ଖୀର୍ ଚୁଲ୍‌କି ଲାଭ୍

ବଢ଼ିଲା ଛେଲି ଖଣ୍ଡାକେ ଲାଭ୍

ବଢ଼ିଲା ଝି ଜୁଇଁକେ ଲାଭ୍ ।

ଅର୍ଥାତ୍: ଉତୁରିବା କ୍ଷୀର ଚୁଲିକି, ବଢିବା ଛେଳି ଖଣ୍ଡାକୁ ଓ ଯୁବତୀ ଝିଅ ଜ୍ୱାଇଁକୁ ଲାଭ ହୋଇଥାଏ ।

୧୭.	ବିନ୍ ଭାଙ୍ଗଲେ ବାର୍‌ଟା କାନା

ଡ଼ିସାରୀ ଡାକ୍‌ଲେ କୁକ୍‌ଡା ଆନା।

ଅର୍ଥାତ: ହୁକ୍କା ଭାଙ୍ଗିଲେ ବାରଟି କଣା ଯେପରି ଥାଏ । ଡିସାରୀକୁ ଡାକିଲେ କୁକୁଡା ଆଣିବାକୁ ପଡ଼ିଥାଏ ।

(କୋରାପୁଟର କୌଣସି ବ୍ୟକ୍ତି ରୋଗରେ ପଡ଼ିଲେ କିମ୍ବା ଗ୍ରାମରେ କୌଣସି ଅଘଟଣ ଘଟିଲେ ଡ଼ିସାରୀ (ଗୁଣିଆ) କୁ ଡ଼ାକି ଝଡାଫୁଙ୍କା ଓ ପୂଜାପାଠ କରିଥାନ୍ତି । ସେ ପୂଜାପାଠ ସମୟରେ ବଳି ଦେବା ପାଇଁ କୁକୁଡ଼ା ଲୋଡିଥାଏ।)

୧୮.	ରାଜା ବିବା ଫୁଲ୍ ପାନି

ପରଜା ବିବା ମଦ ପେଣ୍ଡମ୍ ପାନି ।

ଅର୍ଥାତ: ରାଜାଘର ବିବାହ ଫୁଲବିନା ହୁଏ ନାହିଁ । ପରଜା ସଂପ୍ରଦାୟଙ୍କ ବିବାହ ମଦ ଓ ପେଣ୍ଡମ୍ ନିଶା ପାନୀୟ ବିନା ସଂପନ୍ନ ହୁଏ ନାହିଁ ।

୧୯.	କାନା ଚଟା ପୁଏ ରଇଲେ ସରି ଆମରି ପାଇଁ

ବଡ଼େ ସୁନ୍ଦର୍ ଝି ରଇଲେ ସରି ପର୍‌ର ପାଇଁ।

ଅର୍ଥାତ: ପୁଅ ଅକର୍ମଣ୍ୟ ହେଲେ ହେଁ ଘରେ ର୍‌ହେ ଓ ଝିଅ ଯେତେ ସୁନ୍ଦରୀ ହେଲେ ବି ପରଘରକୁ ଯାଏ ।

୨୦.	ଗଟେକ୍ ପୁଁଏର ପୁଏ ନାଇଁ

ଗଟେକ୍ ଆକିର ଆକି ନାଇଁ।

ଅର୍ଥାତ: ଗୋଟିଏ ପୁଅ ଓ ଗୋଟିଏ ଆଖିକୁ ଭରସା ନାହିଁ ।

ଓଡ଼ିଆ: ଏକ ପୁତା ପୁତା ନୁହେଁ, ଏକ ଆଖି ଆଖି ନୁହେଁ ।

୨୧	ଗାଏ ରଇଲେ ସରି ଦିଆଲି

ବେଟା ରଇଲେ ସରି ବୁଆରି।

ଅର୍ଥାତ: ଘରେ ଗାଈଗୋରୁ ଥିଲେ ଦିଆଲି ପର୍ବ ପାଳନ କରିବାକୁ ପଡେ ଓ ଘରେ ପୁଅ ଥିଲେ ବୋହୂଟିଏ ଆଣିବାକୁ ପଡ଼େ ।

୨୨. ଝିମନ୍ କର୍ଲାର ଜୁଆଁଇ

ପେ ମନ୍ କର୍ଲାର ବୁଆରି।

ଅର୍ଥାତ: ଝିଅ ପସନ୍ଦର ଜ୍ୱାଇଁ ଓ ପୁଅ ପସନ୍ଦର ବୋହୂ।

୨୩. ମାନ୍‌ଲେ ଗୁନ୍‌ଲେ ପେଟ୍‌ର ଆୟା

ନା' ମାନ୍‌ଲେ ଗୋଡ଼ର ଧୂଲି।

ଅର୍ଥାତ: ଭାବି ବିଚାରିଲେ ନିଜର ମାଆ,ନମାନିଲେ ପାଦଧୂଳି।

୨୪. କାଞ୍ଚ କାନ୍ଦୁଲ୍ ଖାଇଲିରେ ମାମା

ପେଟ୍ ଗୁଡ୍ ଗୁଡ୍ କାଲା

ତର ବେଟିକେ ଦେକାଏ ମାମା

ମୋର ମନ୍ ଗୁର୍‌ମରି ଗାଲା ।

ଅର୍ଥାତ: ମାମୁଁଝିଅ ପ୍ରତି ଆସକ୍ତି ହେବା ।

(କଞ୍ଚା କାନ୍ଦୁଲ ଖାଇଲେ ଯେପରି ଲାଗେ, ସେହିପରି ମାମୁଁଝିଅ ବଡ଼ ହେବା ଦେଖି ମନ ଗୁରମରି (ବ୍ୟାକୁଳ) ହୋଇଯାଏ । କୋରାପୁଟର ଆଦିବାସୀ ସଂପ୍ରଦାୟରେ ମାମୁଁ ଝିଅକୁ ବିବାହ କରିବା ପାଇଁ ଅଧିକ ପସନ୍ଦ କରାଯାଏ )

୨୫. ମାମା ଝି ଗୁଡ୍ ଘି

ଅର୍ଥାତ: ମାମୁଝିଅ ଗୁଡ ଘିଅ ପରି ଭଲ।

୨୬. ଭାଇର ପୁଏ ଡାକ୍‌ଲେ କର୍‌ସି ଓ .....

ଅର୍ଥାତ୍: ରକ୍ତ ସଂପର୍କ ହିଁ ବିପଦରେ ସହାୟ ହୁଏ।

୨୭. ମାଇଜି ଚତୁର ମନୁଷ କାବା

ଫୁଲା ଲିଆ ଗୁଡ୍ ପାଗା।

ଅର୍ଥାତ: ସ୍ତ୍ରୀ ବୁଦ୍ଧିମତୀ ଓ ପୁରୁଷ ବୋକା ହେଲେ ହେଁ, ଲିଆଗୁଡ଼ ପରି ଉଭୟେ ଉଭୟଙ୍କ ଅତି ପ୍ରିୟ ଓ ଅନ୍ତରଂଗ ।

୨୮. ସରୁ ସରୁ ମୁନିଂଗା କାଡ଼ି

ଶାଗ୍ ଟାନେ କୁଦ୍ ଭାଜି

ନଖକେ ମାଉଁସ ଲାଗ୍‌ବାର କାଏ

ଦଇବର ଭେଟ୍ ଗାଟ୍ ଆଜି।

ଅର୍ଥାତ: ନଖ ସହ ମାଂସର ସଂପର୍କ ହେତୁ ସାକ୍ଷାତ ହୋଇଯିବା ।

୨୯. ନନି ଜନମ୍ ଏଲେ ଆୟାଗର୍ ଘଡ଼ସି

ନନି ମନ୍‌କେ କେଗରେ ସବଇ ରଇସି।

ଅର୍ଥାଚ: ଝିଅ ଜନ୍ମ ପରଘରକୁ, ତାକୁ କିଏ ଘରେ ରଖିବ ?

୩୦. ମାଉଁସେ ମାରାମାରି ମଦେ ମିଶିବାର୍

ମଦେ ମାରାମରି ମାଉଁସେ ମିଶିବାର।

ଅର୍ଥାତ: ଯେତେ ଯାହା ଗଣ୍ଡଗୋଳ ହେଲେ ବି, ମଦ ଓ ମାଂସ ମିଳାମିଶା ହେବା ।

(ଆଦିବାସୀ ଗ୍ରାମରେ ମଦ ଓ ମାଂସ ପାଇଁ ଝଗଡା ହୋଇଥାଏ ପୁଣି ମାଂସ ଓ ମଦଖାଇ ସମସ୍ତେ ମିଳାମିଶା ହୋଇଯାଆନ୍ତି ।)

୩୧. ମନୁଷ୍ ମର୍‌ଲେ ହଲ୍‌ଦୀଚିକନ୍

ଦେଉର୍ ମର୍‌ଲେ ରାଣ୍ଡ।

ଅର୍ଥାଚ: ସ୍ୱାମୀର ମୃତ୍ୟୁପରେ ତେଲ ହଳଦୀ ଲଗାଇବା ଓ ଦିଅର ମୃତ୍ୟରେ ବିଧବା ହେବା ।

(ଆଦିବାସୀ ସମାଜରେ ସ୍ୱାମୀର ମୃତ୍ୟୁପରେ ବିଧବାଟି ନିଜ ଦିଅରକୁ ବିବାହ କରିବା ପ୍ରଥା ପ୍ରଚଳିତ)

୩୨. ମନୁଷର ଭାଷା ମାଇଜିର୍ ଖୋସା

ଅର୍ଥାତ: ପୁରୁଷର କଥା ଠିକ୍ ଥିଲେ ପ୍ରଶଂସା ପାଏ ଓ ସ୍ତ୍ରୀର ଖୋସା ଭଲ ବନ୍ଧା ହୋଇଥିଲେ ସୁନ୍ଦର ଦିଶେ ।

୩୩. ବନ୍ଧୁ ସେ ସୁଆଦ

କେନ୍ଦୁ ସେ ସୁଆଦ।

ଅର୍ଥାତ: କେନ୍ଦୁ ଯେପରି ମିଠା ସେହିପରି ବଂଧୁ ସହ ସଂପର୍କ ମଧୁର ହେବା ଉଚିତ୍।

୩୪. ମାଇଜି ମାତ୍‌ଲା

ତାର୍‌ଲା ଫାଟ୍‌ଲା ।

ଅର୍ଥାତ: ସ୍ତ୍ରୀ ମଦ ପିଇ ମତୁଆଲା ହେଲେ ଗଲା,

ଟାରଲା (ଟଲାରି) ଫାଟିଗଲେ ଗଲା ।

## ବ୍ୟଙ୍ଗ ବିଦ୍ରୁପ ମୂଳକ:

୩୫. ଉଆଁସର ଚରା କାକେ

ନାଇ ଦିଏ ଦରା ।

ଅର୍ଥାତ୍ : ଅସମ୍ଭବ କଥା ।

୩୬. ହେଲେ ନନ୍ଦପୁର୍

ନାଇଁଏଲେ ବସ୍ତର ।

ଅର୍ଥାତ: ହେଲେ ହେଲା, ନହେଲେ ରାଉରକେଲା ।

୩୭. ଗାଏର୍ ଆଡ଼େ

କାକଡ଼ା ଜିଉନା ।

ଅର୍ଥାତ: ଅନ୍ୟକୁ ଭରସା କରିଚଳିଲେ ହଟହଟା ହେବାକୁ ପଡ଼େ।

୩୮. ଅଲପ ଦନରେ ବହୁତମନ୍

ଆଟୀଘେନ୍ ଘୋଡା ଘେନ୍ ।

ଅର୍ଥାତ: ଅଳପଧନରେ ବହୁତମନ ହାତୀଘୋଡା କିଣିବାକୁ ମନ ।

୩୯. ଅଦିକ୍ ଉତ୍‌ପାଚ ନଏରେ କରଡ଼ି

ବଡ଼୍‌ଲେ ଏବେ ବାଉଁଶ।

ଫୁଲ୍‌ଲେ / କାଟ୍‌ଲେ ଏବୁସ୍ ଡ଼ାଲା ଝଙ୍ଗଡା

ପୋଡିଲେ ଏବୁ ପାଉଁଶ।

ଅର୍ଥାତ: ଅତି ଉତ୍ପାତ ହେଲେ ବଡ଼ ପ୍ରମାଦ।

ଓଡ଼ିଆ: ଅତି ଉତ୍ପାତ ଘୋରନାଦ କି ଅବା ପଡ଼ିବ ପ୍ରମାଦ ।

(ଏଠାରେ ପ୍ରତୀକାତ୍ମକ ଭାବେ ଉତ୍ପାତ କରୁଥିବା ବ୍ୟକ୍ତିକୁ ବାଉଁଶ କରଡ଼ି (ଗଜା) ମାଧ୍ୟମରେ କୁହାଯାଇଛି ଯେ ବାଉଁଶ ଯେପରି କରଡ଼ି (ଗଜା) ହେଲେ ଟିକ୍ ଟିକ୍ କାଟି

ଦିଆଯାଏ । ବଢ଼ିଲେ କାଟି ବାଉଁଶକୁ ବିଭିନ୍ନ କାର୍ଯ୍ୟରେ ଲଗାଯାଏ । ପାଣିରେ ଭିଜାଇ କାଟି ସେଥିରୁ ଡ଼ାଲା ଝୁଡ଼ି ତିଆରି କରାଯାଏ ଓ ପୋଡିଲେ ପାଉଁଶ ହୋଇଯାଏ, ସେହିପରି ଉତ୍ପାତ କରୁଥିବା ମଣିଷର ଅବସ୍ଥା ହୋଇଯାଏ ।

୪୦. ଡାବୁ ରେଲେ ବାବୁ
ଡାବୁ ସର୍‌ଲେ ଆବୁଆବୁ ।

ଅର୍ଥାତ: ଆଁବେ ପର୍ଶୁ, ଯାବେ ପର୍ଶୁ, ବାବୁ ପର୍ଶୁରାମ, ପଇସା କ୍ୟା ନକରେ କାମ୍ ।

୪୧. ବଡ଼ଗର୍ କୁଆ ଟଙ୍ଗ ପାନି
ଚିଙ୍ଗଲି ଗାଲା ଛାନି ।

ଅର୍ଥାତ: ବଡ଼ଘରେ (ଧନୀ) ସୋରିଷ ଫୁଟିଲେ ଜଗତ ସାରାବାସେ ।

୪୨. ଉଇକି କଡ଼କା ଡାଣ୍ଡା ସେ କାସ୍
ଇସ୍ ଲସିଗାଲା ଘାସ୍
ଟମେ ଆନିଦେଲା କଦଲୀ
କାରା କେ ଆଣ୍ଡିଲା ରସ୍ ।

ଅର୍ଥାତ: ଅତୃପ୍ତି ହେତୁ ଅଭାବବୋଧ ।

୪୩. ନସିଲା ଗୀତ୍ ଟାନା ବାନା

ଅର୍ଥାତ: ଝଲିନଜାଣି ଅଗଣାର ଦୋଷ ।

୪୪. ଆଟି ଘେନ୍‌ଲି ଘୋଡ଼ାଘେନ୍‌ଲି
ଘେନ୍‌ଲି ମୁଗ୍ ନିପାଟ
ସଂଗାଇ କରି ପାନିଗାଦ୍‌ଲା ବେଲେ
ବେଙ୍ଗ୍ ମାର୍‌ଦେଲା ଲାତ୍ ।

ଅର୍ଥାତ: ଅନେକ ଆଶା କରି ବିଫଳ ହେବା ।

୪୪.(କ) ସର୍‌ଚେ ସାରିଗାଲା ଦଶରା ମାସେ
ଚୁଟାଏ ଜଡଙ୍ଗ ଆଚେ ।

ଅର୍ଥାତ: ଯୌବନ ସରିଗଲେ ରଂଗ ହଜିଯାଏ ।

୪୫. ପଟର୍ ତୋଲା ନାଇ ଯା ନନୀ

ଟେଣ୍ଡ୍‌କା ଡ଼ଗାଇସି

ସିନ୍ଦିବୁଟା ତଲେ ଡୁର୍‌କା ରେଲେ

ଉପରେ ଡ଼ଗାଇସି ।

ଅର୍ଥାତ: ହାତେ ମାପି ଖଣ୍ଡେ ଚାଲିବା ପାଇଁ ପରାମର୍ଶ । ଟେଣ୍ଡ୍‌କା (ଏଣ୍ଡୁଅ) ଓ ଡୁର୍‌କା (ହେଟାବାଘ) କାମୁକର ପ୍ରତୀକ ।

୪୬. ବିରି ମୁଗ ଦିପଟର

ଯା'ର ଦିନେ ତା'ର ବତର ।

ଅର୍ଥାତ: ଯୌବନରେ କୁତ୍ସିତ ବି ସୁନ୍ଦର ଦେଖାଯାନ୍ତି ।

ଯଥା: ଯୌବନେ ମର୍କଟୀରମ୍ଭା ।

୪୭. ଆକି ରଉରଉ କାନା  ବୁଦି ରଉରଉ ବନା ।

ଅର୍ଥାତ: ଅଜ୍ଞାନ ହେତୁ ପଙ୍ଗୁ ।

୪୮. ଲାଗା ଜଇ ସେକା ଝୁଇଁ ।

ଅର୍ଥାତ: ଆଗେଇ ଯିବା / ଅଗ୍ରସର ହେବା ପାଇଁ ପରାମର୍ଶ ।

୪୯. ସରଗର ତରା

ଆତେ ନାଇଦେ ଦରା ।

ଅର୍ଥାତ: ଅସମ୍ଭବ କଥା ।

୫୦. ଆତେ ନାଇ ଦନ୍, ମାମାର ବେଟିକେ ମନ୍ ।

ଅର୍ଥାତ: ହାତରେ ନଥାଇ ଧନ, ମାମୁଁଝିଅ ବାହା ପାଇଁ ମନ ।

୫୧. ଗରେ ନାଇ ରନ୍ଦା

ଦୁଆରେ ଭାଁଇସା ବନ୍ଦା ।

ଅର୍ଥାତ: ଅଣ୍ଡାରେ ନଥାଇ ଧନ, ପୁଅ ବାହା କରି ମନ ।

୫୨.	ଦେକ୍‌ବାକେ ଫୁଲ ଗଭା

ବିତରେ ରବ୍‌ରବା ।

ଅର୍ଥାତ୍: ଉପରେ ଚିକକଣ ଭିତରେ ଫମ୍ପା ।

୫୩.	ତୁଲା କାଉଡ଼ି ଦର୍‌ବାର

କି ଲୁଆ କାଉଡି ଦରବାର୍ ।

ଅର୍ଥାତ: ଅତ୍ୟନ୍ତ ବୋକା

(ତୁଳା କାଉଡିକୁ ଛାଡି ଲୁହା କାଉଡି ଧରିବା କାର୍ଯ୍ୟ ।)

୫୪.	ଲୁଗା ଫାଟ୍‌ଲେ ଡେଙ୍ଗ

ଡ଼କରା ବେଲେ ପେରମ ।

ଅର୍ଥାତ: ଲୁଗା ଚିରିଲେ ଅଲୋଡା ପରି ବୁଢା ବୟସରେ ପ୍ରେମ  ନିରର୍ଥକ ।

୫୫.	କୁମ୍ଭାର ହାଣ୍ଡି ବିକିବାକେ ଯାଇ କରି

ଘୋଡା ଘେନିବା ସରି ।

ଅର୍ଥାତ: ଅଳ୍ପ ଧନରେ ବହୁତ କଳ୍ପନା କରିବା ।

ଓଡିଆ: ଅଦା ବେପାରୀର ଜାହାଜ ମୂଲ ।

୫୬.	ଦାନ୍ଦା ତ ଦାନ୍ଦା

ବୁନ୍ଦ୍ ନଇଲାର କାନ୍ଦା ।

ମର୍‌ଲା କଲିଆ ଉକାରି ଦେଇସି

ଗପେକ୍ ସରନ୍ଦା କାନ୍ଦା ।

ଅର୍ଥାତ: ବିଲୁଆ ପରି ଖଳ ପ୍ରକୃତିର ଲୋକ ମଲାବେଳେ ବି ତା'ର ପ୍ରକୃତି ଛାଡ଼ିନଥାଏ ।

୫୭.	ଅଲାଜୁକ୍‌ର ନାଟ, ଅଲସୁଆ ଛାଡିଲେ ପାଠ୍ ।

ଅର୍ଥାତ: ଲାଜ ଛାଡିଲେ ନାଟ ଅଳସୁଆ ଛାଡିଲେ ପାଠ ।

୫୮.　　　　　　　ଲାଜ୍ ନାହିଁ ଜାକେ, ରଜାଡ଼ରେ ତାକେ।

ଅର୍ଥାତ: ନିର୍ଲଜକୁ ରଜା ମଧ୍ୟ ଡରିଥାନ୍ତି ।

ଓଡିଆ: ଲାଜ ନାହିଁ ଯା'କୁ ରାଜା ଡରନ୍ତି ତା'କୁ ।

୫୯.　　　　　　　ଲାଜ୍ ନାଇଁ ଲଜାଇ ବାକେ

ଫୁଟା ଢ଼ୋଲ ନାଇଁ ବଜାଇ ବାକେ ।

ଅର୍ଥାତ: ନିର୍ଲଜ ବ୍ୟକ୍ତିଙ୍କ ପ୍ରତି କଟାକ୍ଷ

ଲାଜ ନାହିଁ ଲଜ୍ଜା କରିବାକୁ

ଫଟା ଢୋଲ ଧରି ବାହାରି ପଡ ବଜାଇବାକୁ ।

୬୦.　　　　　　　ଘରି ପାଲି ମେଲା କୁକୁର୍ କନ୍ତି ଗାଲା ।

ଅର୍ଥାତ: ଘରିଆଡେ ମେଲାଖୋଲା କୁକୁର କେଉଁଆଡେ ଗଲା

ଅନ୍ୟ ଅର୍ଥରେ: ବାପ ପୁଅ ରାତି ଅନିଦ୍ରା ମୁଗୁରା ପଛ ମେଲା।

୬୧　　　　　　　ଅପ୍‌କର ଜପ୍ କର୍ ଖାଇବାର୍ ସତ୍ ।

ଅର୍ଥାତ୍: ଜପ, ଧ୍ୟାନ ଯାହା କଲେ ବି ଖାଇବାଟା ସତ ।

୬୨.　　　　　　　ଗରେ ରଉ ତେର୍

ପଦାକେ ଯାଉ ବାର୍ ।

ଅର୍ଥାତ: ଘରେ ବସି ରହିବା ଲୋକ ଅଧିକ ପାଏ । ପରିଶ୍ରମ କରିବା ଲୋକ କମ୍ ପାଏ ।

ଓଡିଆ: କାହାର ଧାଇଁ ଧପଡି ବାର / କାହାର ଶୋଇ ରହିତେର ।

୬୩.　　　　　　　ଯା'ର ଜୀବନ୍ ସିଏ ଦାରାଦରି

ସଇତ୍ ବନେ ରାମହରି ।

ଅର୍ଥାତ: ସସସ୍ତେ ନିଜ ପାଇଁ ବ୍ୟସ୍ତ ।

୬୪.	ଆଇ ମରୁ ଭାଇ ମରୁ

ପେଟ୍ ନମରୁ।

ଅର୍ଥାତ: ଯେତେ ଯାହାହେଲେ ବି ପେଟ କଥା ଆଗ ।

୬୫.	ଲାଗାଜଇ ତୁଡ୍‌କା ଲଟି

ଏ ଦେରେ ମାମାର ବେଟି ।

ଅର୍ଥାତ: ମାମୁଁଝିଅ ପ୍ରତି ବିବାହ ପାଇଁ ଅଧିକାର ସାବ୍ୟସ୍ତ କରି ଥଟ୍ଟା ପରିହାସ କରିବା ।

୬୫.(କ)	ଆମଟ୍‌ଲାନ୍ଦା ଗଣ୍ଡକେ ନିକ୍

ତେତରଢୁଟି ପିଟ୍ କେ ନିକ୍ ।

ଅର୍ଥାତ: ଆମ୍ବିଳା ଲାନ୍ଦା (ପାନୀୟ) ଗଣ୍ଡକୁ ମଜା ତେନ୍ତୁଳି ଝାଟି ପିଠିକି ମଜା ।

## ଅନୁଭବ ଭିତ୍ତିକ:

୬୬.	କଲ୍ କଲାନି କରେ ଆଟ୍

ଗୁମାନ୍ ଗୁଇଁ କରେ ପାପ୍।

ଅର୍ଥାତ: ପାଟି କରିବା ଲୋକ ଭଲ, ଚୁପ୍ ହୋଇ ରହିବା ଲୋକ ଖରାପ ।

ଅନ୍ୟ ଅର୍ଥରେ: ଜୋର୍ ଯା'ର ମୂଲକ ତାର।

୬୭.	ନାଇଁ ଜାନେ କାଚା ଅଦା

ନିଦ୍ ନାଇ ଜାନେ ଭଙ୍ଗବୁଦା।

ଅର୍ଥାତ: ଭୋକ ନ ଜାଣେ କଞ୍ଚା ସିଝା, ନିଦ ନ ଜାଣେ ଲଟାବୁଦା

୬୮.	ହକ୍ ସେଦନ୍, କରମେ ପୁଅ ।

ଅର୍ଥାତ, ବୁଦ୍ଧି ଥିଲେ ଧନ, ପୌରୁଷ ଥିଲେ ପୁଅ ମିଳିଥାଏ ।

୬୯.　　　　　ନିକ୍ ମନୁଷକେ ନିକ୍ ମାଇଜି ନାଇଁ

ନିକ୍ ମନୁଷ୍‌କେ ନିକ୍ ଭାତ ନାଇଁ।

ଅର୍ଥାତ: ସୁନା ଥିବା ଲୋକର କାନ ନାହିଁକି କାନଥିବା ଲୋକର ସୁନା ନାହିଁ ।

ସୁନା ଥିଲେ କାନ ନାହିଁ

କାନ ଥିଲେ ସୁନା ନାହିଁ।

୭୦.　　　　　ପର୍ ଆଶ୍ ନିତି ଉପାସ୍।

ଅର୍ଥାତ: ପର ଉପରେ ନିର୍ଭରଶୀଳ ବ୍ୟକ୍ତି ଦୁଃଖ ଭୋଗ କରେ।

୭୧.　　　　　ଗଟେକ୍ ଆକି ଆକି ନାଇଁ

ଗଟେକ୍ ସାକି ସାକି ନାଇଁ।

ଅର୍ଥାତ: ଗୋଟିଏ ଆଖି ଓ ଗୋଟିଏ ସାକ୍ଷୀର କିଛି ମୂଲ୍ୟ ନାହିଁ।

ଏକ ଆଖି ଆଖି ନୁହେଁ

ଏକ ସାକ୍ଷୀ ସାକ୍ଷୀ ନୁହେଁ।

୭୨.　　　　　ମନ୍ ସମାନ ଦନ୍ ନାଇଁ

ଦନ୍ ସମାନ ମନ୍ ନାଇଁ।

ଅର୍ଥାତ: ମନ ଥିଲେ ଧନ ନଥାଏ, ଧନ ଥିଲେ ମନ ନାହିଁ।

୭୩.　　　　　ଫୁଲ ବିତ୍‌ରେ ମଲି

ମାଚ୍ ବିତ୍‌ରେ ଫଲି।

ମାଇଜି ବିତ୍‌ରେ ଶାଲି।

ଅର୍ଥାତ, ଫୁଲ ଭିତରେ ମଲ୍ଲୀ, ମାଛ ଭିତରେ ଫଲି ଓ ସ୍ତ୍ରୀ ଲୋକମାନଙ୍କ ମଧ୍ୟରେ ଶାଳୀ ଶ୍ରେଷ୍ଠ ।

୭୪.　　　　　ଗାଇ ଖାଇଗାଲା କେନା

ତମେ ନାଇଁ କଲେ ଦରିବି ଡେନା

ଗାଲେ ଯିବି ଜେଲ୍ ଖାନା।

ଅର୍ଥାତ, ପ୍ରେମ ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ପ୍ରେମ ପାଗଳ ହେବା ।

୭୫.                ପୋଷ୍ଲା କୁକୁର ଜନ୍ ବଇରି

ପୋଷ୍ଲା କୁକୁର ଉଲଟା ଝବ୍ସି ।

ଅର୍ଥାତ: ପୋଷାକୁକୁର ଲୋକଙ୍କ ଶତ୍ରୁ । ମୀନ କାହାର ନଖାଇ ଜଗତ ବଇରି । ଅନ୍ୟ ଅର୍ଥରେ ନିଜ ଲୋକ ନିଜର ଶତ୍ରୁ ।

ହିନ୍ଦି: ମେରା ବିଲ୍ଲି ମୁଝେ ମିଆଉଁ ।

୭୬.                ମନର ବିତରେ ଶଏ ଗଡିଶା

କେ ନଜାନେ ସାଇ ପଡିଶା ।

ଅର୍ଥାତ: ବନ ପୋଡ଼ିଗଲେ ସଭିଏ ଜାଣନ୍ତି, ମନପୋଡିଗଲେ କିଏ ନଜାଣେ ।

୭୭.                ଗିଆନି କେ ଗିଆନ୍ ଗାଲା ଭେଦି

ମୁରୁକ୍ କେ ଠେଙ୍ଗା ଗାଲା ଖେଦି ।

ଅର୍ଥାତ: ଜ୍ଞାନୀ ଜ୍ଞାନ କଥା ବୁଝିଯାଏ, ମୂର୍ଖ ଦଣ୍ଡପାଇଲେ କଥା ବୁଝିଯାଏ ।

୭୮.                ଯା'ର ମନ୍ ଯେନଟାକେ ରସେ

ଫୁଲ୍ ଦେକ୍କରି ବଅଁର ବସେ ।

ଅର୍ଥାତ: ଯାହାକୁ ଯିଏ ରସେ, କଖାରୁ ଫୁଲରେ ପାତରାପୋକ ବସେ ।

୭୯.                ସରଗର ତରା

ଆତେ ନାଇ ଦେ ଦରା

ବାନ୍ଧି ଆନ୍ଲା କୁକୁର

ସଙ୍ଗ ନାଇଁ ଦେ

ର୍ଥାତ: ସ୍ୱର୍ଗର ତାରା ହାତରେ ଧରା ନଦେଲା ପରି ଅନ୍ୟର କୁକୁରକୁ ଆଣି ବାନ୍ଧିରଖିଲେ ସ ପାଖରେ ରହିବା ଅସମ୍ଭବ ।

୦.                ଘଇଟା ମଲା କେବେ

କାନ୍ଦି ବସରେଲୁ ଏବେ ।

ର୍ଥାତ: ପୁରୁଣା ଦୁଃଖ ମନେ ପକାଇ ବାହୁନି କାନ୍ଦିବା ।

୮୧. ଆଲ୍‌ରା ଲକ୍

ମର୍‌ଲା ସମାନ ।

ଅର୍ଥାତ: କଲବଲ ହେବା ଲୋକ ଅବସ୍ଥା, ଜୀବନ୍ତ ମରଣ ସଦୃଶ ।

୮୨ ଜାନିଲେ ଲଟାବୁଟା ଓଷ, ନା ଜାନିଲେ କାଇ କାଇଟା

ଅର୍ଥାତ: ଜାଣିଲେ ଗଛଲତା, ଔଷଧ ନ ଜାଣିଲେ କିଛି ନାହିଁ ।

## କ୍ଷଣଭଙ୍ଗୁରବାଦ ଭିତ୍ତିକ:

୮୩. ମରତ୍ ମଣ୍ଡଲେ ଜନମ୍ କରଇ

ଦେବ୍‌ତା ଏଲେ ସରି ମରଇ ।

ଅର୍ଥାତ: ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହେଲେ ହେଁ ମରଇ ।

୮୪. ଆସେ ନାଙ୍ଗା ଯାଏ ନାଙ୍ଗା ।

ବାଟେ ସାଙ୍ଗା ଫୁଟା ଟାଙ୍ଗା ।

ଅର୍ଥାତ: ମଣିଷ ଏ ପୃଥିବୀକୁ ଖାଲି ହାତରେ ଆସେ ପୁଣି ଖାଲି ହାତରେ ଚାଲିଯାଏ ।

୮୫. ତ୍ରିଦେବ କାନ୍ଦାଲ ମାୟାମଣ୍ଡଲ

ମଞ୍ଚପୁର ଖେଡ଼୍‌ଘର୍

ଯମର କାକୁଡି ବାଡ୍

ଯମର ଜୀବନ ଯମ ବାନ୍ଧିନେଲେ

ମଶାନେ ପଡିସି ହାଡ୍ ।

ଅର୍ଥାତ: କ୍ଷଣଭଙ୍ଗୁର ଜୀବନ । ଏ ମାୟା ସଂସାର ଏକ ଖେଳଘର । ଜୀବନଟା ଯମର କାକୁଡ଼ିବାଡ଼ । ଯମର ଏଇ ଜୀବନକୁ ଯମ ବାନ୍ଧି ନେଇଗଲେ କେବଳ କେତେ ଖଣ୍ଡ ହାଡ ମଶାଣି ଭୂଇଁରେ ପଡ଼ିରହିବ ।

୮୬. ଯା'ର ପାପ ତା'ର ମା ବାପ୍ ।

ଅର୍ଥାତ: ପାପ ଲୁଚିରହେ ନାହିଁ ।

୮୭. ନା' ଦେଇ ରେଲି କାକେ

ମୁଇଁ ରଇଲିନି ଏବେ ଭୁକେ।

ଅର୍ଥାତ: ଦେଇ ନାଇ ପଣଚ ପଢ଼େଇ

ଏ ଜନ୍ମେ ହେଉଛି ମୁଁ ଧଡେଇ ପଡେଇ ।

୮୮. ଦିଫାତା ଦାରୁକେ, ବାନ୍ଧିବାକେ ନଏ ?

ଅର୍ଥାତ: ମାଟି ଓ ଆକାଶକୁ କିଏ ବାନ୍ଧି ପାରିବ । ଅସମ୍ଭବ କଥା ।

୮୯. ଜାନିଲେ ଶରୀର ଆଚେ ।

ନା ଜାନିଲେ କାଇଟା ନାଇଁ ।

ଅର୍ଥାତ : ମାନିଲେ ଦେବତା, ନମାନିଲେ ପଥର ।

୮୯(କ) ଦରମ୍‌କେ ରାଇଜ ନାଇଁ ପାପିକେ ମରନ୍ ନାଇଁ ।

ଅର୍ଥାତ: ଧାର୍ମିକ ସର୍ବତ୍ର ପୂଜା ପାଏ, ପାପୀ ସର୍ବତ୍ର ନିନ୍ଦାପାଏ ।

## ଲୋକଚରିତ୍ର ଭିତ୍ତିକ:

୯୦. କୁଆ କାନ୍ଦିତ୍ ଜାନେ, ଡମ୍ ଫାନ୍ଦିତ୍ ଜାନେ।

ଅର୍ଥାତ, କୁଆ ରାବିବା ଜାଣେ ଡମ୍ ଠକିବା ଜାଣେ ।

୯୧. ପଢୁନ୍ ଲିକନ୍ କୁରୁଚି ବାସା

ରାଜ୍‌କେ ଚଲାବେ

ଜୋହାର ଲାଗେ ସାଙ୍ଗଲେ ବାବୁ

ମୁଣ୍ଡକ୍ ହଲାବେ।

ଅର୍ଥାତ: ଲେଖାପଢା କରିଥିବା ବାବୁମାନେ ଚୌକିରେ ବସି ଦେଶକୁ ଚଳାନ୍ତି । ଲୋକେ ଜୁହାର କଲେ ମୁଣ୍ଡକୁ ହଲାନ୍ତି ।

୯୨. ଡଙ୍ଗର୍ ପାନି ଡିଙ୍ଗର ମାଇଜି।

ଅର୍ଥାତ : ଡ଼ଙ୍ଗରର ପାଣି ଯେପରି ସ୍ଥିର ରହେନାହିଁ ସେହିପରି କଳିହୁଡି ଦୁଷ୍ଟା ସ୍ତ୍ରୀ ଘରେ ସ୍ଥିତିରେ ରହିପାରନ୍ତି ନାହିଁ ।

୯୩. ଉପ୍‌ରେ ସୁନ୍ଦର ବିତ୍‌ରେ ବାନ୍ଦର

ଅର୍ଥାତ : ଉପରେ ହସ ଭିତରେ ବିଷ ।

୯୪. ଘନ୍ଦୁଆ ଘନ୍ଦୁଆ ବାଲୁ
ଯା'ର ମନ୍‌କେ ଯେନ୍ତାଲାଗ୍‌ଲେ
ସେନ୍ତା ସେନ୍ତା ଘଲୁ ।

ଅର୍ଥାତ : ନିଜ ମନଇଛା କାର୍ଯ୍ୟ କରିବା ।

୯୫. ଇଶ୍ୱର ଖାଇଲା ମୁଗନି କଦ୍‌ଲି
ପାର୍‌ବତୀ ଖାଇଲା ଚୋପା
ବନସ୍ତ ବିତ୍‌ରେ ଗାଇ ପକାଇଲେ
ବଇଦକେ ମାରେ ଦୁକା ।

ଅର୍ଥାତ: ଅଯଥାରେ ମୁଣ୍ଡ ଖେଳାଇବା / ଜଣକ ପାଇଁ ଆଉଜଣେ ପ୍ରତିକ୍ରିୟା ପ୍ରକାଶ କରିବା ।

୯୬. ସୁଜାକେ ସୁଜେ ବୁଜାକେ ବୁଜେ
ବାର୍ ବରଷ ପାନିମାର୍ ଲେ
ପଟର୍ ନାଇଁ ବିଜେ ।

ଅର୍ଥାତ : ବୁଝିବା ଲୋକ ବୁଝିଯାଆନ୍ତି, ଅବୁଝା ଲୋକଙ୍କୁ ଯେତେ ବୁଝାଇଲେ ମଧ୍ୟ ବୁଝନ୍ତି ନାହିଁ ।

୯୭. ଉଦ୍ ଡ଼ଙ୍ଗରିଆ ପଟି ମାଚ୍
ଲେଙ୍ଗଟି ଲଟାଇ ନାଚ୍ ।

ଅର୍ଥାତ : କାମାସକ୍ତ ହୋଇ ଉନ୍ମତ୍ତ ହେବା ।

୯୮. ଆଚ୍ ପଶୁ ପଶୁ ଗଡ଼ ପଶ୍
ଘରା ସରି ଏଲେ ମାଡିବସ୍ ।

ଅର୍ଥାତ୍ : ଅଙ୍ଗୁଳି ପ୍ରବେଶର ସୁଯୋଗ ଦେଲେ ବାହୁ ପ୍ରବେଶ କରିବା ।

୯୯.		ଗରେ ରାନ୍ଧା ନାଇଁ ଦୁଆରେ ଖଲି
		ଆବୁର୍ ଯଇସି ବଲି।

ଅର୍ଥାତ : ଘରେ ଚୁଲି ନାହିଁ ଜଳେ, ବାହାରେ ଫୁଟାଣିମାରେ ।

ଓଡିଆ- ଖାଇବାକୁ ନାହିଁ ଶାଗ ସଜନା, ଡାକ ହକରାଏ ଘିଅ ଆଣନା ।

୧୦୦.		ଦିଆକେ ଦିଆ ଆଦିଆକେ ଦୁଆର୍ ଦିଆ ।
		ଅର୍ଥାତ : ଯେସାକୁ ତେସା।

୧୦୧.		ଲଗାନି କାଚା ପେଷାଣି ଦେବ୍ତା ।

ଅର୍ଥାତ : ଚୁଗୁଲିଆର କଥା ଓ ଗୁଣିଆର ମନ୍ତବଳ ବେଶୀ ଦିନ ରହେ ନାହିଁ।

୧୦୨.		ଲସ୍ ଲସ୍ ଗାଲା ଟକି
		ପରର୍ ଘଇତାଦେକି।

ଅର୍ଥାତ : ପରପୁରୁଷ ପ୍ରତି ଆସକ୍ତି ହେବା ।

୧୦୩.		କରୁକରୁ ବଲନା ଲୁନ୍ ଲଗାଇ ଅଲନା ।

ଅର୍ଥାଚ : ସବୁକାମ କରି ନିନ୍ଦା ପାଇବା ।

ଓଡିଆ: କାଂଜି କରି ଅଲଣା, ବେଠି କରି ବୋଲଣା ।

୧୦୪.		ନନାର ବୁଆ ନିକ୍ ଜାନେ
		କଣ୍ଡା ଦେଇ ଝଉଲ୍ ଆନେ।

ଅର୍ଥାଚ : କେରାଣ୍ଡି ଫିଙ୍ଗି ଶେଉଳ ଟାଣିବା ।

୧୦୫.		ଚତୁର କଓ୍ଵା ଶୂନେ ଫାନ୍ଦେ ଲଟେ।

ଅର୍ଥାତ : ଅତି ଚତୁର ହଟହଟା ହୁଏ ।

୧୦୬.		ପେଟ କାକୁତିକି ମାଟିଆ ଯୋଗୀ।

ଅର୍ଥାତ : ପେଟ ପାଇଁ  ସବୁ ନାଟ ।

୧୦୭. ଖାଇ ମଙ୍କୁର୍ ଡ଼େଇଁ ପଡ଼େ,

ନଖାଇ ମଙ୍କୁର୍ ଫାନ୍ଦ ପଡ଼େ।

ଅର୍ଥାତ: ଦୋଷୀ ଖସିଯାଏ, ନିର୍ଦ୍ଦୋଷ ଫସିଯାଏ ।

ଓଡିଆ: କେହି ଚୋରୀ କରି ତରିଯାଏ କେହି ଦେଖିଯାଇ ଦଣ୍ଡ ପାଏ ।

୧୦୮. ଆରେ ଗରୁ ଉପରେ ପଡ୍ଡୁ।

ଅର୍ଥାତ : ଆ' ବଳଦ ମୋତେ ବିନ୍ଧ୍।

୧୦୯. ଖାଇଲା ତୁଣ୍ଡ ବେଟିଲା ଆତ।

ଅର୍ଥାତ: ସ୍ୱଭାବ ବଦଳେ ନାହିଁ (ପ୍ରକୃତି ନୈବ ମୁଚ୍ୟତେ)

୧୧୦. କାନ୍ଦ୍ କଲା ପୋଡ୍ ଦନ୍ କଲା ପରଜା।

ଅର୍ଥାତ : ମୋଟାକାନ୍ଧ ଥିବା ପୋଡ଼ ପରି ଧନ ଥିବା ପରଜାଙ୍କ ଖାତିର ନଥାଏ ।

୧୧୧. ଦଇଆଶା ମଇଆଶା

ଦେଶର୍ ଯାକ୍ ଆଶା।

ଅର୍ଥାତ : ସବୁକିଛିକୁ ଲୋଭ କରିବା ।

୧୧୨. ମୁଣ୍ଡର୍ ବାଲ୍‌କେ ଘରିଖାପ୍।

ଅର୍ଥାତ : ତିଳକୁ ତାଳ କରିବା ।

୧୧୩. ଉତର ତଲିଆ ଘକୁଣ୍ଡା ବୁଣି ପାନିକେ ଆକ୍‌ରିସି।

ଅର୍ଥାତ : ଅତି ଉତ୍ପାତ ବଡ ପ୍ରମାଦ ।

୧୧୪. କାମ୍ କର୍‌ରେ ବୁଡ଼ା କାମ୍‌ଖାଉ

ମର୍‌ରେ ବୁଡା ମାଉଁସ ଖାଉ ।

ଅର୍ଥାତ : ଅତି ନିଷ୍ଠୁର ସ୍ୱଭାବ ।

ଯଥା:ବଳଦର ବଳ ଥିବା ଯାଏ କାମ କରାଇ ବଳଦ ମରିଗଲେ ତା'ର ମାଉଁସ ଖାଇ ।

୧୧୫. ଖାଲ୍ ମାରୁ ପଛେ, ଡାବୁ ଦଗୁ ଆଗେ ।

ଅର୍ଥାତ : ଜଣେ କାମ କରେ ପଛେ ଅନ୍ୟଜଣେ ଆଗରୁ ପଇସା ନିଏ ।

୧୧୬. ଖାଇଜି ଉମାମା

ରୁନ୍ ସୁଜୁ ବନ୍‌ଜା ।

ଅର୍ଥାତ୍: ଜଣେ ଋଣ କରି ବସିଖାଇବ, ଆଉ ଜଣେ କଷ୍ଟରେ ଋଣ ସୁଝିବ ।

## ଭାଗ୍ୟବାଦ ଭିତ୍ତିକ:

୧୧୭. କରମେ ତିଲେ କରମଙ୍ଗା

କରମେ ନତିଲେ ବଙ୍ଗବଙ୍ଗା ।

ଅର୍ଥାତ : କର୍ମରେ ଥିଲେ ସବୁକିଛି , କର୍ମରେ ନଥିଲେ ନାହିଁ କିଛି ।

୧୧୮. ଯେନେ ଯା' ତେନେ ଯା'

କରମ୍ ଦରିଯା ।

ଅର୍ଥାତ : ଯୁଆଡେ ଯା' କର୍ମ ଧରିଯା ।

୧୧୯. ଭାଗ୍ୟରେ ତିଲେ ଭାଗୀରତି

ଭାଗ୍ୟରେ ନତିଲେ କୁକୁରଗତି ।

ଅର୍ଥାତ : ଭାଗ୍ୟରେ ଥିଲେ ସବୁମିଳିଥାଏ ।

ଭାଗ୍ୟରେ ନଥିଲେ କୁକୁର ପରି ବୁଲିବାକୁ ହୁଏ ।

୧୨୦. ବଡ଼ଗରେ ବନ୍ଦ୍‌ଲି କପାଟ୍

ସାନ୍ ସାନ୍ ଗରେ ବେଣ୍ଟି

କପାଲ୍‌କେ ଅଟାରେଲେ କେବେ ମିଲ୍‌ସି

ଲୋକାରେଲେ ଘଟାଇସି ।

ଅର୍ଥାତ : କପାଳ ଲିଖନ କେ କରିବ ଆନ ।

ବଡ଼ଘରେ ଜାଉଁଳି କବାଟ ଗରୀବ ଘରେ ତାଟି କି ହେବ କପାଳ ନିନ୍ଦି ।

୧୨୧. ତେତ୍‌ଲି ଫଲ୍‌ଲା କଇଁଚି କଇଁଚି

ମାଙ୍କଡ୍ ଖାଇଲା ଆଣ୍ଠି

କାଇ ହିନିମାନ୍ ଅଦୃଷ୍ଟ ଗୋଟି

ସୁନାକେ ଚୁଇଁଲେ ମାଟି ।

ଅର୍ଥାତ : ତେନ୍ତୁଳି ପରି କର୍ମ ଅଙ୍କାବଙ୍କା ହେବା । କୌଣସି କର୍ମ ବିନା ବାଧାବିଘ୍ନରେ ସଫଳ ନହେବା ।

୧୨୨. ଅଲପ୍ ଏଲେ ବୁଟେକ୍ ଏସି

ବଲ୍ ପଡବାର ପାଇଁ

କରମ୍ କପାରେ ନଇଲେ ସରି

ଯେତେକ୍ କର୍‌ଲେ ନାଇଁ ।

ଅର୍ଥାତ: ଭାଗ୍ୟରେ ଥିଲେ ସବୁକିଛି ସମ୍ଭବ ।

## ଜାତିଭିତ୍ତିକ:

୧୨୩. ବାମୁନ୍ ଜାତି ବଡ଼େ ନୀତି

ଅର୍ଥାତ୍ : ବ୍ରାହ୍ମଣ ଜାତିର ରୀତି ନୀତି ଅଧିକ ।

୧୨୪. ଭୂମିଆ ମାଟିଆ ରନା କଟିଆ ।

ଅର୍ଥାତ: ଭୂମିଆ ମାଟିଆ ଜାତି ସହ ସମାନ । ରଣା କଟିଆ ଜାତି ସହ ସମାନ।

୧୨୫. ରଜାର୍ ଦଶରା ଗଦ୍‌ବାର ଗଟର୍

ଝିଡିଆର ନାନ୍ଦୀ ,ମାଲିର ବାଲି ।

ଅର୍ଥାତ : ରାଜାଙ୍କ ଦଶହରା, ଗାଦବାମାନଙ୍କ ଗଟରପର୍ବ, ଝଡିଆ ପରଜାଙ୍କ ନାନ୍ଦୀ ପର୍ବ ଓ ମାଳିଜାତିଙ୍କ ବାଲିଯାତ୍ରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପର୍ବ ।

୧୨୬. କାଡ଼ାକେ ଜାବଡ୍

ରାନାକେ ଝପଡ୍ ।

ଅର୍ଥାତ: ଠେକୁଆକୁ ଗୋଟିଏ ଲାଠି ବା ଫାପଡ ଯଥେଷ୍ଟ ଓ ରଣାଜାତିର ଲୋକକୁ ଗୋଟି ଝପଡରେ ଶାସ୍ତି ହୋଇଯାଏ ।

୧୨୭. ଗଣ୍ଡର ଯେ ଭୂଇଁ ରାଜର ଯେ ରାଇଜ୍ ।

ଅର୍ଥାତ : ଗଣ୍ଡଜାତିର ଭୂମି ରହିଲା ରାଜାର ରାଇଜ ହେଲା ।

୧୨୮. ଉଠ୍‌ଲେ ଗଣ୍ଡ ଛତର୍ ଟେକେ

ବସ୍‌ଲେ ଗଣ୍ଡ ପତର୍ ବିକେ ।

ଅର୍ଥାତ : ଗଣ୍ଡଜାତି ଉତ୍ଥାନରେ ରାଜ, ଗଣ୍ଡଜାତିର ପତନରେ ପତରବିକା ।

(ଅତୀତରେ ଗଣ୍ଡମାନେ ରାଜ୍ୟ ଶାସନ କରୁଥିଲେ । ଏମାନଙ୍କ ବୀରତ୍ୱ ସଂପର୍କରେ କେତେକ ପ୍ରବାଦ ପ୍ରଚଳିତ ।)

୧୨୯. ବାଉଁଶଜଇ ଡ଼ମ୍ ସାଙ୍ଗ

ଅର୍ଥାତ : ବାଉଁଶ ନିଆଁ ପରି ଡମ ଜାତି ସହ ସାଙ୍ଗ ସମାନ ।

୧୩୦. ବାମ୍ଭନ୍‌ରଦନ୍ ବାଦ୍‌କେ

ଦେଶିଆର ଦନ୍ ମଦ୍‌କେ ।

ଅର୍ଥାତ : ବ୍ରାହ୍ମଣଙ୍କ ଧନ ବାଦବିବାଦରେ ଯାଏ ଦେଶିଆ ଲୋକଙ୍କ ଧନ ମଦ ପିଇ ଯାଏ ।

୧୩୧. ଚେଲିନା ଖାଇଲାର୍ ଡାଲନାଇଁ

କମାଲକେ ନାଖାଇଲାର ଶାଗ ନାଇଁ ।

ଅର୍ଥାତ: ଛେଳି ନଖାଇବା ଡାଳ ଓ କମାଜାତିର ଲୋକ ନଖାଇବାର ତରକାରୀ ନାହିଁ ।

୧୩୨. ରାଜାର ସନ୍ଧି ପରଜାର ମାଟି ।

ଅର୍ଥାତ: ରାଜାଙ୍କ ସନ୍ଧି ପରଜାଙ୍କ ଭୂଇଁ ।

୧୩୩. ରାଜା ପରଜା ଦି ଭାଇ ।

ଅର୍ଥାତ : ରାଜା ଓ ପରଜା ଦୁଇ ଭାଇ ।

୧୩୪. ଋଚି କାନ୍ଦୁଲ୍ ପାଚିଲା ପରଜା ଗନ୍ଦୁ ନାଚଲା ।

ଅର୍ଥାତ : କାନ୍ଦୁଲ ପାଚିଲେ ପରଜା ନାଚେ ।

୧୩୫. କାଉ କାନ୍‌ଦ୍‌ବାକେ ଜାନେ

ଡମ୍ ଫନ୍ଦିବାକେ ଜାନେ ।

ଅର୍ଥାତ, କାଉ କା.....କା....... କରି ରାବିବା ଜାଣେ

ଡମ୍ ଜାତି ଠକା ଠକି କରିବାର ଜାଣେ ।

୧୩୬. ବାମୁନ୍ ରାନ୍ଧା ମୂଲା କାନ୍ଧା ।

ଅର୍ଥାତ : ବ୍ରାହ୍ମଣଙ୍କ ରନ୍ଧାରେ ମୂଳା ଥିଲେ ହେଲା ।

୧୩୭. କନ୍ଧ୍ ନା ଜାନେ ଭଲ୍ ମନ୍ଦ୍ ।

ଅର୍ଥାତ୍ : କନ୍ଧ ଭଲ ମନ୍ଦ କିଛି ଜାଣେ ନାହିଁ ।

୧୩୭ (କ) ମଲିଗରର ଚେଲି କୁମ୍ଭାର ଗରର ଘୋଡା

ତନ୍ତୀ ଗରର୍ ମାଙ୍କଡ ଏତିନି ଅଇସେ ଗର୍ ବୁଡା ।

ଅର୍ଥାତ୍ : ମାଳିଘରେ ଛେଳି, କୁମ୍ଭାର ଘରେ ଘୋଡା ଓ ତନ୍ତୀଘରେ ମାଙ୍କଡ଼ ଥିଲେ ସର୍ବନାଶ କରେ ।

୧୩୮. ମଦ୍ ଖାଇଲେ ଦନ୍ଦ୍

ଅର୍ଥାତ : ମଦ ଖାଇଲେ ବଡ଼ ସମସ୍ୟା ।

୧୩୯. ନିଶା ଖାଇଲେ ଦିଶା ।

ଅର୍ଥାତ : ନିଶା ଖାଇଲେ ସର୍ବନାଶ ।

୧୪୦. ରଗର ବିତରେ ଖାସି

ଜାତିର ବିତରେ ଘାସି ।

ଅର୍ଥାତ : ରୋଗ ଭିତରେ ଯକ୍ଷ୍ମା ଯେପରି ମାରାତ୍ମକ ସେହିପରି ଜାତିର ଭିତରେ ଘାସି ଜାତି ମାରାତ୍ମକ ।

## ଉପଦେଶାତ୍ମକ:

୧୪୧. ଉଟର ତୁଲିଆ ଘକୁଣ୍ଡା

ବୁରି ପାନିକେ ଆକରଲା ।

ଅର୍ଥାତ : ଘକୁଣ୍ଡା ଗଛ ଅଳ୍ପ ପାଣି ପାଇ ହଠାତ୍ ଗଜା ହୁଏ ଓ ଖରା ହେଲେ ମରିଯାଏ । ସବ୍‌ଜାନ୍‌ତା ଲୋକଠାରୁ ଦୂରରେ ରହିବା ଉଚିତ୍ ।

୧୪୨. ହଲ୍‌ଦୀର୍ ରଂଗ ପରଦେଶୀ ସଙ୍ଗ ।

ଅର୍ଥାତ: ହଳଦୀର ରଂଗ ଓ ପରଦେଶୀ ସହ ବଂଧୁତା କ୍ଷଣସ୍ଥାୟୀ ।

୧୪୩. ଲକ୍ ଦେକି କାତା

ଲୁଆ ଦେକି ପାନି ।

ଅର୍ଥାତ : ଲୋକର ପ୍ରକୃତିକୁ ଦେଖି କାର୍ଯ୍ୟ କରିବା ଉଚିତ୍ ।

ଓଡିଆ : କମାର ଲୁହା ଜାଣି ପାଣି ଦିଏ ।

୧୪୪. ଡମ୍ ପିଲା କାଉ ପିଲା

ଟାର୍ ବଇରି ନିଶ୍ଚେ ମଲା ।

ଅର୍ଥାତ: ଖଳ ଲୋକମାନଙ୍କ ଠାରୁ ଦୂରରେ ରହିବା ଉଚିତ ।

୧୪୫. ମାଇଜିକେ ନାଇଁ ଦେବାର୍ ଆଣ୍ଡା

ପିଲାକେ ନାଇଁ ଦେବାର କୁଣ୍ଡା ।

ଅର୍ଥାତ : ପିଲା ଓ ସ୍ତ୍ରୀ ହାତରେ ଧନ ଦେବା ଅନୁଚିତ ।

୧୪୬. ଯାକେ ପେଟେ ରେସି ଦାନ୍ତ

ଟାକେ କେବେ ନାଇଁ ଦିଆଟ ଆଟ୍ ।

ଅର୍ଥାତ : ଦୁର୍ଦ୍ଦାନ୍ତ ଲୋକ ସହ ଲାଗିବା ଅନୁଚିତ ।

୧୪୭. ରାତ୍‌ରେ ସଂଘନ , ଦିନ୍‌ରେ ବାଗ୍

ଏନ୍ତା ଯା'ର ଗୁନ୍ ରେସି

ଟାକେ କେବେ ନାଇଁ ଲାଗ୍ ।

ଅର୍ଥାତ : ଖଳ ପ୍ରକୃତି ଲୋକଙ୍କ ସହ ଲାଗିବା ଅନୁଚିତ ।

୧୪୮. ଅଇଲା ଟାଙ୍ଗିଆ ପାଇଲା ବୁକେ
ମନୁଷ୍ ମିଲ୍‌ଲା କେତେକ୍ ସୁକେ ।

ଅର୍ଥାତ : ଆପଣା କଲା କର୍ମମାନ ବେଳହୁଁ ହୁଅ ସାବଧାନ ।

୧୪୯. ଜୀବନ୍ ରେଲେ ଜୀବ୍‌କା ଆଚେ
କରମ୍ ରେଲେ ଦରମ୍ ଆଚେ ।

ଅର୍ଥାତ : ଉଚିତ ମାର୍ଗରେ ଚାଲିଲେ ଧର୍ମ ବାଟ ଦେଖାଏ ।

୧୫୦. ଆଟର୍ କନିଆ ବାଟର୍ ବର୍
ଦେକି ଚଇଁ ଗର୍‌କର ।

ଅର୍ଥାତ : ବୁଦ୍ଧିବିଚାରୀ କାର୍ଯ୍ୟ କଲେ ପ୍ରମାଦ ନପଡ଼ଇ ଭଲେ ।

୧୫୧. ଦନ୍ ଚିଲା ଲକ୍ ଦନ୍ ଗରବ୍
ବିଦ୍ୟା ଚିଲା ଲକ୍ ଟାନ୍
ଏଇ ଦନ୍‌ପନ୍ ବଇଁସ ଗୁମାନ
ନାଇଁ ରଏ ସବୁଦିନ୍ ।

ଅର୍ଥାତ, ଧନ, ଜନ ଓ ଯୌବନ କ୍ଷଣାସ୍ଥାୟୀ । ଗର୍ବ କରିବା ଉଚିତ୍ ନୁହେଁ ।

୧୫୨. ରାତି ଭୁକେ ସକାଲେ ଭୁକେ
ଜୀବନ ମିଶା ନାଇ ଦୁକେ
କାନ୍ଦର୍ କାଉଡି କାନ୍ଦେ ରେଲେ ସରି
କାଇ ଘେନି ମର୍‌ବାର ଭୁକେ ।

ଅର୍ଥାତ୍ : ପରିଶ୍ରମୀ ଲୋକ ଉପାସରେ ରହନ୍ତି ନାହିଁ ।

୧୫୩. ପିଲା ମଂତରୀ ମାଇଜି ରାଜା
ସେ ପୁର୍‌କେ କେବେ ନାଯା' ।

ଅର୍ଥାତ୍: ଅଳ୍ପ ବୟସର ମନ୍ତ୍ରୀ ଓ ନାରୀ ଶାସିକା ଥିଲେ ସେଇ ରାଜ୍ୟରେ ପ୍ରକୃତ ନ୍ୟାୟ ମିଳେ ନାହିଁ ।

୧୫୪.		ଅସ୍ ପାନି ତାନେ ସସ୍ ନଯାଏ

ଏ ଦନ୍ ସଂପତି ବଇସ୍ ସବୁଦିନ ନା ରଏ।

ଅର୍ଥାତ : ଶିଶିର ପାଣିରେ ଶୋଷ ମେଣ୍ଟେ ନାହିଁ କି ଧନ, ସଂପତ୍ତି ଓ ବୟସ ସବୁଦିନ ରହେ ନାହିଁ ।

୧୫୫.		କମନ୍‌କେ ନାଇଁ ବଲିବାର ପାଦା

ଜମାନ୍‌କେ ନାଇଁ ବଲିବାର ଦାଦା।

ଅର୍ଥାତ : ଜଙ୍ଗଲକୁ ନିରାପଦ ଭାବିବା ଉଚିତ୍ ନୁହେଁ କି ପୋଲିସକୁ ଭାଇ ବୋଲି ଭାବିବା ଉଚିତ୍ ନୁହେଁ ।

୧୫୬.		ସରଗି ସିଉନା ଭଟରା ଜିଉନା

ବାମ୍ଭନ୍ ଜିଉନା ସୁକେ

କାନ୍ଦର୍ କାଉକି କାନ୍ଦେ ରଇଲେ ସରି

କାଇ ଘେନି ମରିବାର ଭୁକେ।

ଅର୍ଥାତ : ପରିଶ୍ରମ କଲେ ପେଟ ଅପୋଷା ରହେ ନାହିଁ ।

୧୫୭.		ଛାତି ଫୁଟିଚେ

କୁଇଁବାର୍ ଡର୍‌ବା ଟାକି।

ଅର୍ଥାତ: ମୁଣ୍ଡ ଦେଖାଇ ଖୁରକୁ ଡ଼ରିବା କାହିଁକି ।

ଅନ୍ୟ ଅର୍ଥରେ ଜନ୍ମ ମୃତ୍ୟୁକୁ ଡ଼ରିବା କାହିଁକି ?

୧୫୮.		ଦାନ୍ ଦେବାର ଘୋଡ଼ାକେ

ଦାନ୍ତ ଦେକବାର ନାଇଁ।

ଅର୍ଥାତ : ଦାନ ମିଳିଥିବା ଘୋଡାର ବୟସ ପଚାରିବା କଥା ନାହିଁ ।

୧୫୯.		ଲକର୍ ଶାଢୀ ଛନ୍‌କେ ଲାଡ଼ି।

ଅର୍ଥାଚ : ପରର ଲୁଗାପିନ୍ଧି ଯାଚକୁ ଗଲେ ଶୋଭା ପାଏନି ପର ଉପରେ ନିର୍ଭର କଲେ ହଟହଟା ହେବାକୁ ପଡେ ।

ଓଡିଆ: ପରଦ୍ରବ୍ୟରେ ଲହର ପହର ଛଡ଼ାଇ ନେଲେ ଲାଜରେ ମର ।

୧୬୦. କାଟା କଇ ଜନିବାର ଅଚେ

ବାଟ୍ ଘଲିଜାନିବାର୍ ଅଚେ

ନାଟ୍ କରି ଜାନିବାର୍ ଅଚେ।

ଅର୍ଥାତ : କହି ଜାଣିଲେ କଥା ସୁନ୍ଦର, ଚଲିଜାଣିଲେ ବାଟ ସୁନ୍ଦର, ନାଚି ଜାଣିଲେ ନାଟ ସୁନ୍ଦର।

୧୬୧. କତା କଇ ଡଙ୍ଗେ ରଂଗେ

ବାଟ୍ ଘଲିବାର ସଙ୍ଗେ।

ଅର୍ଥାତ୍: କଥା କହିବ ଢଙ୍ଗରେ ବାଟଚାଲିବ ସଂଗରେ।

୧୬୨. ଡମ୍ ହଲିଆ, ଲଟା ଗଲିଆ ବଲ୍ଦ କାଲିଆ ।

ଅର୍ଥାତ୍ : ଡ଼ମ ଜାତିର ହଳିଆ, ଗହଳିଆଲଟା ଓ କଳାବଳଦ ରଖିବା ଅନୁଚିତ ।

୧୬୩. ଟିର୍ ଏଲେ ଖୀର୍ ଖାଇବାସ୍।

ଅର୍ଥାତ : ଧୀର ସ୍ଥିର ହେଲେ ସୁଫଳ ମିଳେ ।

ଓଡିଆ: ଧୀର ପାଣି ପଥର କାଟେ ।

୧୬୪. ଅତି ଉତ୍ପାତ ନରକେ ଆତ

ସକାଲ୍ ପାଇଲେ କପାଲେ ଆତ୍।

ଅର୍ଥାତ : ଅତି ଉତ୍ପାତ ଅନିଷ୍ଟର କାରଣ।

୧୬୫. ଦେଲା ଗାଇର୍ ଦାନ୍ତ ଗଣିବାର୍ ନାଇଁ

ଦାନ ଦେଲା ଗାଇ ଶିଙ୍ଗ ଦେଖିବାର ନାଇଁ ।

ଅର୍ଥାତ୍ : ମାଗଣା ମିଳିବା ଜିନିଷର ବାଛ ବିଚାର ନାହିଁ ।

୧୬୬. ଦନବାଇ ଦନ ବଇରି

ଦନ୍ ନଏ କାଆରି।

ଅର୍ଥାତ : ଅର୍ଥ ଅନର୍ଥର ମୂଳ

୧୬୭. ଯା'ର ପଲ୍ଲା ତା'ର ଖଲା ।

ଅର୍ଥାତ : ଗୁଆ ଚାଷ ଯାହାର ଖଳା ଭର୍ତ୍ତି ତାହାର ।

□□

# ବାକ୍ନା

## ବୃକ୍ଷଲତା

- ସାନ୍ ରଇତେ ଘକନା
  ବଡ଼୍ ଅଇଲେ ଟେକ୍ନା । — କରଡି (ବାଉଁଶ ଗଜା)

- ଡେଙ୍ଗା ଡ଼କରୀ ମୁଣ୍ଡେ ମୋଟ
  ମୁଣ୍ଡ୍ କାଟିଲେ ଛଟପଟ୍ । — ଜନ୍ଦରୀ (ଜଅଁର)

- କୋଟ ଉତୁ ଭୁରୁସାନାକା
  ଫୁପୁ ଗାଏଁ ବଡ଼େ ଦାକା । — ଜନା (ମକା)

- ମା ସୁନ୍ଦରୀ ଝି ଘବ୍ରୀ। — ମରିସ୍ (ଲଙ୍କାମରିଚ)

- ଝି ସୁନ୍ଦରୀ ମା ଘବ୍ରୀ। — କାଟାକୋଲି (କଣ୍ଟାକୋଲି)

- ବୁନିଲି କାଲା ଜିରା
  ଫୁଟିଲା ଲାଉ ଫୁଲ୍
  ଫଲିଲା କରମଙ୍ଗା। — (ରାଶି)

- କଲିଙ୍ଗ ଦେଶର୍ ମଇଁଷି
  ସିଙ୍ଗେ ଦର୍ଲେ ଅଇଁ କରସି। — କଉଡି (ବାଉଁଶ ଗଜା)

- ଚଲେ ମୁଟା
  ଉପର ଛାତା। — ସାରୁକାନ୍ଦା (ସାରୁ)

- ଗଚ୍ ବଦ୍କା ପଚର୍ଚକା
  ଖାଇଲେ ରସ୍ ମନକେ ଆସ୍। — ଧୁଙ୍ଗିଆ (ଧୂଆଁପତ୍ର)

- କାଚା ଖାଇଲେ କାଚଲି
  ପାଚଲା ଖାଇଲେ ଛାଲି।
  ଏଇ ଦାନ୍ଦା କଇ ନା ପାରିଲେ ଦେବିକାନ ମୋଡ଼ି ।(ସିନ୍ଧିକୋଳି)

- କଲିଙ୍ଗ ରାଇଜର ଗଚ୍
  ଅଣ୍ଡାରେ କେରଙ୍ଗ ଡ଼ୋର୍
  କେରଙ୍ଗ ଡ଼ୋରରେ ଫଳିଲା ଅଚେ
  ଶଏ ସତରଟା ଫଲ। (ପଡ଼ଇ କୋଳି)

- ବୁଦିରଇଲା କୋଲି ପତରେ ଫଲେ
  ବୁଦି ସାରିଗଲେ ଅଦ୍ରସି ତଲେ ଆଉଁଲା (ଅଁଳା)

- ଇଡ଼ି ଇଡ଼ି ମଂଜି ଟାଟାଡୁ ପତ୍ର। ଧୂଙ୍ଗିଆ (ଧୂଆଁପତ୍ର)
  ଚେଡି ପିନ୍ଦି ଜନମ ଅଇସି
  ବଡ଼ ଅଇଲେ ନାଙ୍ଗଲା ଅଇସି । (ବାଉଁଶ)

- ଟା'ର ମା' ଡେଙ୍ଗୀ ରଇଲା
  ଟାର ଝି ନିଆଲି ମତି।
  ଟାର ପୋ ଚିକ୍ନା ବଟୁ । ମଉଲ୍ ଗଚ୍ (ମହୁଲଗଛ)

- ସୁରୁ ସୁରୁ ମଂଜି ପତର ବାକ୍ଲି
  କାସୁଲ କଣ୍ଡାମିଶା ଦାନ ପଚର ବାକ୍ଲି। ଧୂଙ୍ଗିଆ (ଧୂଆଁପତ୍ର)

- ଗଚ୍ ସରଡିଆ ପତର ଡୁଆ
  ଦେକି ରଇଁ ମକେ ଚିଆଁ। ଚିକନିକାଟା (ଏକପ୍ରକାର କଣ୍ଟା ଗଛ)

- ଗଜ୍‌କେ ବାଜାକଲି
  ଟୁଡୁବୁଡ଼ି କେ ଆମଟ କଲି। କରଡିଆରି ବଡ଼ା ଛାତି
  (କରଡି ଓ ବଡା ଛତୁ)

- ପିଲାବେଲେ ବାଙ୍କା ଟେକନା
  ବଡ଼ ବେଲେ ଡ଼ାଙ୍ଗ ଟେକ୍ନା (ବାଉଁଶ)

- ପିଲାବେଲେ ରଏ ମୁଣ୍ଡରେ ଟୋପି
  କୃଷ୍ଣ ଅବତାରେ ବାଉଁଶି ଫୁଙ୍କି
  ରାମ୍ ଅବତାରେ ରାବନ୍ ମାରି
  ଆଜି ଅଇ ରଇଲା ସେଇ ତରକାରୀ। (କରଡ଼ି)

- ଆଟ୍ ଆଟ କାକୁଡି
  ନଅ ଆଟ ମଂଜି
  ଉଡିଗଲା ଯଜନକେ
  ପଡ଼ିଗଲା ବନ୍ଦି। (ବାଉଁଶ ଗଛ)

- ଗଚ ଅଚେ ପାଉଁଶିଆ
  ପଚର ଅଚେ କୁଲା ପରି
  ସେ ଗଚର ଫୁଲ କାଙ୍କଡ
  ଏ ବାକ୍ନା ଯେ ନା କଇସି
  ସେ ଅଇସି ବୁଢା ମାଙ୍କଡ୍। (ଜଡାଗଛ)

- କାଚା ପଚରିଆ ଗାଗଡ଼େ ପଚର ସରୁ
  ଦୁବ୍ ଘାସ୍ ନାଇଁ
  ନାଇଁ ସେ ଦାରୁ
  ଘାସ୍‌ରୁ ଟାନ୍ ବଡ଼
  ବାଲୁ ଏସିଲଡ୍‌ବଡ୍। (ବାଉଁଶ ଗଛ)

- ବାଉଁଶର ଦାଣ୍ଡା
  ଗାଗଡ୍ ଯାକ୍ ମିଟା। ଦାଣ୍ଡା (ଆଖୁ)

- ପୁରୁବ ଗାଲି ପଚିମ୍ ଗାଲି
  ଦଖିନ୍ ଆଗି ଉତର୍ ।
  ଗଟେ ଗାଏଁ ଦେକି ଆଏଲି
  ଫୁଲ୍ ଉପରେ ପତ୍ର । (ଗୟସ)

- ଆମର ଗୁଡ଼ାର ମଙ୍ଗଲ
  ପିଲାବେଲେ ଲୁଗା ପିନ୍ଦିସି
  ବଡ଼୍ ବାଡ଼ିଲେ ନଙ୍ଗଲା । (ବାଉଁଶ ଗଛ)

- ଗଚ୍ ମହାମେରୁ ପତର ସରୁ
  ତା'ର ପିଲାଟକି ବାକ୍ଟା ଗୁରୁ । ତେତ୍ଲି (ତେନ୍ତୁଳି)

- ଶୁକ୍ଲା କୁଟେ
  ବାରବାନି ଫୁଲ୍ ଫୁଟେ । (ବାଉଁଶଗଛ)

- ଉପ୍ରେ ଛତା ପାରା
  ତଲେ ମୁତା ପାରା । (ସାରୁଗଛ)

- ସରଗ ସିମିଲି ଗଟେକ୍ ଗଟି । (ବଟାଘାସା)

- ଉପରେ ଅଚେ ଝୀତ୍ରା
  ମୁଣ୍ଡା ଉପରେ ପଣ୍ଲା ଲେଣ୍ଡା । ମୂଲା କାନ୍ଦା(ମୂଳା)

- ଦବ୍ଲା ବକ୍ଡା ଲେପ୍ଟା କାନ୍
  କାନ୍‌କେ ଦରି ଜିକି ଆନ୍ । ମୂଲା କାନ୍ଦା (ମୂଳା)

- ବାକ୍ଟି ଟିକ୍ଟି ତୁତାରି
  କେନେ ଯା ତାରି
  ତମେ ଉଚକ ଦେଇ ମରତେ ରେଲେ
  ଖବର ଜାଚାରି । କୁମୁଡ଼ା ଓ ତୁଣ୍ଡିମାଲ
  (କଖାରୁ ଓ କୁନ୍ଦରି ଲଟା)

- ଆମର୍ ଗର୍ ପର୍ଟି ଟକି
  ଡୁଇଁଦେଲେ ଲାଜ (ଲାଜ କୁଳିଲତା)

- କାଲିଆ ବକ୍‌ଡ଼ା କାନ୍ କେ ଆଲ୍‌ଟୁ ଧୁଙ୍ଗିଆ (ଧୂଆଁପତ୍ର)

- ବାବା ଡ଼େଙ୍ଗ ଝିପଲକା ପୁତୁଙ୍ଗା (ମହୁଲଗଛ, ମହୁଲ ଓ ଟୋଲା)

- ଆମର ଗରେ ଗଟେକ୍ ଟକି
  ଲୁଗା ଗଡିରଇସି ସାତ୍‌ଟା ଉଲି (ପିଆଜ)

- କାଉବେଲେ ଖୀର୍ ପିଇସି
  କାଉ ପତ୍‌ରିଆ ଲୁଗା ଅଡ଼ସି
  ପାଚିଗାଲେ ସରି

- ଗାଗଡ଼ଯାକ ସୁନା ଅଡସି (ଧାନ)

- କାଉପଚର ଟୁଣ୍ଡ ଭଂଗ (ପାନ)
  ପିଲାବେଲେ ଅଡ଼ିରଇସି

- ବଡ଼ ଏଲେ ସରି ନାଂଗଲ ଏଇସି । (ବାଉଁଶ)
  ଚର ଦନ୍ଦାନିକେ ମରେ ଦାନ୍ଦାନି ପାଲଟାଇ

- କଲିଆ ପିଲାର କାନ ଆଲ୍‌ଟାଇ । ଧୁଙ୍ଗିଆ (ଧୂଆଁପତ୍ର)
  ଚଲ ରାଜର କାଲିଆ କାଉ
  ଲେପର ଲେପର କାନ
  ବଡ଼କେ ଆନ୍‌ସୁକି ସାନ୍‌କେ ଆନ୍‌ସୁ
  ବାଚିବାଚି ଆନ୍ । ଧୁଙ୍ଗିଆ (ଧୂଆଁପତ୍ର)

- କୁକର କୁନ୍ଦା କୁକର କୁନ୍ଦା
  ଲେଂଙ୍କେ କୁଣ୍ଡକେ ଡ଼ୋର ବାନ୍ଧା । ଧୂଙ୍ଗିଆ (ଧୂଆଁପତ୍ର)

# ଫୁଲଫଳ

- ବାହାରେ କାଟା
  ଭିତରେ ମିଟା । ପନସ୍ (ପଣସ)

- କାଟାଗଚେ କାଯାର ଫଲ୍ । ବାଙ୍ଗା (ବାଇଗଣ)
  ଫୁଲ୍ ନାଇଁତାର ନାଉଁ  ଫୁଲ
  ପତର ବିତରେ ରଇସି
  ଶୀତ ଋରିମାସ୍ ବାହର କରି
  ବଡ଼େ ସୁନ୍ଦର ଦିଶ୍‌ସି । (ଫୁଲକୋବି)

- ସୁନ୍ଦ୍‌ରୀ  ମୁଣ୍ଡେ
  ଦେବ୍‌ତାର  ପାଦ୍‌ତଲେ । (ଫୁଲ)

- ଫୁଲ ବିତରେ ପାଖୁଡ଼ା ନାଇଁ
  ଫୁଲ୍ କେନ୍ତା ଆଇଲା ଭାଇ । (ଆମ୍ବ ବଉଲ)

- ଗୁଚେକ୍ ଲୁଗା ଅଡ଼ିରଇସି
  ମୁଣ୍ଡେ ଖଇରୁ ବାଲ୍
  ଗାଗଡ଼େ ଦରଲା ଅଚେ କେତେ ମୁକୁତା ।
  ପୁଡ଼େଇ ଖାଇବୁସେ ଋଲା । ଜନା (ମକା)

- ଦିନ୍ ବେଲେ ବାସନା ନାଇଁ
  ରାତ୍ ବେଲେ ବାସ୍‌ସି । (ରଜନୀ ଗନ୍ଧାଫୁଲ)

- ଗଚର୍ ନାଉ ହୀରା
  ଗଟେକ୍ ଗଚେ ଫଲି ରଇସି ଦେକ୍
  ବଡ଼ ବାଙ୍ଗା ଜିରା । (ମହୁଲ)

- ଗଚ୍ ବଡ୍‌ଟା ହେଲେ
  ପଚର୍ ସୁରୁ । ଚେତ୍‌ଲି (ତେନ୍ତୁଳି)

- ଫୁଲ୍ ଉପ୍‌ରେ ଗଚା। (ସପୁରୀ)

- ଗଟେକ୍ ପିଲାକେ ପୁଟେକ କସୁ। ପନସ୍(ପଣସ)
ଗଚର ନାଇଁ ଡିଗିଡିଗି
ଫୁଲର ନାଉଁ ପଦମିନି
ରାଜାଗର ଡଡକା
କେଉଟଗର ମାଙଡି ଚନା
ଏବାକିନା ନା କଇଲେ ସରି
ତାକେ କାନେ  ଦରି ଜିକିଆନା। (ସେମିଳି ଫୁଲ ଓ ଫଳ)

- ଗାଈ ଡୁଲି ରଇସି
ଦୁଆଁ ସାରି ବୁଲୁସି। କୁମୁଡ଼ା(କଖାରୁ)

- ଅଡ୍‌ଅଡ୍ ପତର ବିରିମାରୁ ଟଟା
ସୁନାର ମୁକୁଟ ରୂପାର ଡ଼େଟା। (କଦଳୀ କାନ୍ଦି)

- ନୂଆ ଆଣ୍ଡି ପୁରନା ତାଦରା। (କେନ୍ଦୁ)

- ଟଟ୍ କୁକୁଡା ଦେନାଇ ଗାର। ଆଉଁଲା (ଅଁଳା)
ସୁରସୁରୁ ପତର ଶଅଶଅ ବାଟି
ଏ ବାକ୍‌ନା ନା କଇଲେ ନାକ୍ କାଟାକାଟି। (ଅଁଳା)

- ନିଏଟି ମନ୍ଦାର ନିଏଟି ମରୁଆ
ନିଏଟି ଫୁଲର ବାସ
ମନ୍ଦିପଚର ସବୁ ଜଡି ଯାଇସି ଏଲେ
ଫୁଲର ଏ ଛମାସ। ସିରଲିଫୁଲ । (ଏକଜଙ୍ଗଲୀ ଫୁଲ)।

- ତଲେ ପାଟା ଉପ୍‌ରେ ପାଟା
ମଜାଏ ଅଚେ ରୂପାର ଟାଙ୍କା। (ସିଆଡି ମଂଜି)

- ରଂଗ ରଂଗ ବୁଟିଆଟା ଶାମସୁନ୍ଦର ଭାଇ
  ଏବାକ୍‌ନା ନା କଇଲେ କାନ୍‌ମୁଡା ଖାଇ। ମରିସ୍ (ଲଙ୍କାମରିଚ)

- ଘକ୍‌ଡ଼ିଲ ମଜାଇ ଫଲ
  ତା'ର ପାନି ବଡ଼େ ନିରମଲ। ନାଡ଼ିଆ (ନଡ଼ିଆ)

- ରଂଗ ତଡକି ଉଜଲବତୀ
  ଅଗନିମୁଣ୍ଡେ ପାଟ୍
  ଏ ବାକ୍‌ନା ନା କଇଲେ
  ନାଇଁ ବୁଜିବ ପାଠ୍ । ଅଲସୀଫୁଲ(ଅଳସୀଫୁଲ)

- ପିଲା ଆଗେ ଜନମ ଏସି
  ବାବା ପଚେ ଜନମ ଏସି
  ବାବା ମରି ଯାଇସି
  ପିଲାଭେଣ୍ଡିଆ ଏସି। ବାଲିଆ ଆରି ମଂଜି(ଲଙ୍କା ପାଣ୍ଡୁ ଓ ମଂଜି)

- ସେବ୍‌ତୀ ନଏ କି ମଗୁଆ ନଏ
  ସେ ଫୁଲ ରେସି ବାରମାସୀ। ସିରଲୀଫୁଲ (ଏକ ପ୍ରକାର ଜଙ୍ଗଲୀ ଫୁଲ)

- ତଲେ ଫୁଲ ଫୁଟ୍‌ସି
  ଉପ୍‌ରେ ଫଲ ଫଲ୍‌ସି। (ରାଶି)

- ବୁଡ଼ା ଡୁଲରେସି ଦୁଆଁ ଚରବାକେ ଯାଇସି। କୁମୁଡ଼ା (କଖାରୁ)
  କଟପାଡି ପାକିଲି କାଡ଼ା
  ବିଚରେ ମାଉଁସ ବାଆରେ ହାଡା। ନାଡ଼ିଆ(ନଡ଼ିଆ)

- ଗଣ୍ଡି ବାଜିଲାନି ବଲଦ୍ ନାଇଁ
  ଜାଲ ପଡ଼ିଲାଚେ କେଉଟ ନାଇଁ
  ଦଶଶିରା ଅଚେ ରାବନ ନାଇଁ
  ଏ ବଲି ଜିନିଷ୍ ଦେକ୍ ଲାସ୍ କାଇଁ। ଜନି (ଜହ୍ନି)

- ରକତ ଟଲମଲ କଜଲ ରେକା
  ଏଇପରି ସୁନ୍ଦରୀ ବନରେ ଦେକା। — ଗୁଂଜ (କାଇଁଚ)

- ମା କିତରୀ ଝି ସୁନ୍ଦରୀ। — ବାଙ୍ଗା (ବାଇଗଣ)
  ଦାବା ପଡ଼ାଇଲା କେବଡ଼ା ସାର୍।
  ଉଡ଼ିଗାଲା ଫିର୍ ଫାର୍।
  ଗଚ୍ ଉପରେ ଗୁଡ଼ା ଅଚାଇ
  ତଲେ ଦେଲାନି ଗାର୍। — ମଉଲ୍ (ମହୁଲ)

- ଏନେ ପରବତ୍ ତେନେ ପରବତ୍
  ମଜା ପରବତେ ମାଛ
  ମାଛର ଲୋକ୍‌କେ ପସାଗିଦେକା
  ବନର କାଇ ଫଲ କାଛ। — ଆଉଁଲା (ଅଁଳା)

- ନୂଆ ଆଣ୍ଡି ଜୁନା ଦାଦରା
  ଏ ଦାଦାଙ୍କ ନାଇ ଜାନ୍‌ଲେ
  ଅନ୍ଦ ଏଲା ପାରା। — (କେନ୍ଦୁ)

- ଏ ସାଙ୍ଗ.... ଏ ସାଙ୍ଗ
  ଗଟେକ୍ ଗଚେ ଦର୍‌ଲ ଅଚେ

- ଗୁଡି ଚିଉଁଡା ବାଇଗନ୍ । — ମଉଳା ଫୁଲ (ମହୁଲ)

- ଦୁଇ ଭାଇକେ ଗଟେକ ପିଟି। — ଖଦ୍
  (ଏକ ପ୍ରକାର ଜଙ୍ଗଲୀ ତୃଣ ଶସ୍ୟ) ଏହାର ମୁହଁ ଦୁଇପଟେ କିନ୍ତୁ ପିଠିଲଗାଲଗି।ଏହାକୁ ଆଦିବାସୀମାନେ ସିଝାଇ ଖାଇଥାନ୍ତି।

- ଶିକାଚିଡେ ଚୁମ୍‌ଡ଼ି ଫୁଟେ
  ଟା'ର ଚୁଇଁବାଟେ ଧୁଙ୍ଗିଆ ଉଟେ। — ମଉଲ୍ (ମହୁଲ)

● ଦି' ଗୁରୁ ଶିଶ୍ ବନ୍‌କେ ଗାଲାଏ
ମିଲ୍‌ଲା ଆସ୍ଥାନ ଟାନ
ଏତେ ବଡ଼ ରନ୍‌ପରବ୍‌ବଟେ

● କାକେ ତିବା ପାଅଁଟା କାନ୍। ସରଗି ଫୁଲ (ଶାଳଫୁଲ)
ଝିକେ ଏଲା ବାର୍ ବରଷ
ମାଆ ଅଇଲାକ୍ ବୁଢୀ
ଆଇର ମୁଣ୍ଡେ ବାଲ୍ ପାଚ୍‌ଲାନି
ଦେକବ ଆସା ଖୁଡି। ଜନା (ମକା)

● ଆକାଶର ଘାନି ପାଡ଼ାର ପାନି
ଏ ବାକ୍‌ନା ଯେ କଇସି ସେଇ ଏକାଜିନି। ନଡିଆ (ନଡିଆ)

● ହିର୍‌ହିର୍ କାଟା ମୁଗ ମୁଗ ବାସ୍
ଏ ବାକନା କଇବାକେ ଲାଗେ ଚମାସ। ପନସ୍ (ପଣସ)

● ଲଙ୍ଗଲଙ୍ଗିଆ ଦାଣ୍ଡି
କୁମ୍ଭାର ନା ଗଡିଲାର ହାଣ୍ଡି
ଖୀର ନଇଲାର ଖିରସା
ମେଗ୍ ନଇଲାର ବରସା । ନାଡ଼ିଆ (ନଡିଆ)

● ବାରେ ଅଚେ ଜଗତର୍ ଜଟା
ଜଟାର୍ ବିଚ୍‌ରେ କେତେକ୍ ମିଟା। ନାଡ଼ିଆ (ନଡ଼ିଆ)

● ଉପରଟା ଆବକା ଝଡଝଡା
ବିତରେ ରସ୍ ପୁରତି। ସୀତାଫଳ (ଆତ)

● ଏ ସାଇଗନ ସାଇଗନ ଗଟେକ୍‌ଗଟେ ଦରିଲା ଅଚେ ।
ଗୁଡି ଚିଉଁଡା ବାଇଗନ୍। ମହୁଲଫଳ (ଟୋଲା)

- ରାଜାଗରର୍ ପାନି
  ପଶୁ ପକି କେ
  ପିଇ ନାଇ ପାରେ ଜାନି।　　　　(ପଇଡ)

- କଉବେଲେ ଅଲ୍‌ଦିଆ
  ପାଚିଗଲେ ସରି କାଲା
  ଇ ଫଲ୍‌ର ନାଭଁ ନାଇ ଜାନ୍‌ଲେ
  ଆମର ଟାନୁ ପାଲା।　　　　(ଖଜୁରୀ)

- କାଇ ଫଲ୍ ନା ସିଜେ।　　　　ନାଡିଆ (ନଡିଆ)

- ବନ୍ ଟାନୁ ଆଇଲା ଚେଚି
  ଭାତ ଟାନେ ଦେଲାନ୍ ମୁତି।　　　　ଲମ୍ବୁ (ଲେମ୍ବୁ)

- ତଲେ ମାଉ ଉପ୍‌ରେ ମାଉ
  ମଜାଏ ଆଚେ କାବରା ବାଉ।　　　　(କାନ୍ଦୁଲ)

- ସୁନାର୍ ଡ଼ାବନା ରୂପାର ଡ଼େଟା
  ଡ଼ାବନା ବେଟିଦେଲେ ଉର୍‌ଟା ପାକ୍‌ନା।　　　　(କେନ୍ଦୁ)

- ଡେଙ୍ଗାଗୁଡ଼ାର ଭୁରୁସା ନାକା
  ଫୁକା ଗୁଡିଆ ବଡ଼ ଦାକା।　　　　ଜନା (ମକା)

- ମୁଇଁ ଯାଇରେଲି ବିଶାପଟ୍‌ନା
  ଗଟକେ ଗଟେ ଦେକରେଲି
  କାପା କଦଲି ନାକ୍ ଚନା।　　　　(ସେମଲିଫୁଲ ଓ ଫଳ)

- ମୁଇଁ ରଇ ରେବିଡ଼ାଲେ
  ତୁଇ ରଇଚେବୁ ଜଲେ
  ତୁଇଁ ମୁଇଁ ଭେଟ୍ ଗାଟ୍
  ମରବାର ଦେଲେ ।　　　　(ତେନ୍ତୁଲି ଓ ମାଛର କଥାବାର୍ତ୍ତା)

- ପରବତୁ ଗଡ଼ଲା ବାଲୁ
  ଟା'ର ଗାଗଡ଼୍ କାଟା ସାଲୁବାଲୁ। ପନ୍‌ସ (ପଣସ)

- ଇତାନୁ ମାର୍‌ଲି କାଣ୍ଡ୍
  ଜଇପୁର୍‌ର ଦାଣ୍ଡ
  ଗଚ୍‌ପତର୍ ସାକି
  ଗଟେକ୍ ବଲଦର୍ ତିନ୍‌ଟା ଆକି। ନାଡିଆ (ନଡ଼ିଆ)

- ଲେକ୍‌ଡ଼ା ଗଟେ
  ଟେଣ୍ଡକା ଡ଼ାଟେ
  ଓଷାମାସେ ପାଟେ
  କାଇଟା ଏ ରକମ୍ ଆଟେ। ଜନା(ମକା)

- କାଲାଡ଼େଲି କାଲା ପାଟିଆ
  ବାନ୍ଧଲି ମେରଦା ଗର୍
  ରାମ ଲଖନ୍ ବର୍ ଦେଲା ଏ
  ଝମ୍ ନଏଲାର ଫଲ୍। (ବେଲ)

- ହୁଁ ଭୁଁ ଡକରା ପେଟେ ଦାଂତ କୁମୁଡା (କଖାରୁ)

- ବାଇରଟା ଗିଜିଡ଼ି ରଇସି
  ଦାଦାରଟା ଜୁଲ୍‌ସି। ମଉଲ୍ ଆରି ଟୋଲା । (ମହୁଲ ଓ ଟୋଲା)

- ଗଟେକ୍ ପିଲା ସରଗ ପୁର୍‌ଲେ
  କିନ୍ଦିରି କିନ୍ଦିରି ଅଦର୍‌ସ। (ସରଗିଁ କୋଳି)

- ମାଇ ସୁନ୍ଦରୀ ବେଟି ଝବରୀ (ମହୁଲ ଓ ଟୋଲା)

- ଗଚର ନାଉଁ ଅନ୍ଦନା ବନ୍ଦନା
  ଫୁଲ ଫୁଟ୍‌ସି ଦନା ଦନା। (ସେମିଳି ଫୁଲ)

# ପଶୁ ପକ୍ଷୀ ଓ କୀଟପତଙ୍ଗ

- କାଲିଆମାଲି ଚଉଦ ସରା
  ବାବ୍‌ନା ବୁଜିଲା ପାରା। — ବିଷଘଟି (ଜନ୍ଦା)

- ବାର୍ ବରଷର ମେଣ୍ଢା
  ଏକାଇ ଦିଗନ୍ଦା। — କାକ୍‌ଡ଼ା (କଙ୍କଡା)

- ସାଜ୍‌ଗଚେ ମଜ୍ ନାଇଁ
  ଉସାଇ ଦେକ୍‌ଲେ ବଜ୍ ନାଇଁ। — ସାପ୍ କସଲି (ସାପକାଟି)

- ଅକିର ବିତ୍‌ରେ ପକରିପାନି
  ଜଲଦ ବିତରେ ରାନୀ। — ମାଚ (ମାଛ)

- ଅକିର ବିତ୍‌ରେ ପକରି ପାନି
  କିରିମ୍ ବିତ୍‌ରେ ରାନି
  ଏ ବାକ୍‌ନା ନା କଇଲେ ଡ଼େବିରି ଆକି କାନି। — ଗାର୍‌ବିତ୍‌ରେ ପିଲା (ଅଣ୍ଡା ଭିତରେ ଛୁଆ)

- ଇଟିଉରେ ତୁରି ତୁରି
  ମୁଇଁ ଯିବି ଗଦାବରୀ। — ସାପ୍ କସ୍‌ଲି (ସାପକାଟି)

- ଇଡ଼ିଇଡି ଟିଉଁସି
  ମୁଣ୍ଡେ ମୁଣ୍ଡେ ପାଉସି
  କୋ ଗିଆପ୍ ମରୁସି
  ମୋକେ ନିନ୍ଦା ଦେଉସି। — (ଭାଲୁ ମହୁଲ ଗଛତଳେ ମହୁଲ ଝଡ଼ି ତା' ମୁଣ୍ଡରେ ପଡେ। ଏହି ସମୟରେ ଭାଲୁ ଓ ମହୁଲ ର କଥାବାର୍ତ୍ତା)

- କାଳିଆ କୁକ୍‌ଡ଼ା ଗଡ଼େ ଆଗିଦେଲା
  ମରିଗଲା ପାରା ଲାଗଲା। — ବିଷ୍‌ଘଟି (ଜନ୍ଦା)

- କଟ୍ କଟ୍ କଟେସା
  ମେସେ ମାଂଡ଼େସା
  ଗାଡ଼୍ ବିତ୍‌ରେ ଆଚେ ବଲି
  କେ ଜାନିତା। (କୁଟ୍ରା ଓ ଚିଙ୍ଗୁଡ଼ିର କଥାବାର୍ତ୍ତା)

- ଗଟେକ୍ ଗଚେ ବାର୍‌ବାନି ଫୁଲ ଫୁଟ୍‌ସି । କୁକ୍‌ଡା (କୁକୁଡା)

- ରାମ ଲଖନ ମାର୍ଲାଇବାଦ୍
  ଆଗେ ଜନମ୍ ପଚେ ପାଦ। ବଟୁବେଙ୍ଗ (ବେଙ୍ଗଫୁଲା)

- ଆଚ୍ ଗଡ଼୍ ନାଇଁ ଧୁସ୍‌କୁ ଧାସ୍‌କୁ
  ଜର୍‌ଅଇଲାକି ଚମ୍‌କୁ
  ଦୁଇ ଆକିସିନା ମିଲ୍‌କୁ ମାଲ୍‌କୁ
  ଦାରି ପାଲାଇବୁକି ଆମକୁ। ମାଚ୍ ଆରି ବିଲାଇ (ମାଛ ଓ ବିରାଡ଼ି)

- ଜିଜିଂ ବଉଁରା କାପାଲେ ଗାରା
  ଏ ପାରା ବନେକେ ଧୁନୁ ଦାରା। ମୁଁ ମାଚି (ମହୁମାଛି)

- କେନେ ଗାଲୁସ୍‌ନି ପେରେକ୍ ପାରାକ୍
  ଲଗେ ପାନି ନାଇଁ
  ଦାର୍ ଦୁର୍ କରି ମୁଣ୍ଡ କୁରାଇବି
  ଚର୍ ବୁଆ ଆଡ଼େ ନାଇଁ। କଚିମ୍ ଆରି କାଡ଼ା (କଇଁଚ ଓ ଠେକୁଆ)

- କଟ୍‌କଟ୍‌ରିଲି କଟ୍‌ରିଲି ମେସ୍ ମୁଣ୍ଡରଲି
  ପାନ୍ ବିତ୍‌ରେ ଅଚେ ବୋଲି ଜାଡ୍ ଜାନ୍‌ଲି। ଚଙ୍ଗଡି ଆରିକୁଟ୍‌ରା (ଚିଙ୍ଗୁଡି ଓ କୁଟ୍ରା)

- ଗଟେକ୍ ପିଲା ବାଙ୍ଗଟି ଗାଗ୍‌ଡା ଦାରି ବୁଲ୍‌ସି। (କୁକୁର)

- ଝିକି ଝାନି ଝିକି ଝାନି ଚମର ରାଜି ନାଇଁକି ପାନି।

- ଶେଷେ ବୁରା ଶେଷେ ବୁରା ତମର ରାଜି ନାଇଁକି କୁରା। (ଭାଲୁ ଓ ଜୋକ)

- ସିନ୍ଦିପତର୍ କାତ୍ କାତର୍ ସରଗି ପତର୍ କାତର୍
ଖାଲ୍ ଖଡି କରିତ ପଲାଚେ ଧାଙ୍ଗଡ଼ି ଝକରି ମଂତର।   ଟେଣ୍ଡକାଗାର୍
(ଏଣ୍ଡୁଅ ଅଣ୍ଡା)

- ଦେକ୍ ଦେକ୍‌ରେ ମାଣ୍ଡରୁ ମୁଣ୍ଡା ମାଣ୍ଡସ୍‌ବେ ମକେ
ନା ମାଣ୍ଡିରେ ଲେବ୍‌ରି ଅଁଟି ବେକ୍‌ଲନି ଟକେ
ଦେକ୍ ଦେକ୍‌ନି ଲାଟିଆ ଦାଦା ଲେବ୍‌ରି ବଇଲାନି ମକେ
ଲେବ୍‌ରି ଲକ୍‌କେ ଲେବ୍‌ରି ନବଇଲେ କାଇଟା ବଲବାଏ ତକେ।
ବେଙ୍ଗ ଆଡ଼ି ଆରି ଟେଣ୍ଡ୍‌କା
(ବେଙ୍ଗ, ହାତୀ ଓ ଏଣ୍ଡୁଅ)

- ଚଲେ ପାଟା ଉପରେ ପାଟା
ମଜାଏ ଅଚେ ଅରଜୁନ୍ ନାକ୍‌ଟା।   କଟିମ୍ (କଇଁଚ)

- ଜିଂ ଜିଂ ଗାଗରି ବାଜେ
ଗାଗ୍‌ରି ଉପ୍‌ରେ ରାବନ୍ କୁଜେ।   ଛଘନ ଆରି ମୁଁ ମାଚି
(ଛଆଣ ଓ ମହୁମାଛି)

- ସିନ୍ଦିବୁଟାଇ ମସିଆ ଡୁମା।   ଉକ୍‌ନି (ଉକୁଣୀ)

- ଟାଟି ଉଟା ପାନିଆ ବେଟା   (ମାଣ୍ଡିଆ କଙ୍କଡା)

- ବାନା ବଦ୍‌ରୁ ଗାଡ଼େ ଅଦ୍‌ରୁ   ଅୟାଁ (ବ୍ରାହ୍ମଣୀ ବେଙ୍ଗ)
କୁକ୍‌ର ନିଟା କୁକ୍‌ର ନିଟା କେଟାଇ କରଟା

- ଦାତ୍ ନଇଲା ଦାଟାଡୁ ପାନି ଫୁଲାଇ କାଟା   ଡୁରୁକା ଆରି କଟିମ୍
(ଗଧିଆ ଓ କଇଁଚ)

- ବୁରୁନ୍ଦା ବନର୍ ଚର୍ ପଦମ୍ ପୁରେ ବିସାରନା
ନକ୍ ଆଡ଼େ ପାଶି ଅଡ଼ର।   ଉକ୍‌ନି (ଉକୁଣୀ)

- ପାଠ୍ ଶାଟ୍ ପଡ଼ି ନିରମଲ୍ ଏଲି
  ପଚି ଗାଇଲାର ନାଇଁ
  ପିଲା ଟିକି ପାଇ ଡ଼କରୀ ଏଲି।
  ମାଇଜି ଆନ୍‌ଲାର ନାଇଁ । — ସୁନ୍ଦ୍ରୀକିଡ଼ା (ସାଧବବୋହୂ)

- ସରଗ ଡେଟ୍‌ଲି ଗଟେକ୍ ଢ଼େଟି। — ଟା ପେଙ୍ଗା (କାଇ ପିମ୍ପୁଡି)

- ଆୟା ମାନି ଟାଙ୍ଗସି କାଡ଼ା
  ବିଚ୍‌ରେ ଜଲ୍ ଉପରେ ଆଡ଼ା। — ଗାର୍ (ଅଣ୍ଡା)

- ଆଟ୍‌ଟା ଗଡ଼୍ ବାର୍‌ଟା ମାଣ୍ଡି
  ବାଡ୍ ବୁନିଲାନି ଟାଙ୍ଗରି ମୁଣ୍ଡି। — ମାଙ୍କଡ଼ା (ବୁଢ଼ୀଆଣି)

- ରାଜାଗର୍ ବାକ୍‌ଟା କାଣ୍ଡା
  ଦିନ୍‌କେ ଶଏଟା ମାଣ୍ଡା। — (କୁକୁର)

- ଆଡ୍‌କି ବିଡ୍‌କି ଝମଣ୍ଡା
  ମଜାଇ ଦିଟା କୁମ୍‌ଡା । — ପାଣ୍ଡ୍‌କାଗାର୍(କପୋତ ଅଣ୍ଡା)

- ବାଟା ଟକର୍‌ଲି ମୁଣ୍ଡେ ଆଡ୍ । — ସିନ୍ଦିକୀଡ଼ା (ସିନ୍ଧିପୋକ)

- ଝରଟା ଢ଼େଲି ଗାଡିଏଟେ ଯାଇସି ଆଚେ
  ଦୁଇଟା ଦୁକ୍‌ନା ଦୁକୁଲାନି

- ମଜାଏ ନାଗ୍ ସାପ୍ ଡଲଟେ ଗାଲାନି। — ଆଟୀ (ହାତୀ)

- ମାମା ଦେଲା କାବ୍‌ରା ବାଟା ବାନ୍ଦିନା ପାର୍‌ଲି
  ଆଟା ଦେଲା ମାନେକ୍ ଟାଙ୍କା ଗନିନା ପାର୍‌ଲି। — (ବାଘ ଓ ତାରା)

- କର୍‌ପନ୍ କର୍‌ପନ ଆସ୍‌ଲାରେ ମୋର
  ଡ଼ଙ୍ଗରି ଗୁଡିଆ ଦେରିଗାଲା ଦରପନ। କଲିଆ କୁକ୍‌ଡ଼ା କେ ଦର୍‌ବା
  (ବିଲୁଆ କୁକୁଡ଼ାକୁ ଧରିବା)

- ଦାନ୍ଦା ତ ଦାନ୍ଦା
  ବୁନ୍ଦ୍ ନଏଲାର କାନ୍ଦା
  ପାନ୍ଦା ବାଟେ ଚିଙ୍ଗଲିଗାଲା
  ଟୁତୁବଡ଼ିଆ ଗାଣ୍ଡା। ମାଙ୍କ୍‌ଡ଼ା (ବୁଢ଼ୀଆଣୀ)

- ଆଟ୍ ଆତ ଟା'ର ସଲଟା ପଞ୍ଜରୀ
  ବିର୍‌ବାର ଟାର ବାନା
  ଉପର ଜଜନେ ଉଡିଗାଲାନି
  କପି କଇଲାର୍ ଡ଼େନା। ମାଙ୍କଡା (ବୁଢ଼ୀଆଣୀ)

- ଇଡକଟା ଡୁବୁକି ଆପ୍‌ଟଲେ ନା ଫୁଟେ । କସା (ଟସର କୋଷା)
  କେନେ ଜାଇରେଲୁ ଦାଇଁ କିଦପଡ଼ି ଟମ୍‌ବନ୍ଦେ ପାନି ନାଇଁକି
  ଆମ୍ ବନ୍ଦେ ପାନି ଟିଲେ କି ନା ଟିଲେ ଟମକେ ବଣ୍ଟାରି ନାଇଁ କି ।
  (ଭାଲୁ ଓ କଇଁଚର କଥାବାର୍ତ୍ତା)

- କାନେ ଦୁରା ନାକେ ଦୁରା ଟମର ରାଜି ନାଇଁ ଚୁରା
  ଝିକିଟାନି ଝିକିଟାନି ଟମର୍ ରାଜି ନାଇଁ ପାନି (ଭାଲୁ ଓ ଜୋକ)

- ମା ରଂଗ୍ ପିଲା ଦବ୍ ଝପେଡା ଗାର୍ । (କାଇ ପିମ୍ପୁଡ଼ି ଅଣ୍ଡା)
  ଜୁମ୍‌କୁ ଜାମ୍‌କୁ ଆସା ମୋର ମେସ୍‌କେ ମାଡ଼୍‌ସା
  ବାଟେ ବାଟେ ରେସା ମୋର ଜାଟ୍ ଜାନ୍‌ସା । ଟଙ୍ଗଡି ଆରି ଟେଲି
  (ଚିଙ୍ଗୁଡି ଓ ଛେଳି)

- କମାର୍ଗରେ ଗେନ୍‌ଲି ଟାଟା
  ସିଟି ପଡ଼ିଗାଲା ବଡ଼୍‌ନିର ବାଟା
  ରୁଟ୍ ରାଟା ବଟ୍ ବାଟା। ଉକ୍‌ନି ମାର୍‌ବାଟା (ଉକୁଣୀ ମାରିବା)

- ଆଏ ଆଏ ଏକ୍‌ଗଡ଼ିଆ
ଦିଗଡ଼ିଆ କେନେ ଗାଲା
ଗାଡ଼୍ କଣ୍ଡି କଣ୍ଡି ଜଲର୍ ଜପ୍
ଦଶ ଗଡ଼ିଆ ମାରି ଗାଲା। (ଘଟା ଗାଡିରେ ଦେଇ ଲକ୍
କାଙ୍କଡା ଦାରିବା କେ ଯିବାଟା (ଛତା ଫୁଟାଇ କରି
ଲୋକଟି କଙ୍କଡା ଧରିବା)

- ଆଟୁଁ ପାଟିଆ ସଲ୍ ସଟର୍
ଟାଙ୍ଗୁରୁ ମୁଣ୍ଡା ବଡ୍ ମତର୍। ସୁରିକୀଡା (କାଠପୋକ)

- ଅସେ ଗଡ଼୍ ତା'ର ଅସେଟା ପଞ୍ଜୁରୀ
ଅସକଟ୍ ବନେ ଥାଇ
ଇରା ରତନ୍ ପାରି ଘଲି ଗଲାସନି ସେ ଜନ୍ତୁ କି ବଲାଇ।
ଗମିକୀଡ଼ା (ତେଲୁଣିପୋକ)

- ଦମ୍ ଚରିଆ ପୋଡ୍
ବାନା ବାନା ଗଡ୍। ଅୟାଁବେଙ୍ଗ(ବ୍ରାହ୍ମଣୀ ବେଙ୍ଗ)

- ମାନିକ୍ ମାଜି ମାନିକ୍ ମାଜି
ମାନିକ ମାଜିର ଗର୍ ସାତ୍‌କଡ଼ି
ବଏଁସା ଅଲ୍‌କେ ଘଡ଼ିକରି
କଟାକେ ନେଲାସ୍ ଚର୍। ମୁଁ ମାଚିକ ଖେଦି ମୁଁ
ନେବାଟା ( ମହୁମାଛିକୁ ଘଉଡାଇ ମହୁ ସଂଗ୍ରହ କରିବା)

- ବିକ୍‌ଟି କକ୍‌ଟି ମାଚାମ୍ ଜଡା
ସାଆଜ୍ ଗଟର ବେଲା
ସାତ୍ କଡି କଡି ବଏଁସା ଟିଲେ
କାଙ୍ଗାର୍ ଚଇରାଇ ନେଲା। ମୁଁ ମାଚିକେ ଖେଦି ମୁଁ

ନେବାଟା(ମହୁ ମାଛିକୁ ଘଉଡାଇ ମହୁସଂଗ୍ରହ କରିବା)

● ବାଟ୍ ପାକେ ଦିଟା ପ୍ରାନ୍
ଚଉଦଟା ଗଡ୍ ଦିଟା କାନ୍ । କଙ୍କଡା ଆରି ବାରିଆ (କଙ୍କଡା ଓ ବାରହା)

● ବାକ୍‌ଟି କକ୍‌ଟି ବାକ୍‌ଟି କକ୍‌ଟି କାଇଁକି
ନାଟ୍ କରିବାର୍ ପାଇଁକି
ବାକ୍‌ଟି କକ୍‌ଟି ବାକ୍‌ଟି କକ୍‌ଟି
ମଜା ମୁଣ୍ଡେ ଡେଙ୍ଗା ଜୁଡିଆ କାଇଁକି
ତକେ ନବାର ପାଇଁକି । ମାଚ ଆରି ବନ୍ ସୀକାଟା କାତା ବାର୍‌ତା
(ମାଛ ଓ ବନସୀକଣ୍ଟା କଥାବାର୍ତ୍ତା)

● ଗୁରଜି ଗୁମ୍‌ରି ଗୁରଜି ଗୁମ୍‌ରି
ଗଟେକ୍ ମାଚ୍ ନାଇଁ
ଯା ଯାରେ ଲମ୍ ଟଟ୍‌ରା
ସକାଲେ ଆଇଲାସ୍ ନାଇଁ। ବକ୍ (ବଗ)

● ବନ୍ଦଅଚେ ପାନି ନାଇଁ
ଚଟି ବୁଡି ମଲା
ଡେନା ଅଚେ ପକି ନାଇଁ କେନ୍‌ତା ଉଡିଗଲା । ଗାଦ୍‌ଲା (ବାଦୁଡି)

● ଉଚ୍ ମାଣ୍ଡି ଢ଼େଙ୍ଗ ପିଣ୍ଡା
ଢାଲ୍ ଢିକୁ ଟାଙ୍ଗରା ମୁଣ୍ଡା । ମାଙ୍କଡା (ବୁଢୀଆଣି)

● ଚିକଟ୍ ମାଟି ଡାବେ ଟାଟି
ଶଏ ସତର୍ ଗଟେକ୍ ବେଟି । ରାନୀ ମୁଁମାଚି
(ରାଣୀ ମହୁମାଛି)

● ଗାଂଜା ନାଇଁ କେଶ୍ ଅଚେ
ମଜୁର ନାଇଁ କଣ୍ଟ ମାଲି ଅଚେ
ପଶୁ ନାଇଁ ଲାଂଜ ଅଚେ । ଟେଣ୍ଟକା (ଏଣ୍ଡୁଅ)

- କେନେ ଯିବୁସ୍‌ରେ ଟେରେକ୍ ପାରା
  ଲଗେ ପାନି ନାଇଁ। (ବିଲୁଆ କଇଁଚକୁ କହେ)

- ଦାର୍ ଦୁରି କରି ମୁଣ୍ଡ ଖୁରେଇବି
  ତର୍ ବାପା ଆରେ ନାଇଁ। (କଇଁଚ ବିଲୁଆକୁ କହେ)

- ଗାଏ ଜନମ୍ କାଲା ଆଉ୍ ଗଟେକ୍
  ଆଉ୍ ଜନମ୍ କାଲା ବାଟରୀ ଗଟେ। ଗାର୍ (ଅଣ୍ଡା)

- ଋଲାକ୍ ମୁନି
  ଆଁ କି ମୁଦିକରି
  ଖୀର୍ ପିଇସି । ବିଲାଇ (ବିରାଡ଼ି)

- ଟିନ୍‌ଟା ମୁଣ୍ଡ ଦଶ୍‌ଟାଗଡ୍
  ପେଲି ଦେଲାନି ଚର୍‌ର ଚରର୍ (ଗାଈ)

- ଆସିରଉ ବସିରଉ
  ଖାଇରଉ ଯାଇରଉ
  ସାକାଲ ଏଲେ ସରି ଉଟେଇ ରଉ (କାଉ)

- ଜାର୍‌ପଡ଼ାର ଚର
  ଚିପ୍‌ଟି କରି ଦର୍
  ପଦମ୍ ପୁରେ ଜାରାମାରା

- ନକର୍ ପୁରେ ମାର୍। ଉକ୍‌ନି (ଉକୁଣୀ)
  କଲାଆଣ୍ଡି ଦେଶେ ଚରକୁ ଦାଗିଲେ
  ପଦ୍‌ମିନୀଦେଶେ ବିସାର୍ କଲି
  ନକୁଲ୍ ଦେଶେ ମାର୍‌ଲି। ଉକ୍‌ନି (ଉକୁଣୀ)

- ପଟେକ୍ ଡୋର୍ ତିନ୍ ଗଟାନ୍। ଘଁଟି (ପିମ୍ପୁଡ଼ି)
  ଆଇଁ ନାଇଁ ମୁଜି ଶୁଇସି
  ପୁସ୍‌ପୁସ୍ ନାଇଁ ନିଶାସ୍ ନେଇସି। ମାଚ୍ (ମାଛ)

- ଘରିଭାଇ ଘଲ୍‌ସି ବାଟ୍
  ଦୁଇ ଭାଇ ସୁକିଲା କାଟ୍
  ଗଟେକ୍ ଭାଇ କଲାନି ନାଟ। (ଗୋରୁ)

- ଲମ୍‌ଲମ୍‌ଟା ଝେଟିଆଟା
  ଅନୁଦେବ୍‌ତାର ଭାଇ
  ଜଇକେ ଘଡ଼ି ପାନିକେ ଘଡ଼ି
  ସବ୍‌ତେ ଦେବ୍‌ତା ଖାଇ। ଉଲ୍‌ମା (ଉଇ)

- ସବ୍‌ତେ ଜନ୍ତୁ ଜଇଲେ ପଶ୍‌ଲେ
  ଗଟେକ୍ ଜଇଲେ ପଶ୍‌ଲେ ସରି
  ଫିସ୍‌ଲି ଆସିପାର୍‌ସି। ସାଇ (ଝିଙ୍କ)

- ଘର୍‌ଲକ୍ ବେଣ୍ଟ୍‌କେ ଗାଲାଏ
  ଗଟେକ୍ ଜନ୍ତୁ ମାର୍‌ଲାଏ
  ସବ୍‌କେ ମୁଣ୍ଡ୍ ସବ୍‌କେ ଅନ୍ତି
  ସବ୍‌କେ ଗଡ୍ ସବ୍‌କେ ପଟା
  ସମାନ୍ ସମାନ୍ ବାଟା କରଲାଏ। ଘପେଡ଼ା (କାଉ)

- ମର୍‌ବାଜୀବ୍ ମର୍‌ସି
  ଟୁଇଁ ସର୍‌ବା କର୍‌ସି। (ସାପ)

- ବସ୍‌ଲେ ଢେଙ୍ଗ୍ ଠିଆଁଏଲେ ଚଟ୍। (କୁକୁର)
  ଆଟୁପାଟି ସଲ୍‌ସଟ୍‌ରି
  ଟାଙ୍ଗ୍‌ରୁମୁଣ୍ଡା ବଡ଼ ମଚରି। ସୁରିମଶା (ଛୋଟ ମଶା)

- ଗଟେକ୍ ଡକ୍ରୀ ପୁଟେକ୍ କତ୍ଲି ବଇ ବୁଲ୍ସି । (କୁକୁଡ଼ା)

- ତିନ୍‌ଟା ପାଟିଆ ନଅଟା ଡେଲି
ଦେକ୍‌ଲି ଗଟେକ୍ ନାଇଁ
ଜପାମାରୁ ଡେଙ୍ଗ୍ ଟଟର।
ସକାଲେ ଆଇଲୁ ନାଇଁ। ବିସ୍‌ର୍ ଆଗି ବଗ୍ (ଖଇଞ୍ଚ ଓ ବଗ)

- ମର୍‌ଲା ମନୁଷ ମାର୍‌ଲା ପାରା
ଜିଇଁତା ମୁନୁଷ ଖାଇଲା ପାରା । କାଣ୍ଡତାନେ କଲିଆ ମାର୍‌ବାଟା
(ଧନୁଶରରେ ବିଲୁଆ ମାରିବା)

- ଚର୍ ଚରେଇକରି ପାଲାଇଗାଲା
ସାଉକାର୍ ମାଡ୍ ଖାଇଲା ଗୁଣ୍ଡିଆରି ଲକ। (ମଶା ଓ ଲୋକ)

- ଆଟ୍ ଗଡ୍ ଚାର୍ ଭୂଇଁରେ ଚଲଇ
ଚର୍‌ଗଡ୍ ଉପର୍‌କୁ
ପାଞ୍ଚ୍ ମୁଣ୍ଡ୍‌ତାର୍ ଗଟେକ୍ ଲେଙ୍ଗୁଡ଼ି
କିଜନ୍ତୁ ବଲିବେ ତାକୁ। (ଗୋଟିଏ ଗୋରୁକୁ ଚରିଜଣ ବୋହିନେବା)

- ତାର୍ ଉପର୍ ତାର୍
ତାର୍ ଉପରେ ବସ୍‌ଲା ଅଚେ
ଚସିଲ୍‌ଦାର୍। ମାଙ୍କଡ଼ା (ବୁଢ଼ୀଆଣି)

- ଗିର୍‌ଗିର୍ ବଉଁରି ଅଦ୍ୟାନ୍ ବଡ଼େଟାନ୍
ଗିରିନାକ୍ ବାଟ୍ ମିଲ୍‌ସି
ଗିରିନା ନାମିଲେ ବାଟ୍। (ମାଛ)

- ନାଗ୍‌ସାପ୍ ପାରା ହାଲ୍‌ତେ ଯାଇସି
ଫେନି ଟେକି ଦେଲେ ଡର୍‌ଲାଗ୍‌ସି। ଅଟୀସର୍‌ଟା (ହାତୀଶୁଣ୍ଢ)

- ଗୁରୁ ବସ୍‌ଲାଆଚେ
ଶିଷ୍ ବୁଲିତ୍ ଗାଲା ଆଚେ। ବିନ୍ ଆରି ସାପ୍(ବିଲାଓ ସାପ)

- ସେମ୍‌ଲ ଗଚ୍‌କେ ମାର୍‌ଲି ଖେଦା
ଆଡ୍ ନାଇଁ ତା'ର ଶିକାର ଗାଦା । (ଜୋକ)

- ଆଟ୍‌ଗାଲି ଦାଇଁ ଦୁପି
କାଇଟା ଗେନ୍‌ଲି ନାଇଁ
ଆନ୍‌ଲି ଅଚେ ନନାର ବୁଆ ସଲାଗନ୍ଦା
କାଇବୁସ୍ କି ନାଇଁ। (ଧଣ୍ଡାସାପ)

- ଗର୍‌ଆଚେ ଦୁଆର୍ ନାଇଁ। କସା (ଟସରକୋଷା)

- ଗର୍‌ଜି ଗୁମ୍‌ରି ବର୍‌ସି ପାନି
କାଇକି ଅଗାଇଲି
ଗର୍‌ଜି ଗୁମ୍‌ରି ବର୍‌ସିପାନି
ଡେଙ୍ଗ୍ ଡୁଙ୍ଗ୍ ମାଣ୍ଡି ଲାମ୍‌ଲାମ୍‌ସଣ୍ଡି
କାଇକି ବଡ୍‌ଦାଏ ନା ଆଇଲସ୍
ଲକ୍ ଦାରିଗାଲାଏ । ବକ୍‌ଆରିଦାଦର୍ କାଟାବାର୍‌ତା
(ବଗ ଓ ଖଇଞ୍ଚର କଥାବାର୍ତ୍ତା)

- ଲାମ୍‌ଲାମ୍‌ଟା ପକିବିଟା
ମାମା ନଇଲେ ଚୁକାଇ ଦେଟା। ସାପ୍ ଆରି ଚୟନ୍ (ସାପ ଓ ଛଞ୍ଚାଣ)

- ଅଶକ୍ ଗଡ୍‌ରେ ଅଶକ୍ ସୁନ୍ଦ୍‌ରୀ
ଅଶକ୍ ବନ୍‌ରେ ଟାଇ
ଇନ୍ଦ୍ରୁ ମରି କରି ବାର୍ ବରସ୍ ଏଲା
ରାବନ୍ ମଣ୍ଡ୍‌ଲେ ନାଇଁ। ବମିକାଡ୍‌ା (ଚେଲୁଣିପୋକ)

- ଅତି ଚତୁର ଦୁଆରେ ଟାନ୍
  କୁଲା ଏଡ଼ିକି କାନ୍ । (ହାତୀ)
  ଡିଡ଼ି ଡଙ୍ଗ୍ରୀ ଦିବାଟେ ଲେଙ୍ଗ୍ଡ଼ି । (ହାତୀ)

- ବଇ ଉପର୍ ଘଲ୍ସି
  ସତ୍ ସତ୍ ବଲି କଇସି
  ଲେଂଜ୍ କଟିଗଲେକ୍ ସରି
  କୀଡ଼ା ପକ୍ମନ୍ କାଇସି । (ଝିଟିପିଟି)

- ଉଟ୍ଲେ ମଲିଫୁଲ
  ବସ୍ଲେ ଖୁଟ୍ । ବକ୍ (ବଗ)

- ଗାଗଡ଼୍ ଯାକ୍ ସାରିବାଲ୍
  ବନେ କାଇସି ମଉଲ୍
  ଜଣକେ ଦେକ୍ଲେ ଡର
  ନକ୍ ତା'ର ବଡ଼୍ ବଡ଼୍ । (ଭାଲୁ)

- କେଉଟ୍ ନାଇଁ ସେ ବୁନିଲାନି ଜାଲ୍
  ବସିକରି ମାଚ୍ କାଇଲାନି
  ଘଇନି ଚଲେ ଗର୍ କର୍ଲାନି । ମାକଡ଼ା (ବୁଢ଼ୀଆଣୀ)

  ବଡ଼୍ ବଡ ଯିବେ ବିଚ୍ରେ ପୁରି
  ସାନ୍ ନାଇପାରେ ଚିଙ୍ଗ୍ଲି । (ମଶା ଓ ମଶାରୀ)

- ପାନି ଘନି ଘନି ଖୀର୍ ପିଇସି
  ପାନି ଉପ୍ରେ ପଅଁର୍ସି
  ଆଙ୍କିରଂଗ୍ ଗଡ଼୍ ରଂଗ୍
  ରାଜା ପାରା ଇଣ୍ଡ୍ସି । (ରାଜହଂସ)

- ଶିଙ୍ ଦିଟା ବାଆର୍ କରସି
  କପାଟ୍ ବାଟ୍ ଇଣ୍ଡସି। ଗୁଲି (ଗେଣ୍ଡା)

- ଆନ୍ଧାର ରାତେ କିଡ଼୍‌କିଡ଼୍ କେଲସି
  କନାପଟା ସର୍‌ତେ କାଟି ଦେଇସି। (ମୂଷା)

- ଦଶ୍‌ଟା ଗଡ଼୍ ତିନ୍‌ଟା ମୁଣ୍ଡ
  ଗଟେ ଆତେ ଦର୍‌ଲାନି
  ଗଟେ ଆତ୍ କେଲ୍‌ଲାନି। (ହଳ କରିବା)

- ସୁରୁ ସୁରୁ ଗଡ଼୍ ଦେକେ୍ ଦରପନ୍
  କାକେ ଦେକିରଇଲୁ ତୁଇ
  ଏଟେ ଏତେଲକ୍ ବନ୍ଧି ପଡ଼ି ରଇଉଲୁ। ଆସ୍‌ଲେ ନେବେ ବଇ !
  (ବଗ ଓ ମାଛର କଥାବାର୍ତ୍ତା)

- ବଡ଼େ୍‌ଟା ସମୁଦର୍ ପାଲିଟାନେ ରଇସି
  ଗଟେକ୍ ନାଡ଼ିଆ ଗଚ
  ଗଟେ ବସିରଇସି ଗଟେକ୍ ମାଙ୍କଡ଼୍
  ଗଟେକ୍ ମନୁଷର ନାଡ଼ିଆ କାଇବାକେ ମନ୍
  କେନ୍ତା କାର୍‌ବାର୍ କଅ ?
  ମାଙ୍କଡ଼୍‌କେ ଗଟେକ୍ ଡେଲା ଫିଙ୍ଗିଲେ ସରି ମାଙ୍କଡ଼୍ ନାଡ଼ିଆ ଫିଙ୍‌ସି
  (ମାଙ୍କଡ଼୍ ଆଡ଼୍‌କୁ ଟେକା ଫିଙ୍ଗିଲେ ମାଙ୍କଡ଼୍ ନଡ଼ିଆ ଫିଙ୍ଗିବ)

## ମନୁଷ୍ୟର ଅଙ୍ଗପ୍ରତ୍ୟଙ୍ଗ

- ଡେକି ନାଇଁ ସିଏ ଦାନ୍ କୁଟ୍‌ସି
  ଦାନ୍ ନାଇ କୁଟ୍‌ଲେ ସରି ଜୀବନ୍ ଯଉ଼୍‌ସି। (ହୃତ୍‌ପିଣ୍ଡ)

- ଜନମ୍ ବେଲେ ନାଇଁ ରଇସି
  ବଇସି ଏଲେ ସରି ବତିସ୍‌ଟା ଏଇସି। (ଦାନ୍ତ)

- ଗଟେକ୍ ଡାବାର୍ ସାତ୍‌ଟା କାନା
  ନିମାନ୍ ଗୀତ୍ ଗାଇସି
  ଦେକ୍‌ସି ଶୁନ୍‌ସି ଆରି କଇସି । (ମଣିଷର ମୁହଁ)

- ଜଙ୍ଗଲ୍‌ତାନେ ଜନ୍ତୁ ଅଚେ
  ମାର୍‌ଲା ଲୋକ୍ ଦେକ୍‌ଲା ଲୋକ୍ ନାଖାଏ
  କଇଲା ଲକ୍ ନାଖାଏ
  ନା ଦେକ୍‌ଲା ଲୋକ୍ ନାମାର୍‌ଲା ଲୋକ୍ କାଇସି। ତୁଣ୍ଡ୍ (ପାଟି)

- ମର୍‌ଲା ମନୁଷ୍ ମାର୍‌ଲା କାଡ଼ା।
  ଜୀବନ୍ ମନୁଷ କାଇଲା ପାରା। (ତୁଣ୍ଡ୍) (ପାଟି)

- ଝଟରା ପାକ୍‌ନାଏ କେବ୍‌ଡ଼ା କଜ୍। ବସ୍‌ଲି (ନାଭି)

- ପଲ୍‌କା ଗଟେ ଚିଲପା ନାଚେ। ଜ୍ଝିବ୍ (ଜିଭ)

- ଇଡ଼ିଟା ଚଡ଼େଇ ଜଜନେ ଯାଇସି। ଆକି (ଆଖି)

- ବକ୍ ବସେ ଧାଡ଼ି ଧାଡ଼ି ସାଲୁ ବସେ ଏକା
  ଏବାକ୍‌ନା ନା କଇଲେ କାଇଜ୍ଞନମ୍‌ରେ ଲେକା । (ଦାନ୍ତ)

- ଶିଲ୍ ତଲେ ମୁଟେକ୍ ଲିଆ। (ଦାନ୍ତ)

- ସାନ୍‌ଟା କୁଡ଼ିଆ ଦୁଇବାଟେ ବାଟ୍। (ନାକ)

- ଟର୍‌ଟା ଟକେ ମାର୍‌ସି । (ଆଖି)

- ଗାଡ୍ କଣ୍ଡି କଣ୍ଡି ଟିସ୍‌ରାଗଚ୍
  ମାର୍‌ଲେ ଗରଜନ୍। (ଆଖି)

- ସୁରୁସୁରୁ ବାଟି
  ଆକାଶକେ ଯାଏ
  ଯିଏ ନାଇଁ ଜାନ୍‌ଲେ
  କାନ୍ ମୁଡ଼ା ଖାଏ। (ଆଖି)

- ଲବ୍‌ଲବ୍‌କା ଲବ୍‌କା
  ଲବ୍‌କା ଉପ୍‌ରେ ଡବ୍‌କା
  ଡବକା ଉପ୍‌ରେ ଟାଙ୍ଗ୍‌ରୀ
  ଟାଙ୍ଗ୍‌ରୀ ଉପ୍‌ରେ ଡଙ୍ଗରୀ
  ଡଙ୍ଗରୀ ଉପ୍‌ରେ ମାଙ୍କଡ୍
  ମାଙ୍କଡ୍‌କେ ଦି' ଚପଡ୍। (ମୁହଁ, ନାକ, କପାଳ, ଚୁଟି, ଉକୁଣୀ ମାରିବା)

- ଦଲାପିଲେଟ୍ ଟାନେ କାଲା ଗାର୍ । (ଆଖି)

- ସାନ୍‌ଟା ନୁନି ସର୍‌ଗେ ଯାଏ। (ଆଖି)

- ମାର୍‌ସି ଅଚେ ଦୁକେ ନାଇଁ। (ଆଖି)
  ତଲେ ଆଟୁ ଉପରେ ଆଟୁ

- ମଝାଏ ଜକ୍ ନାଟୁ। (ଜିଭ)

- ବତିଶଟା ରଗି ଗଟେକ୍ ଡାକଟର୍। (ଦାନ୍ତ ଓ ଜିଭ)

- ଗାଡ୍ ଗାଡ୍‌କେ ଗାଡୁଆଲି
  କାନ୍‌କେ କିଲା
  ଏଡ଼େକ୍ ନିମାନ୍ ବୁଲ୍‌ଲାନି
  ଅଂସରାଲି ପିଲା। (ଆଖି)

- କାଲିଆ କାଲିଆ ବଲଦ୍ ଅଲେକ୍
  ଗୁପ୍‌ଚସର୍ ଗାଲାଏ
  ଲକ୍ଷିଅ ଲକ୍ଷିଅ ଟାଙ୍କା ମାଗ୍‌ଲେ ସରି
  ନାଇଁ ନାଇଁ କଲେ ଏ। (ଆଖି)

# ପ୍ରକୃତି

- ଡଙ୍ଗରର୍ ଟକି
  ଏକ୍‌ଲା ଝରଲାନି
  ଉପ୍‌ରୁ ଚଲ୍‌କେ ଆଇସି
  ଜର୍‌ଜର୍ ଗୀତ୍ ଗାଇସି। — ଝର୍‌ନା (ଝରଣା)

- ରାତିବାଆର୍‌ସି
  ଦିନ୍ ବେଲେ ଲୁକ୍‌ସି । — (ତାରା)

- ଯନିରଇସି ସୁପାରି
  ଗନି ନାଇପାରେ ବେପାରି । — (ତାରା)

- ଡଙ୍ଗର୍ ଉପରୁ ଜନମ୍
  ସମୁଦର୍ ଟାନ୍‌କେ ଦାଇଁଲାନି। — ଗାଡ୍ (ନଦୀ)

- ଦିନ୍‌ବେଲେ ଜିଇସି
  ରାତ୍‌ବେଲେ ମର୍‌ସି । — ବେଲ୍ (ସୂର୍ଯ୍ୟ)

- ଇଟି ଦେକ୍‌ଲେ ସିଟିନାଇଁ
  ଶଏ ଟାଙ୍କା ଦେଲେ ମିଲ୍‌ବା ନାଇଁ। — ବିଜ୍‌ଲି (ବିଜୁଳୀ)

- ଆଟ୍‌କେ ଗାଲି ବାଟ୍‌କେ ଗାଲି
  ପେଟ୍‌କେ ଭାଟିଆ ନାଇଁ
  ନାରିଙ୍ଗ୍ ଗଚେ ଫୁଲ୍ ଫୁଟିଲାଚେ
  ତଲ୍‌ବା ଡେଣ୍ଡିଆ ନାଇଁ। — (ତାରା)

- ରାଂଗନି ପାକ୍‌ନାଏ ବିଚ୍‌ଲି ଲିଆ
  ବେଟି କାଇବା ଲକ୍‌କେ ଦେକାଇ ଦିଆ। — (ତାରା)

- ରଂଗ୍‌ନି ପାକ୍‌ନାଏ ପଡ୍ ଖଜା — ଜନ୍ (ଜହ୍ନ)
  ଭୂଇଁ ନାଇଁ ସୁଇଁ ନାଇଁ

- ପତର୍ ଅଚେ ଗଚ୍ ନାଇଁ । (ଖଣ୍ଡିଆଭୂତ)
  ଗଚ୍ ଅଚେ ବୁନ୍ଦ୍‌ନାଇଁ

- ପତର୍ ଅଚେ କେନ୍ଦା ନାଇଁ। (ଖଣ୍ଡିଆଭୂତ)
  ପାଲାଇଲା କଟ୍‌ରା ପାଲାଇଲାନି

- ତା'ର ମାଉଁସ ଭାଗ୍ ପଡ଼୍‌ଲାନି। (ବର୍ଷାପାଣି)

- ଆନି ଯାଇରେଲି ତମକୁ
  ବାଟେ ଭେଟ୍ ଅଇଲା ତକେ
  ବାଟ୍ ଛଡ଼ିଦିଆ ମକେ। (ବର୍ଷାପାଣି)

- ନିନିଟା ଚଡ଼ଇ ପାଲ୍‌କାଟି ବସେ
  ପାଲ୍‌କାଟି ଭାଙ୍ଗିଗାଲେ ପାଚାଲେ ଡ଼ସେ। ଅଁସପାନି (କାକର)

- ଇଡ଼ିକ୍‌ଟା ନିନିଚଡ଼ଇ ତୁଆ ଏଡ଼େକ୍ ପେଟ୍
  କେନ୍ ଗାଲାସ୍‌ନ ବନ୍‌ଜାଲକ୍ ରାଜାଗର୍ ବେଟ୍
  ରାଜାଗର୍ ବେଟ୍ ଗାଲେ ପେଟ୍‌କେ ଭାଟିଆ ନାଇଁ
  ପୁରନିବନ୍ଦ୍‌କେ ଫୁଲ୍ ଫୁଟିଲାସ୍ ଚୁଇବା ଭେଣ୍ଡିଆ ନାଇଁ। ଜନ୍ (ଜହ୍ନ)

- ରାଜାରାନୀ ବେଟ୍‌କେ ଗାଲାଏ
  ପେଟ୍‌କେ ଭାଟିଆ ନାଇଁ
  କିଆଗଚେ ଫୁଲ ଫୁଟିଅଚେ
  ତଲ୍‌ବା ଲୋକ୍ ନାଇଁ। ବେଲ୍ (ସୂର୍ଯ୍ୟ)

- ମା' ଗଟେକ୍ ଝି ପୁଟେକ୍
  ଜନ୍ ଆରିଚାରା (ଜହ୍ନ ଓ ତାରା)

- ଆସେ ନାଙ୍ଗା ଯାଏ ନାଙ୍ଗା
  ଫୁଟ୍‌ଲା ଆଣ୍ଡି ବାଟେ ସଙ୍ଗା । (ଜନ୍ମ ଓ ମୃତ୍ୟୁ)

- ଶଏ ଟାଙ୍କା ଦେଇ ଗଡ଼େଇଲି ନାଲି
  ଚଅକେ ଚନ୍ଦନ ଚିଲା।
  ତୁଗଜାଗଡ଼ର୍ କିଆଦ୍ ମାର୍‌ଲି
  ଛଲ୍‌ରୁ ଶବଦ୍ ଏଲା । (ବିଜୁଳୀ)

- ପିଲା ବେଲେ ଗଙ୍ଗା ଗଙ୍ଗା
  ଡିଣ୍ଡା ବେଲେ ଫାଲେ
  ଡକରୀ ଏଲେ ଗୁଟାଗୁଟା
  ଦେକ୍‌ଲାସ୍ କି କାଲେ । — ଜନ୍ (ଜହ୍ନ)

- ଦିଫାଡ଼ା ଦାଗୁକେ
  ବାନ୍ଦ୍‌ବାକେ ନଏ । — ମାଟି ଆରି ମେଘ(ଭୂଇଁ ଓ ଆକାଶ)

- ଚାଲି ଉପ୍‌ରେ ଦି'ଟା ଅଣ୍ଡା
  ଜଟେକ୍ ଗରମ୍ ଗଟେକ୍ ଡଣ୍ଡା । — ବେଲ୍ ଆରିଜନ୍ (ସୂର୍ଯ୍ୟ ଓ ଚନ୍ଦ୍ର)

- ଘମ୍ ଚଡ଼୍ ଚଡ଼୍ ପୁଞ୍ଜୋ
  କରଲ୍ ପିସଲ୍ ପୁଞ୍ଜୋ
  କକଡ଼୍ ବିକଡ଼୍ ପୁଞ୍ଜୋ ।
  କାରା, ପାନି, ଆରି ଶୀତ୍ ଚଅର୍‌ମାସ । — (ଗ୍ରୀଷ୍ମ, ବର୍ଷା, ଶୀତ ଚଉରିମାସ)

- ରଂଗ ଟଲ୍‌ମଲ୍ ପୁଞ୍ଜୋ
  ଗୁଦୁରାଗୁମା ପୁଞ୍ଜୋ
  କକଡ଼୍ କାକଡ଼୍ ପୁଞ୍ଜୋ । — (ଗ୍ରୀଷ୍ମ, ବର୍ଷା ଓ ଶୀତ ଚଉରିମାସ)

- ଆଚ୍ ନାଇଁ କି ଗଡ଼୍ ନାଇଁ
  ଟେଡ଼ା ଟେଡ଼ା ବାଟେ ଯାଇସି
  କାରା ଦିନେ ସୁକି ଯାଇସି
  ବର୍‌ଷା ଦିନେ ପେଟ୍‌କେ ପୁରେଇ
  ଉଦ୍‌ଲି ଉଦ୍‌ଲି ଦାଇଁସି । — ଗାଡ଼୍ (ନଦୀ)

- ଡୋଲିଆ ନାଇଁ ଡୋଲ ଚମ୍‌କେ
  ଡୋଲର ଶବଦେ ଝଟି ଚମ୍‌କେ । — (ଘଡ଼ଘଡ଼ି)

- ସବୁ ଖାଲ୍ ଟିପ୍ ଗୋଟେ ସଦ୍‌ରାମ୍ — (ପାଣି)

- ତାକେ କେ ଦେକି ନା ପାରେ
  ସେ ନା ରଇଲେ ଜି ନାପରେ । — (ପବନ)

- ଦେକି ଦେକି ଦିନ୍ ସାରିଗାଲା
  ଦେକି ଏଉ ନାଇଁ
  ଆକାଶ୍‌କେ ଲାଗି ଫୁଲ୍ ଫୁଟିଅଚେ।
  ଚଲ୍‌ବା ଭେଣ୍ଡିଆ ନାଇଁ।                ବେଲ୍ (ସୂର୍ଯ୍ୟ)

- ପିଲାବେଲେ ଦି'ଟା ଶିଙ୍ଗ୍
  ବଡ଼ ଏଲେ ନାଇଁ
  ଡକ୍‌ରା ବେଲେ ଦି'ଟା ଶିଙ୍ଗ୍
  ଦେକ୍‌ଲାସ୍‌କେ ନାଇଁ।                (ଜହ୍ନ)

- ସରଗ୍‌ସୁତା ଗଜ୍‌ମୁକୁତା
  ଚିଇଲେ ପାଏ ନାଇଁ
  ଶଏ ଟାଙ୍କା ଦରି ଖଜି ବୁଲ୍‌ଲେ
  ପୁରଚି ବିତ୍‌ରେ ମିଲେ ନାଇଁ।                (ତାରା)

- ଏଡ଼େକ୍‌ଟା ଲିଟି ଚଡ଼ଇ
  ଡାଲ୍ ପଟରେ ବସେ
  ଉଦିଆନ୍ ରାଜା ଉଦଚେ ଗାଲେ
  କାନ୍‌ତି ଯାଏ ଲୁଚେ।                (କାକର)

- ନିନିଟା ଚଡ଼ଉ ସରଗେ ଗାର୍ ଦେଲା
  ଟା'ର ବାବା ଲୁବୁଟଣ୍ଡା ବେଟି କାଇଦେଲା।                ସସରିପାନି(ଶିଶିର କାକର)

## ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ

- ଆୟାଗରେ ପାଣ୍ଡ୍‌ରି
  ଶାଶୁଗରେ କାଲି।                ମାଟିଗାଗ୍‌ରି (ମାଟିହାଣ୍ଡି)

- କାଉ ଲୁଦ୍‌ଲୁଦା ପାଚ୍‌ଲେ ଟାନ୍
  ଟାମ୍‌କେ ବଜେଇ ଗଡ୍‌କେଆନ୍ ।                (ମାଠିଆ)

- ସବୁରିଟାନ୍‌କେ ଯାଇସି
  କା'ଟାନେ ନା ରେଇସି ।　　　　　　(ଟଙ୍କା ପଇସା)

- ଗଟେକ୍ ଲକର୍ ବାର୍‌ଟା ଆତ୍
  ବାର୍ ଲକ୍‌ର ଗଟେକ୍ ମୁଣ୍ଡ୍ ।　　　　　　(ଶଗଡ଼୍)

- କଅର୍ ଦି'ଟା ଆତ୍
  ଗଟେକ ମୁଅଁ
  ଏଲେ ଡ଼େନା ଆରି ଗଡ଼୍ ନାଇଁ ।　　　　　　(ଘଡ଼ି)

- କାଇଗିନା କଂସା ଟାନେ
  ଖିରିବାଟା କର୍‌ବାର୍
  ବକ୍ କାଇବାକେ ନାଇଁ ଭରସା ।　　　　　　(ଥାଳି)

- ଜୀବନ୍‌କେ ଜୀବ୍ ମାର୍‌ଲାନି
  ଜୀବନ ନଟିବା ତା'ର ଚାଲୁକାନା
  ଜୀବ୍ ଏଲାନା ଜନାଗନା ।　　　　　　(ଥପା)

- ଘର୍‌ବାଟେ ତେଲ୍
  ମଜା ଟାନେ ଲମ୍ ସୂତା
  ରାତିବେଲେ ଉଜଲ ଦେଇସି
  ଦିନ୍ ବେଲେ ନାଇ ଏତା ।　　　　　　(କୁପି) ଡିବିରି

- ବାଉଁଶର ଲାଠି
  ନଇଁଗଲେ କାଣ୍ଡ
  ଦେଲାନି ଘଡ଼ି ।　　　　　　କାଣ୍ଡ୍ ଆରିସର (ଧନୁଶର)

- ଗଡ଼୍ ନାଇ ସିଏ ଘଲ୍‌ସି
  ଗଡ଼୍‌କେ ଗଡ଼୍ ଜଗ୍‌ସି ।　　　　　　ପାଣ୍ଡେଇ (ଯୋତା)

- ତଲେ ଖୁଟି ଉପ୍‌ରେ ଖୁଟି
  ଖୁଟିର ମଜାଏ କାନା
  ଖାଇସି ଚନାର ଦାନା ।　　　　　　ଯାତା (ଘେରଣା ଚକି)

- ଟଟରି ଅଚେ ଏଲେ ମୁଣ୍ଡ ନାଇଁ। (ବୋତଲ)
- ମା' ଶୋଇଲାନି ମାର୍ ଉପ୍‌ରେ ପିଲା ନାଚ୍‌ଲାନି। (ଶିଳ ଓ ଲୁଡ଼ା)
- ଆତ୍ ଅଚେ ମୁଣ୍ଡ୍ ନାଇଁ
  ଗଡ୍ ଅଚେ ପାଦ୍ ନାଇଁ
  ଗାଗଡ଼୍‌କେ ଆମର୍ ଢଗ୍‌ସି
  କାରା ବର୍‌ସା କାକର ବେଲେ
  ବଡ଼େ କାମ୍‌କେ ଆସ୍‌ସି । (ପ୍ୟାଣ୍ଟ ସାର୍ଟ)
- ମୁଟେକ୍ କାଇସି
  ଉପ୍‌ରେ ଦେକ୍‌ସି । (ଢେଙ୍କି)
- କାଇତେ ରଇସି
  ହଗିତେ ରଇସି । ଯାତା (ଘୋରଣାଚକି)
- ରଂଗ ରଂଗ କାଇସି
  ଦବ୍ ଦବ୍ ଅଗ୍‌ସି। ଯାତା (ଘୋରଣା ଚକି)
- ଇସର ଯୋଡ଼ି ବିସର୍ ବସେଇଲୁ
  ପାନି ନଇଲାଟା ପୁଡ଼୍‌ଗା ବସେଇଲୁ। ଗାର୍‌ପିଟା (ଅଣ୍ଡା ଆମ୍‌ଲେଟ୍)
- ଚୁନ୍ ଗରେ ବାଟ୍ ନାଇଁ। ଗାର୍ (ଅଣ୍ଡା)
- ଖେପ୍‌ଲା ଅଚେ ଗିଲେ ନାଇଁ। ଡେଲି (ଖୁଣ୍ଡ)
- ଡେଙ୍ଗା ଡକ୍‌ରୀ ଟୁଏଁ କାନା। (ଶିକା)
- ଇଟିରରେ ବକେ
  ସକାଲ୍‌କେ ଆନିଚ୍ ଆଇବି ଚକୋ ଦାନ୍ଦର (ବନ୍ତ / ଖଇଁଚି)
- ଇଟି ରରେ ଚୁର୍ ଚୁରି
  ମୁଇଁ ଯିବି ଗଦାବରୀ। ଗପେନା (ଦଉଡ଼ି

ଦେହରେ ଏକ ଛୋଟ ଶିକା ଲଗାଇ ସେଥିରୁ ଓଜନିଆ ପଥର ରଖି ତିନିଆଙ୍ଗୁଳିରେ ଘୁରେଇ ଘୁରେଇ ଶିକାର ପ୍ରତି ନିକ୍ଷେପ କରିବା କୌଶଳ। ଯାହାକି କେବଳ କୋରାପୁଟରେ ପ୍ରଚଳିତ।)

- ରାତିର୍‌ବେଲେ ଜାଗ୍‌ସି
  ଦିନର ବେଲେ ଶୋଇସି। — ଦୁଆଁ (ପଘା)

- ଦିନ୍‌ବେଲେ ପାଟାଇ ଅଡ଼୍‌ସି
  ରାତି ବେଲେ କୁଡ଼ାଇ ଦେଇସି। — ଅଲଗୁନା (ଆଲଣା)

- ବାକ୍‌ନା ତ ବାକ୍‌ନା
  ଲୁଆ ଲେଣ୍ଡି ରକ୍‌ନା — (ଲୁଣ)

- ଡେଙ୍ଗ୍ ଡକ୍‌ରାକେ
  ଗଟେକ୍ କାନ। — ଆଙ୍କିଡ଼ି (କଣ୍ଟିବାଡ଼ି)

- ଆଏ ଗୁଡ଼୍ ଗୁଡ଼୍ ଯାଏ ଗୁଡ଼୍
  ଏକାଇ ଲାମ୍‌ଡୁ ସାଇକୁ ସାକ୍‌ଡ଼ା। — ଭାତ୍ ଉକ୍‌ଲିବା (ଭାତ ଫୁଟିବା)

- ପେଟ ଫୁଲାଇ ଗାଉଁଯାଇସି। — (ଛତା)
  କଲିଙ୍ଗ୍ ଦେଶର୍ ଅଲ୍

- ଗାଡ଼୍‌କେ ଦେକ୍‌ଲେ ଡର। — ପାଣ୍ଡେଇ (ଯୋତା)

- ତଲେ ଆଦାନ୍ ଉପ୍‌ରେ ଜଙ୍ଗା — କୁପି (ଡିବିରି)

- ଆଟାଲ୍ ଦାମ୍‌ନା ଦୁଇବାଟେ ତବ୍‌ନା। — ଗୁରୁଦୁଆଁ (ପଘା)

- ଗଟେକ୍ ପିଲା ଲାତ୍ ମାର୍‌ଲେ ପଲାଇସି। — (ସାଇକେଲ୍)

- ଦବ୍‌ଲା କୁକ୍‌ଡ଼ା ଟୁଏଁ ଡାଙ୍ଗ୍। — ଲସୁନ୍ (ରସୁଣ)

- ସୁକ୍‌ଲି କାଟ୍‌ଲି ଅସ୍‌ନା ବାନ୍ଦ୍‌ଲି
  ଶଏ ଟାଙ୍କା ଦେଇକରି ଦୁଆରି ଆନିଲି। — ପିତଲକଣ୍ଡି (ପିତଳଢ଼ାଳ)

- ସଂଜେ ଟିକ୍ ଟିକ୍ ସାକାଲେ ଟିକ୍
  ସୁନାରି ପାଇଟି ବଡ଼େ ନିକ। — ଅଲ୍‌ଦିମଗିଚ୍ ପାକ୍‌ନା (ଶିଳ ଓ ଲୁଡ଼ା)

- ଶନିବାର୍ ଆଟ୍‌ର ବୁଡ଼୍‌ଗା ଗଡ଼୍
  ଗଟେକ୍ ଶିଙ୍ଗ୍ ଆଟଟା ଗଡ଼୍। — (ଛତା)

- ତିନି ବଉନି ଆଟ୍‌କେ ଗାଲାଇ
  ଗଟେକ୍ ପାସରା କଲାଇ। — (ଚୁଲି)

- ଆଣ୍ଡେକ୍ ପାନି ଆଟେକ୍ ଜବା
  ଫୁଲ୍ ଫୁଟିଲାବେ କେଡ଼େକ୍ ସବା। — କୁପି ( ଡିବିରି )

- ଉପରର ପରବତ୍ ଡୁଲିଆଇଲାନି
  ତଲର୍ ପରବତ୍ ଚେକି ଆଇଲାନି। — (ଭାତ ଗାଳିବା)
  ମା'ଗରେ ଝି ଯାଇସି
  ଝିଗରେ ମା' ନା ଯାଏ। — କଣ୍ଡିଆରି ଗାରିଆ (ଡାଳ ଓ ମାଠିଆ)

- ରପିଲେ ଜିଇଁସି  ପାନି ଦେଲେ ମରସି। — ଜଇ (ନିଆଁ)

- କବ୍‌ଡିବାଲୁ ଜାଡ଼୍‌କେ ଟେଲୁ। — ଇଲା (ଦା')

- ଗଟେକ୍‌ପିଲା ଗରାପାନି ବୁଡ଼୍‌ସି
  ପିଣ୍ଡାଇ ଚଟ୍‌ପଟ୍‌ସି। — ଲଉଣ୍ଡା (ଘରପୋଛା କନା)

- ଦବ୍‌ଲା ଡଙ୍ଗରେ କାଳିଆ ବିଅନ୍। — (କାଗଜ ଓ କଲମ)

- ବାଂଣ୍ଡି ପଡ଼୍‌କେ ଲାଂଜେ ଡୋର। — ସୁଜା (ଛୁଞ୍ଚି)

- ସାତ୍ ଭାଇ ବେଟେକ୍ ଗାଲାଇ
  ଗଟେକ୍ ସମର୍ ମାର୍‌ଲାଇ
  ଖାଇ ଖାଇ କରି ଟାକି ଗାଲାଇ
  ସମ୍‌ର ରଇଲା ଗୁଲା। — (ବହି)

- ଡାବୁ ଦେଇ ନରି ମାଡ଼ ଖାଇବାର୍। — ପାଣ୍ଡେଇ (ଯୋତା)

- ସାକାଲ୍ ପାଇଲେ ଉଟ୍‌ସି
  ଗର ଦୁଆର୍ ବୁଲ୍‌ସି । ବାଡ଼୍‌ନି (ଝାଡୁ)

- ଶୁକ୍‌ଲା ଗଚେ ବସ୍‌ଲା ବକ୍
  ଦାର୍‌ଲା ଚକ୍‌ମକ୍ । କୁଚି (ଛବି)

- ଅକିର ବିତରେ ପକିର୍‌ପାନି
  ସୁରୁଜ୍ ବିତ୍‌ରେ ରାନୀ। (ଦର୍ପଣ)

- ଝପ୍‌ଡ଼େକ୍ ମାରି ଜୁଆର୍ କର୍‌ସୁ।
  ଜଇକାଡ଼ି ମାରି ବିଡ଼ି ଲାଗାଇବାଟା (ଦିଆସିଲି ମାରି ବିଡ଼ି ଲଗାଇବା)

- ରଥ ବଇଲେ ଉଇସି
  ଜୁ ବଇଲେ ଆଇସି। ଗରିଆ (ହାଣ୍ଡି)

- ପୁଲେଇ ବେଙ୍ଗଟି ମଜାଏ ଲେଙ୍ଗ୍‌ଟି। ମାଲାଇ (ମାଟି ଦିପାଳି)

- ରିଙ୍ଗ୍‌ରିଙ୍ଗିଆ ତିନିଶିଙ୍ଗିଆ
  ଝଲି ବଅଲିଆ ମଂଜିକଅଁଲିଆ । (ଚୁଲି ଓ ଭାତହାଣ୍ଡି)

- ପଲ୍‌କା ଗଚେ ଶିଲ୍‌ପା ନାଚେ
  ଟଇଁରେ କୁରୁଆଁ ବାସା
  ଦେକ୍ ଦେକ୍‌ରେ ସୁକୁଆନାକି ବାଗ୍‌କେ ଦାର୍‌ଲା ମୂଷା ।(ଚିମୁଟା ଓ ଅଙ୍ଗାର)

- ପଡ଼ାଇଲା କୁକୁଡ଼ା ଗଚେ ଟକ୍‌ସି (ଟାଙ୍ଗିଆ)

- ପରବତ୍ ଶିକରୁ ପଡ୍‌ଲା ଆଟୀ
  ଟା'ର ଅଇଁଟା ସର୍‌ତେ କାଆନ୍ତି (ଢେଙ୍କି)

- ଅଚେ ଏଡ଼େକ୍ ରୁଂଚ୍ ଗେଜର୍
  ଏଡ଼େକ୍ ଡଗର୍। (ଶଗଡ଼)

ବାପା ବାଆଙ୍କ ପୁ ସଲକ୍
ଟା'ର ନାନ୍ଦ ବଡ଼େ ଟରକ୍ । (ଧନୁଶର)

ଏ ଦାନ୍ଦା ପଲଟୁ ସେ ଦାନ୍ଦା ପଲଟୁ
କଲିଆ ପିଲାର୍ କାନ୍ ଅଲଟୁ। କୁଚି ଆରି କାଡ଼ି(ତାଲା ଓ ଚାବି)

ଜାମ୍ ଜଲା ପେଟ ପୁଲାଇକରି ଗାଉଁଗାଲା (ଛତା)

କିକ୍ରି କମନେ୍ ଯାଇରେଲି
କିକ୍ରି କାଣ୍ଡାକେ ମାଡ଼ିରେଲି
ଉଦ୍‌ଲି ଉଦ୍‌ଲି ଡଗାଇଲି । ପୁଲାଲିଆ ବାଜବା ।
(ଖଇ / ଲିଆ ଭାଜିବା)

କନ୍‌ତି ଗାଲାନି ହୋ
ଲଡ଼ଙ୍ଗ୍ ଝପର୍ ବଇ
ଆଟ୍ ବସ୍‌ଲାକ୍ ନେଇ
ତରାତରା ବସ୍‌ଲା ଦାଦା ମଜା ମଜା ନାଇଁ । (ମୁଣ୍ଡରପାଗ)

ଚଅଁରା ଡୁଙ୍ଗର୍ ଉଦୁଲୁଚେ
ପୁରନ୍ ପଚର ଚେକୁଚେ। (ଭାତ ଗାଲିବା)

ଆଚ୍‌ରି ଚିତ୍‌ରି ବୁଲ୍‌ସି
ପେଟ୍ ଚିର୍‌ଦେଇ ମର୍‌ସି । ଦାନ୍ତୁନ୍ (ଦାନ୍ତକାଠି)

ଟଲେ ଚେପ୍‌ଟା ଉପ୍‌ରେ ଗୁଲା
ଦି'ଆଚେ ଦରି ଆଣ୍ଠାକୁଲା । (ଶିଲରେ ବାଟିବା)

ଆମ୍ ଗୁଣ୍ଡାଲ୍ ଗାଏଁ ଶଏ ସରଗନି
ଗଟେକ୍ ଚିଇଁଲେ ସବ୍‌କେ ଜାନି। (ଭାତ)

ଏ ବାଟେ ଡଙ୍ଗର୍ ସେ ବାଟେ ଡଙ୍ଗର୍
ମଜିରେ କୁନ୍ଦ୍ରା ଗାଉଁ ବାସା
ବାବୁକେ ଚଡ଼ି ଆଞ୍ଚାକେ ପସାର୍
ବାଗ୍ କେ କାଇଲା ମୂଷା। (ଶଗଡ଼)

- ସି ସିକ୍‌ଲି ସିକ୍‌ଲି
  ରାଜା ଘର୍‌କେ ଚର୍ ସମଲ
  ନାଇଁ ପାର୍‌ଲା ବାଆରି।	(ଖାଇବା)

- ମୁଇଁ କାନ୍ ନାଇଁ ଗଡ୍ ଘର୍‌ଟା
  ଦୁଇ ଆତ୍ ତା'ର କଅରେ ବେଟା।	କୁର୍‌ଚି (ଚୌକି)

- ମଏଲା ରଇଲେ ଦବ୍ କାବ୍‌ରା
  ସାଫା ଅଇଲେ କାଲା ।	(କଳାପଟା)

- ଘର୍ ଭାଇ ମୁଣ୍ଡରା ମୁଣ୍ଡା
  ବେନି ପାର୍‌ତେ ଅଠର କଣ୍ଡା।	(ଖଟ)

- ମଜାଏ କାଇସି
  ଘର୍‌ପାଲି ବାଆର୍ କର୍‌ସି।	ଯାତା (ଘୋରଣା ଚକି)

- ମୁଏଁ ତା'ର ତିନ୍‌ଟା ଆତ୍
  ଟିକ୍ ଟାକ୍ ଟିକ୍ ଟାକ୍ ।	(ଘଡ଼ି)

- ନାକ୍ ଦାରିଅଚେ କାନ୍ ଦାରିଅଚେ
  ସର୍‌ତେ କାଚାକେ ଦେକି ପାର୍‌ଲାନି ।	(ଚଷମା)

- ମାଆ ନାଇଁ ସିଏ ବାଟା କରି ଦେଇସି
  ନିଜେ ସିଏ ବୁକେ ରଇସି ।	(ଘମଚ)

- ସୁକି ଅଦୁଲି ନଅଟା
  ଟାଙ୍କା ବନେଇବାର ଘର୍‌ଟା
  କେତେକ୍ ସୁକି କେତେକ୍ ଅଦୁଲି
  ଗନି କରି ସାଙ୍ଗି ଦିଆଁ।	(ସାତଟି ଅଧୁଲିଓଦୁଇଟି ସୁକି)

- ଉଟିବାସ୍ ଗାଲା ଫୁଟିବାସ୍ ଗାଲା
  ଡାଙ୍ଗ୍‌ମାରି କରି ଆଣ୍ଡା ଲସାଇସୁ
  କେତେ ରସ୍ ବାରିଗାଲା।	(ଭାତ ରାନ୍ଧିବା)

ଲେଟିଆ ଆତୀ ଜବର୍ କାଇସି
ଉଣା ଅଗ୍‌ସି। (ଚୁଲି)

କାବିରି ଚିତ୍‌ରି ଗଡ଼ି
ପାନି କାଏ ପଋଶ କଡ଼ି । ଛାତୁଡ଼ି (ତଲାରି)

କାଋ ବେଲେ ଲୁଦ୍‌ଲୁଦା
ପାଚ୍‌ଲେ ସରି ଟାନ୍
ଏ ବାକ୍‌ନା ନା କଇଲେ
ସାତ୍ ବିଦ୍ୟା ରାନ୍ । (ମାଟିହାଣ୍ଡି)

ମା' ଅଗି ବସ୍‌ଲାନି
ପୁ ଢାଗିବସ୍‌ଲାନି। (ଡାଲ ଓ ହାଣ୍ଡି)

କାଲିଆ କୁକ୍‌ଡ଼ା ବସି ଯାଇସି
ଦବ୍‌ଲା କୁକୁଡ଼ା ଉଡ଼୍‌ସି। ଆଙ୍ଗ୍‌ରା ଆରି ସାର୍ (ଅଙ୍ଗାର ଓ ପାଉଁଶ)

ଜିଲ୍‌ମିଲ୍‌ଗୁଡ଼ାରେ ଲାଗ୍‌ଲା ଢଇ୍
'ଦଶ ଡ଼ଢନରେ ଉଡ଼୍‌ଲା ଢାଇ୍
ଭୂମିରେ ନା ପଡ଼େ ଖଇ୍
ଡ଼େଟି ନଇଲାର ପଚର ଦେଲେ
ତେବେ ସେ କାଇବି ପେଇ୍। (କାଗଜ)

ଶୁକ୍‌ଲା ଶୁକ୍‌ଲା ପଚର୍ ଉଡ଼ାଇ ନେଲା
ବସ୍ତର ସିଡ଼ି ନଇଲାର ଦାନ୍
ପାଋଇଲା କେତା ରାଜାର ମନ୍ତର । (ଲୁଣ)

ଗଟେକ୍ ଡେଲି ଆଟ୍‌ଟା ପାଟିଆ। (ଛତା)

ବାଣ୍ଡିବାରିଆକେ ନକଡ଼ି ଗେଟା
ଏ ବାକ୍‌ନା କେ ନା କଇଲେ
ସେ କନ୍ଦ୍‌ର ବେଟା। (ଘରର ସେଣୀ ବାନ୍ଧିବା)

- ଲାଲ୍‌ବାଘ କାଇତେ ଯାଇସି
  କାଲିଆ ବାଘ ସଇତେ ଯାଇସି। (ନିଆଁ ଓ ପାଉଁଶ)

- ଦାନ୍ଦା ତ ଦାନ୍ଦା
  ଗାଲାଇ ଲାଗ୍‌ଲା ଫାନ୍ଦା । ଅନ୍‌କା (ଲାଉତୁମ୍ବା)

- ତିନ୍ ବଉନି ଗଟେକ୍ ପାସ୍‌ରା। (ଚୁଲି)

- କେଡ଼େ ବେଲେ ସେ କାଲାପାନି ପିଇସି
  କେଡ଼େ ବେଲେ ରଂଗପାନି
  ଖାଲି ରଇଲେ ମୁଅଁ ସୁକି ଯାଇକରି
  ଆରି ନା ପାରେ ଚଲି। (ଝରକଲମ)

- ପୋଡ୍ ଗଟେ ଅଚେ ଗଡ୍ କଟେ ନାଇଁ
  କିରପି ଡଙ୍ଗରେ ଗାଲା
  ଡାଲମୁଲ୍ କାଇ ଜିରାଇ ଦେଲା
  ପାନି କାଇକରି ମରିଗଲା। ଜଇ (ନିଆଁ)

- ଗଟେକ୍ ମଂଜି ଗର୍ ଉଗ୍‌ତି ଏସି। କୁପି (ଡିବିରି)

- ପଡ଼ାଇଲା କୁକୁଡ଼ା ବାଟେ ବାଟେ ଜାଏସି। (ଶଗଡ଼)

- କାଲିଙ୍ଗ୍ ଭାଇଜର ମଇଁଷି
  ସିଙ୍ଗେ ଦୁଦ୍ ଦେଇସି। (ସଲପ)
  ପାକ୍‌ନାରେ ପାନି କାଇସି
  ବନେଯାଇ ଡାକ୍‌ସି । (ଟାଙ୍ଗିଆ)

- ଯିବା ବେଲେ ବଡ୍‌ଟା ବାଟ୍
  ଆଇଲା ବେଲେ କୁଚିର୍ କାପାଟ୍ । (ଦାନ୍ଦର୍ / ମାଛ ଦରବାର ଜାଲ)

- ପାନି ଗଦ୍ ଗଦ୍ ଯାଇସି ଅଚେ
  ଗାୟକ ଡକ୍‌ରା ବସ୍‌ଲା ଅଚେ । ଦାନ୍ଦର (ଖଇଁଚି)

- ତୁଇ ଗୁଞ୍ଜ୍ ମୁଇଁ ଆଇବି । କାପାଟ୍ (କବାଟ)

କାଲିଆ କାଲିଆ ପୁରାଇସି
ରଂଗରଂଗ ବାଆର୍ କରସି । କମାରଶାଲେ ଲୁଆ କାମ୍ କରବାଟା
(କମାର ଶାଳର ଲୁହାକାମ କରିବା)

ବସେ ବସେ ସବୁର୍ ଉପ୍ରେ ବସେ । ନାଉଁ (ନାଁ/ ନାମ)

ପରବତ୍ ଡୁଲ୍‌କେ ଆସି
ଗଟେକ୍ ପାକ୍‌ନା ଆଡ଼୍‌କର୍‌ସି । (ଭାତ ଗାଳିବା)

ଚୁମ୍ ଘଟ୍ କଲେ କିର୍ କିରେଇ ଦେସି
ଚେର୍‌କି ବସାଇ ଦେଲେ ସରି ଚିମ୍‌ରା ଏସି । ମଉରୀ (ମହୁରୀ ବାଦ୍ୟ)

ଆଗେ କାଇସି ପଚେ କଇସି। ନାଳି (ନଳୀ)

ଆଟିବିଟ୍‌ରେ ମାଟି ଗୁନ୍‌ଗୁନେ।
ଗର୍‌ବିଟ୍‌ରେ ଲକ୍‌ମନା । (ଘର ଭିତରେ ଲୋକମାନେ)

ଉଟିଲା ଟେଣ୍ଡକା ବସିଲା କାଟେ
ଲେପ୍‌ଟି ଗାଲା ଶନିବାର ଆଟେ। (ସାଇକେଲ)

ଡେଙ୍ଗ୍ ଡେଙ୍ଗ୍ ମାଣ୍ଡି ଲମ୍ ଲମ୍ ଚଣ୍ଡି
କେତେ ଦେକ୍‌ଟେରେବୁସ୍ ଲୋଇଁ
ଷଏସାଟେ ଭୁଇଁଲଗେ
ପଡ଼ିଲା ଆଚେ, କେତେକ୍ ନେଟୁସ ବଇଁ। ବକ୍ ଆରି ଦାନ୍ଦର୍
(ବଗ୍ ଓ ଖଇଁଚି / ବନ୍ତ)

କାଦେ ଲୁଡ଼୍‌ବୁଡ଼୍ ବଇଁସାସୁର୍
ଜଡ୍‌କେ ପରାଇକେ
ନା ଯାଏ କେବେ ଦୂର। (କୁମ୍ଭାର ଚକ)

ଆଟ୍‌ଟା ଡଙ୍ଗରୀ ନ'ଟା ଜଲା
ଗୁଦୁଙ୍ଗ୍ ଗାଦୁଙ୍ଗ୍ କଲା

ଜଲା ଦେକି ଜନ୍ତୁ ମାରଲା
ଡାଲ୍ ମୁଲ୍ ଖାଇ ଭିରାଇ ଦେଲା ପାନି ଖାଇକରି ଗାଲା। (ଜଇ ନିଆଁ)

- ରାଜାଗର୍ ପିତଲ୍ ବଟ୍କି
ଟିଁଲେ ଫଟ୍କି । ଜଇ (ନିଆଁ)

## ଅନ୍ୟାନ୍ୟ ବିଷୟକ

- ଦାନ୍ଦା ତ ଦାନ୍ଦା
ତା'ର ଦିଟା ମୁଣ୍ଡି ଗନ୍ଦା । (ଢୋଲ)

- ଶଏ କୁଶ ଦୂରେ
ଦାଦା ବସ୍‌ଲାନି ଗରେ
କାତା ଏଲାନି ଭାଇର ସଙ୍ଗେ
ଭାଇ ଅଚେ ବଡ୍‌େ ଦୂରେ। (ଟେଲିଫୋନ୍)

- କା'ର ଦିଟା ମୁଣ୍ଡ୍
ଗରୁଟା ଆକି
ଛ'ଟା ଗଡ୍ ଆରି ଗଟେକ୍ ଲାଂଜ। (ଘୋଡ଼ା ଚଢ଼ାଳି)

- ଆଉ କଇଲେ ଆଇସି
ଜୁ' କଇଲେ ଯାଇସି। କାପାଟ୍ (କବାଟ)

- ଦେକ୍ ଦେକ୍ ସୁନ୍ଦରୀ କେ
କପାଲ୍ ତା'ର ଜଲିଲାନି
ଆକିର୍‌ପାନି ଗସ୍‌ରିଲାନି। (ମହମବତୀ)

- ଶଏଟି ଗଡ୍ ପଚିଶଟା ଗଡ୍
ନିଜର୍ ବାଟେ ଯାଇସି
ଦୁସ୍‌ରା ବାଟେ ନାଇ ଯାଇପାରେ
ହୁଇସିଲ୍ ମାରି ଚଲ୍‌ସି। (ରେଲଗାଡ଼ି)

- ଦଶଟା ଗଡ଼ ତିନ୍‌ଟା ମୁଣ୍ଡ୍
  ଗଟେ ଆଟେ ଦର୍‌ଲାନି
  ଗଟେକ୍ ଆଟ୍ ଖେଲ୍‌ଲାନି। (ହଳ କରିବା)

- ଡୋଲ୍ ପରି ପେଟ ଲମ୍‌ଟି ଢୋଲା
  ନାଇଁ ଜାନ୍‌ଲେଁ କରମ ଉନା । ('ଅ' ଅକ୍ଷର)

- ବିବାଗର ଭଜି କାଇଲି  ତାକେ ପାଇକରି ରାପି କାଇଲି। (ଖୀରି)

- ଗଟେକ୍ ଡକ୍‌ରୀ
  ଭାରେକ୍ ଦାନ୍ତୁନ୍ ଘବ୍‌ସି। (ଚୁଲି)

- ଦିନ୍‌ବେଲେ ଗୁଣ୍ଡା ଏସି
  ରାତି ବେଲେ ବାଟା ଏସି । (ଲୁଗାପଟା)

- ପାନି ଟାନୁ ଜନମ୍ ଏସି
  ପାନି ଚୁଇଁଦେଲେ ମର୍‌ସି। (ଲୁଣ)

- କୁର୍‌ଘ କୁର୍‌ଘ ଦର୍‌ଲା
  ଗଚ୍ ଟାନେ ଫଲ୍
  କେ ମାନାଇ ଚିଡ଼ାଇ ଦେଲା
  ତଲେ ନାଇ ଅଦ୍‌ରିଲା ଫଲ୍। ମୁଁ ତେଲ (ମହୁ)

- ଗାଡ୍ ବାନ୍ଦାଇଗେ  ଲୁଆର୍‌ଖମ୍
  କନ୍‌ଟା ପିଟି କନ୍‌ଟା ଚମ୍। (ଲୁଗା)

- ଅଚନ୍ କଲି ଯଚନ୍ କଲି
  କାଇନା ପାରି ପପାଡ଼ିଦେଲି। ଦାନ୍ତୁନ୍ (ଦାନ୍ତକାଠି)

- ବନ୍ଦ୍‌ପାଲିପାଲି କକ୍‌ଡ଼ା ବସେ
  ବନ୍ଦ୍‌ପାନି ଆଟିଗଲେ କକ୍‌ଡ଼ାମରେ। କୁପି (ଡ଼ିବିରି)

- ଗଟେକ୍ ପିଲା ଟୁଣ୍ଡ୍ ବର୍ତି କାଇସି
  କିନ୍ଦିରି କିନ୍ଦିରି ଅଗ୍‌ସି । ଯାତା (ଚକି)

- କାଲି ଗାଈ କାଇତେ ଯାଇସି
  ଦବ୍‌ଲାଟା ସଇତେ ଯାଇସି । ଆଙ୍ଗ୍‌ରା ଆରି ସାର୍ (ଅଙ୍ଗାର୍ ଓ ପାଉଁଶ)

- ପାଞ୍ଚ୍ ଭାଇ ହଲ୍ କସ୍‌ଲାଇ
  ଦଶ୍ ଭାଇ ପାଟା ମାରଲାଏ । ଦାନ୍ତୁନ୍ କର୍‌ବାଟା (ଦାନ୍ତ ଘସିବା)

- ପରବତ୍ ଡୁଲି ଆଇସି
  କୁପ୍‌ଲି ଆଡ଼୍ କର୍‌ସି । (ଭାତ ଗାଳିବା)

- ଆଟି ପାରା ଗାଗଡ଼୍
  କେଜ୍‌ରା ପାରା ଡଗର୍ । (ଶଗଡ଼)

- ଟିନ୍ ଭାଇ ଟିନ୍‌କେ ଟିନା
  ଗଟେକ୍ ଭାଇ ସବ୍‌କ ଜିନା । ଟୁଡୁବୁଡ଼ି (ଏକ ଚମଡ଼ା ବାଦ୍ୟ)

- ଦାର୍‌ବର୍ ଆପଟ୍‌ବାର୍ । (ସିଙ୍ଗାଣି)

- ଗଟେକ୍ ପିଲା କାନ୍‌ମୋଡ଼ିଲେ ପଲାଇସି । । ଫଟ୍‌ଫଟି (ମଟର ସାଇକେଲ)

- ଆଇତେ ଝପ୍‌ଡ଼େକ୍ ଯାଇତେ ଝପ୍‌ଡ଼େକ୍ । କପାଟ୍ (କବାଟ)

- ଆଏ ମିଲ୍‌କି ଯାଏ ମିଲ୍‌କି
  ମିଲ୍‌କରି ଖଜ୍ ନାଇଁ । (ଡଙ୍ଗ),

- ସବୁଗଚ୍ ଜୁଲ୍‌ସି
  ଗୁଆଗଚ୍ ନ ଜୁଲେ । ବିନ୍ (ହୁଙ୍କା)

- ବାଟେ ଦେକ୍‌ଲି କଟରା
  ଶଉଲଟା ଟଟ୍‌ରା । ବିନ୍ (ହୁଙ୍କା)

- ନିନିକୁଣ୍ଡେ ଜିମା ଗୁଣ୍ଡେ । (ମଦ)

- ଉତୁମ୍ ତୁମ୍ଡ଼ି ବେଲ୍ ଗାଉଁ:
  ବେଲ୍ ଗାଉଁ ବଲିକେ କଇଲାର୍ ପରୁ
  ମଲା ଡକ୍‌ରି କଇଲା । କନ୍ଦା କଡ଼୍‌ବାଟା
  (କନ୍ଦା ଖୋଳିବା)

- ଆସିଲୁକି ଦଶରଡ ବସିଲୁକି କଟେ
  ତିନିମୁଣ୍ଡ ଦଶଗଡ଼ ଦେକିଲୁସ୍‌କି ବାଟେ । (ବଳଦ ହଳର ସହ ଲୋକଟିଏ)

- ରାଜଗରମାନ୍ କାନେ ଜାଗିଆନ୍ । କପାଟ (କବାଟ)

- କାଂଜି (ଜିଂକି) ଅଚେ ମଂଜି ନାଇଁ
  ଝିକି ରପ୍‌ଲେ ଜିଏଁ ନାଇଁ ଛାଡି । (ଛତୁ)

- ଝିକିଲେ ଜିଇଁସି
  ରକିଲେ ମର୍‌ସି । ସୁଟା (ପିକା)

- ପାଲି ପାଲି ଗୁମୁରା ବାଜା
  ମଜାଇ କୁରୁମା ରାଜା । ଗୁଁ (ଘୁଅ)

- କାନ୍ ଲୁଡ଼୍‌କି ଉଜଲ୍ ବଟୀ
  ଦେଉଲ୍ ମୁଣ୍ଡେ ପାଟ୍
  ଏ ବାକ୍‌ନା ନା କଇଲେ
  ଅଇସି କାନ୍ କାଟ । ସୁଟା (ପିକା)

- ଗଟେକ୍ ମାଇଝି
  ବରଷ କେ ନୂଆ ଲୁଗା ଅଡ଼୍‌ସି । ପିଆଲାଗର୍(ଘଳ ଛପରଘର)

- ଗଟେକ୍ ପିଲା ଗର୍ ଘର୍ ବେଟ୍‌ଡି ମୁଚିବୁଲ୍‌ସି । ଗର୍ ଅସ୍‌ନା (ଘର ଓଳି)

- ଆଟେକ୍ ଗାଲି ବାଟେକ୍ ଗାଲି
  ଦବ୍‌ଲା କୁକୁଡ଼ା ଘଡ଼ି ଆଇଲି । ଥୁପ୍ (ଛେପ)

- ଆଟେ ଗାଲି ବାଟେ ଗାଲି
  ବାକ୍‌ଟା କଟରା ଉଡ଼ି ଆଇଲି।   ଖଜ୍ (ପାଦଚିହ୍ନ)

- ଆଟେ ଗାଲି ବାଟେ ଗାଲି
  ପେଟ୍‌କେ ଭାଟିଆ ନାଇଁ
  ଅଦୁନ୍ ଗଟେ ଦୁନୁ ଟେକ୍‌ଲି
  ପଟର୍ ଗଟେକ୍ ନାଇଁ।   ବିନ୍ (ହୁଙ୍କା)

- କିକିକି କରାଟ୍
  କରାଟ ବିତରେ କର୍‌ସି ନାଟ୍
  ସ... ସ... ସ..ରେ ପାନି
  ପଟେ କାମ୍ ପେଜ୍ ପାନି।   (ମଦ)

- ଚିରକ୍ ଚିପା କୁଡ଼େ ଲିପା ।   (ସଙ୍ଗାଣି)

- ଲଦ୍‌କା ଦନୁ ବୁଏଁ ବିନ୍ଧଲେ ନାକେ ପାଇସି।   (ପାଡ଼)

- କାଟାର ନା ଘଁସଟେ କୁପା କୁଡ଼ାଇସି।   ଗୁଁ (ଘୁଅ)

- ପଡ଼ାଇଲା କୁକ୍‌ଡ଼ା କେର୍ କେର୍‌ସି ।
  ଗରୁକେ ବାନ୍ଦ୍‌ବା ଟଡ଼୍‌କା ।   (ଗୋରୁଙ୍କୁ ବାନ୍ଧିବା କାଠରେ ତିଆରି ଟଡ଼କା)

- ରାମ ଲଇଖନ୍ ବନେ ଗଲାଏ ସୀତା ରାନ୍ଦି ଦେଲାସ ଜାଉ
  ତେଟି ନଇଲାର ଫଲ୍ ଆନିଦେଲେ ତେବେ ସେ କାଇସି ଜାଉ।(ଜଡ଼ା ଛତୁ)

- କାଟା ଗୁଆ ମିଟାପାନ୍
  ମାଇଜି ମନୁଷ୍‌ର ବାଇଶ୍‌ଟା କାନା ।   (ଦଶମୁଣ୍ଡ ରାବଣ ଓ ସୀତା)

- ସଟଗ୍‌ର ଟାରା ଆଟେ ଦର୍‌ଲା ପାରା ।   (ସପନ)

- ଚକଡ଼ି ବାର୍‌ସି ନ'କଡ଼ି ବିନ୍ଦନା
  କାଟ୍‌ଲେ ଚିଡ଼େ ନାଇଁ। ଘଇଁ (ଛାଇ)

- ଟେଙ୍ଗିଆ ପଡ଼୍‌ସି ଡ଼େଟ୍ ନାପଡ଼େ । କାରାଦିନେ ବାଟ୍ ଇଣ୍ଡିବାଟା
  (ଖରାଦିନେ ବାଟଚଲା)

- ଅଗନି ସରବର୍ ପେସିଲା ରାବନ୍
  ଉତ୍‌ରିଲା ମୁରୁଗଜାଇ
  ଉସିଆପନରେ ପାନି ଉତ୍‌ରିଲାନି
  ଟେକି ଦରା ମୁଣ୍ଡ୍‌ରିଗାଣ । (ମଦରାନ୍ଧିବା)

- କାସିରେ କାସା ମଜିରେ ସୁଆଦ
  ବରିଗାଲେ ପିତା । ଲୋକ୍ (ମଣିଷ)

- କୁବ୍‌ଡ଼ିକୁବ୍‌ଡ଼ି ମଇଁଷି
  ଦି'ବାଟେ ଖୀର ଦେଇସି। ଗରଅସନା (ଘର ଉଛୁନା / ଓଳି)

- ବାର୍‌ଟା ଡଙ୍ଗରି ରୁଣ୍ଡସି
  ଗଟେକ୍ ଟାନେ ବିକ୍‌ରି ଏଇସି । (ହାଟ)

ଶିକା ଉପ୍‌ରେ ସିକ୍‌ଲି
ଋନ୍ଦି ଉପ୍‌ରେ ଝୁଲା
ପାନି ବିଚ୍‌ରେ ଖେଲ୍‌ସି ଅଚେ
ଅଂସରାଳି ପିଲା। (ଜୀବନ)

ଗଟେକ୍ ଗଚେ ବାର୍‌ଟା ଫଲ୍
ଗଟେକ୍ ଫଲେ ତିର୍‌ଶା ବିଅନ୍। (ମାସ ଓ ଦିନ)

ଦେଲିଆଚେ ଟକେ
ଦେକ୍‌ବୁସ୍ ମକେ। ଲୁଟାଇବାଟା (ଝୁଣ୍ଟିହେବା)

- ଆସ୍‌ଲାକଶେକ୍ ବାଚ୍‌ଲା କଶେକ୍
ଚେଲି କାଇଲା ଗଡ଼୍‌ସା ଦଶେକ୍ । (ଅନ୍ୟ ଗାଁରୁ ଋଣ କରି ଆଣିଥିବା ଧାନକୁ
ବାଟରେ ରଖି ନିତ୍ୟକର୍ମ ସାରି ଆସିଲା ବେଳକୁ ଛେଳି ଖାଇଯିବା)

- ଆଟ୍‌ଟା ସେ କକଡ଼ି
ନଅସେ ପାନ୍ଦା
ପାନ୍ଦା ବିତ୍‌ରେ ଟିଙ୍ଗ୍‌ଡ଼ିଗାଲା
ବୁଟ୍ କୁଲି ଗାଣ୍ଡା । (ଲୁଗାବୁଣା ତନ୍ତରେ କାଣ୍ଡିଆର କାର୍ଯ୍ୟ)

- ଉପରତାଇନୁ ଆଇଲା ଲିଟି
ସବଖକେ ନେଲା ମାର୍‌ପିଟି । (ନିଦ)

- ମାର୍‌ଲିନା ତ ତକେ ନେଇ ଝକା ମକେ। (ଝୁଣ୍ଟି ହେବା)
ଅମଂଜି ମଂଜା ମଂଜି ନାଇ ତା'ର

- ଭୂଇଁନେ ଗଜା। (ଛତୁ)

- ଉଲଟା ଗୁଣ୍ଡରି ଉକାରେ ମାଟି
ଚିନ୍‌ଟା ମୁଣ୍ଡ୍ ଛଟା ଆକି। (ହଳ କରିବା)

- ପୁରାଇଲେ ପାଞ୍ଚ
ଜିକିଲେ ପନ୍ଦର। (କଙ୍କଡ଼ା ଧରିବା)

- ଚୁକ୍ ଲଗେଇ ଲଗେଇ ଗଜା ଏଇସି
ବିନ୍ ଦେକି ଦେକି ପୁରେଇସି। (ଛୁଞ୍ଚିରେ ସୂତା ପୁରାଇବା)

- ବାଙ୍କ୍‌ଟି ଟଙ୍କଟି କୁଡ଼େଇ ଗଚ୍
ବଇନେଲେ ସିନା ଯାଇସି
ଡାକି ନେଲେ ନା ଯାଏ
ପେଣ୍ଡେ ଦରି ପିଚ୍‌କି ବିତରେ ପିଚ୍‌କି ଦେଲେ
ଜୀବନ୍ ଆରାଇ ଦେଇସି। ନାଲି (ବନ୍ଧୁକ)

* ସବୁ ଗଚ୍ ପଡ଼ିସି
  ମାଲ୍‌ଗଚ୍ ନା ପଡ଼େ। — ସଡ଼କ (ରାସ୍ତା)

* ଲଗେ ଆସି ଡାକ୍‌ସି
  ଆରି ଅଟେଇସି
  ତା'ର ପଟେ ବାଆର୍ କର୍‌ସି
  ହାତ୍ ଦରି କରି ବସେଇସି
  ତା'ର ପଟେ ପୁରେଇସି। ଗାଜୁଲ୍ ବିକ୍‌ବାଲକ୍ ଗାଜୁଲ୍ଲୁ ପିନ୍ଧେଇବାଟା
  (ଚୂଡ଼ିବାଲା ଚୂଡି ପିନ୍ଧେଇବା)

* ଛଅଭାଇ ବେଟ୍‌କେ ଗାଲାଏ
  ପେଟ୍‌କେ ଭାତିଆ ନାଇଁ
  ଅଦନ୍ ଗଡ଼ନେ୍ ଦନୁ ଟେକ୍‌ଲାକ୍
  ଗଟେକ୍ ପତର୍ ନାଇଁ। — ବିନ୍ (ହୁକ୍କା)

* ଚିମ୍‌ରା ଅରେ ଉଚ୍‌କିଅଉ
  ଇକ୍ ଜାନ୍ ଜାରି
  ଲେଂଜେ ମୁଣ୍ଡେ ଚୁଚାରୀ।
  କେନେ ଜାଟାରି। — ସାପ୍ ଆରି ବାଗା
  କାତାବାର୍‌ତା (ସାପ ଓ ବାଇଗଣର କଥାବାର୍ତ୍ତା)

* ଉଲ୍‌ଟା ଗୁଣ୍ଡରି ଉକାରେ ମାଟି
  ଚିନ୍‌ଚିର୍‌କି ଛ'ଟା ଆକି। — (ହଳ କଷିବା)

* କାଳିଆ ପାଟିଆ କାଳିଆ ଦୁଲାମ୍
  ବାନ୍ଦିଲି ମେର୍‌ଦା ଗର୍
  ଶଏ ସଚର୍ ଲୋକ୍ ବସ୍‌ଲେନି
  କନ୍‌ବାଟା ଗାଲା ଚର୍। — (ପାଡ଼)

* ଉଟା ନାଲି ପୁଟା ଗଲି
  କଜି କଜି ଟାକି ଗାଲି। — (ପାଡ଼)

- ଚିପାପାକ୍ନାରେ ସିଉଟିମାରେ। (ପାଡ଼)

- ଗାଡ଼୍ନାଇଁ କେଉଟ୍ ନାଇଁ
ଚଟୁ ନାଇଁ କି ଆଉଲା ନାଇଁ
ଡାଙ୍ଗ୍ ଫଲ୍ଲାନି ଦାଇଁ ଦାଇଁ। (କାଗଜଡଙ୍ଗା)

- ରଂଗରଂଗିଆ ଚଡ଼ଇ
ନାଇଁ ମୁକେ ଡେନା କେବେ
ବାଦଲ୍କେ ଯାଇସି ଦାଇଁ। ପତାଙ୍ଗି (ଗୁଡ଼ି)

- ପରାର୍ କୁକ୍ଡ଼ା ଗଟେକ୍ ଗଡ଼ । (ଛତା)

- ମଲାଗାଏ କାନ୍ଦିଲାନି। (ଚମଡ଼ାବାଜା)

- ମଚ୍କି ମଚ୍କି ବାନ୍ଧିଲା ଗଣ୍ଠି
ଫିଟାଇବାର୍ ପିଚ୍କାଟି। (ଜାଲ)

- ଉଡ଼ିଗାଲା ବଡ଼େ ଚଡ଼ଇ
ବସିଗାଲା ଡେ଼ନା ଉସାରି
ମାଚ୍ ଦରିରେଲା ଏଲେ ନା ଖାଇଲାଇ। (ଜାଲ)

- ଚିକ୍ମା ମେରଦା ଯା' ନାଇଁ
ନନ୍ଦପୁର ପାନିଖା'ନାଇ
ଜୟପୁର ଆଟେ ଖୁନା ପେଲା ପେଲି
ବଇପାରିଗୁଡ଼ା କାଟା କୁଆନାଇଁ। (ମଦ)

- ଡେଙ୍ଗା ପାଲାଇତି ରେସି
ବୁଟି କୁଦାଇତି ରେସି। ଡଙ୍ଗା ଆରି ଚଟୁ ( ଡଙ୍ଗା ଓ ଆହୁଲା )

- ସୁତା ପାରା ଲମ୍ବି ଯାଇଛି
ମୁଟାପାରା ବସି ରଇସି। (ହାଟ)

- ପାଅଁଲକ୍ ବରଲାଇ
  ଦି'ଲକ୍ ଆପଟ୍ଲାଇ। (ସିଙ୍ଗାଣି)

- ଆଁ କଲା ବଡ଼େ ବାଗ୍
  ତା'ର ଗଡ୍ ତଲେ ସୁଆଦ୍ ସାଗ୍। (ଦାନ୍ଦରରେ ମାଛ ଲାଗିବା)

- ଟେପଁରିଆ ଚିମ୍ରା ଏଇ ରଇସି
  ଦରମ୍ମନ୍ ରାଟ୍ଟୁ କର୍ସି। ମାତିଲାଲକ୍ (ମଦ ପିଇ ମାତାଲ ହୋଇଥିବା ଲୋକ)

- ଆକେ ମାର୍ଲୋ ସେ କାନ୍ଦ୍ସି । (ମାଇକ୍)

- କାନ୍ଦା ପିଙ୍ଗିଦେଇକରି ଆଣ୍ଡିକେ ଦାରି ଆନବାୟ। (ଝାଡ଼ା ବସିବା)

- ଜିକିମିକି ଝଇଁଲା
  ଜିକି କରି ଛାଡ଼ି ଦେଲେ ସରି
  ତର୍ ନାକେ ଯାଇ ପାଇଲା। (ପାଡ଼)

- ପାନି ତ ପାନି
  ବରଷା ପାନି
  ପାନି ଉପ୍ରେ ବସ୍ଲା ଅଚେ
  ଦୁଲାଇ ଦେଇ ରାନୀ । (ଫେଣ)

- ଭଡ଼ିଟା ନିନି ଗଡ଼େ ଗୁଗୁ ଏଡ଼େ ପଟ୍
  କେନେଯାଇ ରେଲାସୁ ନିନି
  ଚଡ଼େ ରାଜା ଗର୍ ବେଟ୍। ଟୁଡୁବୁଡ଼ି (ଏକ ଛୋଟିଆ ଚମଡ଼ା ବାଦ୍ୟ)

- ଟାୟା ଉପରର ଟାୟା
  ଚିନିମୁଣ୍ଡ ଦଶଗୋଡ଼୍। ଦେକିଲୁସ୍କିରେ ବାୟା। (ହଳ କରିବା)

- ଦରୁ ଦରୁ ତଲେ ଆପ୍‌ଟି ଦେବାଏ।  (ସିଙ୍ଗାଣି)

- ଗଟେକ୍ ଡକରୀ ଗର୍ ଝରିପାଲି
  ଏକ୍ ବସ୍‌ସି। ଅସ୍‌ନା ତାନୁ ପାନି ଗସ୍‌ଇବା  (ଝଲରୁ ପାଣି ଗଡ଼ିବା)

- ଝତାରେ ଚତର
  ଚପୁଞ୍ଜା ଡର୍
  ରାଜାଗାଲା ଦାନ୍ତାଓ୍ୱାଡ଼ା ଲେଏ-ଡାଇ ଆନିସ୍ କିଏ। (ମଲାଲୋକ)

- ଦିନେକ୍ ଦି'ଟା ସାସ୍‌କେ ଠେଟି।  (ଦାନ୍ତ ଘଷି ଜିଭ ଛାଲିବା)

- ଏନେପରବତ୍ ତେନେପରବତ୍
  ମଜା ପରବତେ ମାଝ
  ମାଝର ଲକ୍ କେ ପସାରି ଦେକା
  ଅଗ୍‌ନିରେ କାଇ ଫଲ୍ କାଝ
  ଏ ଫଲକେ ବତାଇ ଦେଲେ କାଇ
  ଏ ଜଗତର ନାଚ ତୁମ୍ଭ।  (ଗର୍ଭରେ ଥିବା ସନ୍ତାନ ପୁଅ ନା ଝିଅ)

- ଶିରିପରବତେ ବାନ୍ଧିଲି ମାଝ
  କସା ଯେତେକ୍ ଜରଜର୍
  ମୁଣ୍ଡ୍ ନଇଲାର ଚିରି ପାନିଆଉ ଅଚେ
  କାଇ ଜନ୍ତୁ ବଲାଇ ଏଲା।  ଡୁମ୍ମା (ଭୂତ)

- ରସରେ.... ଡାଆକୁ ଡାଳିମ୍ବ ନାଡ଼ିଆ ଗୁଆ
  ଫଂଜରି ବିତ୍‌ରେ ଶୁଆ
  ଶୁଆରଇ ଲକ୍‌କେ ପସାରି ଦେକା
  ଅଗ୍‌ନିରେ କାଇ ଫୁଲ କାଂଝ। (ଗର୍ଭରେ ଥିବା ସନ୍ତାନ ପୁଅ ନା ଝିଅ)

- ଡଙ୍ଗରୀ ଉପ୍‌ରେ ପ୍ରଦାନିବୁଟା
  ଭେଦ୍‌ନା ନିଏଲା ବୁଟା।  ମୁଁ ଫେନା (ମହୁଫେଣା)

- ଦିନ୍ ବେଲେ ଲଖିଅପତି
  କାଏଟା ନାଇଁ ଅଇଲେ ରାତି। ଗଉଡ଼ (ଗାଈ ଜଗାଳି)

- ଚଟକ୍ ପାନି ବୁଡେକ୍ ବେଙ୍ଗ୍
  ବେଙ୍ଗ୍ କାନ୍ଦ୍‌ବାଏ ଚେଙ୍ଗ୍‌ଚେଙ୍ଗ୍ ।
  ପକ୍‌ଡ଼ି ଘନାବାଟା। (ପକୋଡ଼ି ଛାଣିବା)

- ପୁର୍‌ଲେ ପୁର୍‌ସି
  ବାର୍‌ଲେ ବାର୍‌ସି । କାପାଟ (କବାଟ)

- କାଖର୍ ପିଲା କାଖେ ରଇସି
  ପେଟର ପିଲା ଖବର୍ ଦେଇସି। ନାଲି (ବନ୍ଧୁକ)

- ଝିଲ୍ ଝାଲ୍ ମିଲ୍‌ମାଲ୍
  ଗାଗ୍‌ରି ଉପ୍‌ରେ ରାବନ୍ ଜୁକେ। କମାର ଶାଲ୍ (କମାରଶାଳ)

- ଶଏ ଗଡ଼ ସତୁରି ଦୁଇଟା ଆକି।
  ଗନି କରି କୁହା
  କେତ୍‌ଟା କୁକୁଡ଼ା କେତଟା ଆଟୀ। (୨୨ଟି କୁକୁଡ଼ା ୧୪ଟି ହାତୀ)

- ସାଟିଏ ଆଙ୍ଗ୍‌ଟି ତିନ୍‌ଟା ପିଟି
  ଦୁଇଗଡ଼ ଟାନେ ଗଲାନି ଉଟି।
  (ହନୁମାନ ନିଜ କାନ୍ଧରେ ରାମ ଓ ଲକ୍ଷ୍ମଣଙ୍କୁ ନେବା)

□□□